NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
8 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
SATURDAY
12 JULY 2025
ଶନିବାର
୧୨ ଜୁଲାଇ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 58 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୫୮ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ରାହୁଲଙ୍କ ପ୍ରତିଶ୍ରୁତି

# ଯେତେବେଳେ ଡାକିବେ, ମୁଁ ଆପଣଙ୍କ ସହ ଛିଡ଼ାହେବି

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:**

ଓଡ଼ିଶାରେ ଏବେ ବିଜେପି ମଡେଲ୍। ଜନସାଧାରଣଙ୍କ ସମ୍ପତ୍ତି ଚାଲିଛି ଲୁଟ୍। ପାଞ୍ଚରୁ ଛଅ କମ୍ପାନୀଙ୍କ ହାତରେ ରାଜ୍ୟର ଦୁର୍ମୂଲ୍ୟ ସମ୍ପତ୍ତି ଟେକି ଦିଆଯାଉଛି। ପ୍ରଥମେ ବିଜେଡି ଏହି କାମ କରୁଥିଲା, ଆଉ ଏବେ ବିଜେପି ତାହା କରୁଛି। ଗୋଟିଏ ପଟେ ରାଜ୍ୟର ଗରିବ ଲୋକ, ଦଳିତ, ଚାଷୀ, ମଜୁରିଆ ନିଜ ହକ୍ ପାଇଁ ଲଢ଼େଇ କରୁଛି, ଆଉ ଅନ୍ୟପଟେ ସେଇ ଚର୍ଚ୍ଚିତ ଆରବପତି କମ୍ପାନୀମାନଙ୍କୁ ସୁରକ୍ଷା ଦେଉଛନ୍ତି ସରକାର। ମାତ୍ର କଂଗ୍ରେସ ଓଡ଼ିଶା ଜନତାଙ୍କ ସହ ରହିଛି। ଜନତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢ଼େଇ



**ଜଳ, ଜମି, ଜଙ୍ଗଲ ଅସୁରକ୍ଷିତ, ଆଶଙ୍କାରେ ଆଦିବାସୀ**

**କ୍ଷମତାକୁ ଆସିଲେ ଆମେ 'ପେସା' ଆଇନ ଲାଗୁ କରିବୁ**

**ନିର୍ଦ୍ଦିଷ୍ଟ କମ୍ପାନୀ ସୁରକ୍ଷାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର**

ଜାରି ରଖିଛି, ଆଗକୁ ବି ଶାଣିତ ଲଢ଼େଇ ଜାରି ରହିବ। ଯେତେବେଳେ ବି ଯାହା ହେବ, ଆପଣ ମୋତେ ଡାକିଲେ ମୁଁ ପୁଣି ଆସି ଆପଣଙ୍କ ସହ ଛିଡ଼ା ହେବି। ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ଶୁକ୍ରବାର ସ୍ଥାନୀୟ ବରମୁଣ୍ଡା ଖେଳପଡ଼ିଆରେ ଆୟୋଜିତ କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ସହ ଏଆଇସିସିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଯୋଗଦେଇଥିଲେ। ବିଶାଳ ଜନସମାଗମକୁ ଉଦ୍‌ବୋଧନ ଦେଇ ରାହୁଲ ଆରମ୍ଭରୁ ▶▶ ୫

### ସଭ୍ୟ ସମାଜରେ ଲଜ୍ଜାକର ଘଟଣା

# ପ୍ରେମୀଯୁଗଳଙ୍କୁ ହଳ ବୁଲାଇଲେ



**ରାୟଗଡ଼ା,ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:**

ରକ୍ତ ସମ୍ପର୍କରେ ବିବାହ ମନା ପରମ୍ପରା ପାଳନ ନାମରେ ସଭ୍ୟ ସମାଜକୁ ଲଜ୍ଜିତ କଲା ଭଳି ଏକ ଘଟଣା ନଜରକୁ ଆସିଛି। ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମ ସମ୍ପର୍କକୁ ବିରୋଧ କରି ଗାଁର ଲୋକମାନେ କଙ୍ଗାରୁକୋର୍ଟ ବସାଇ ପ୍ରେମୀଯୁଗଳଙ୍କୁ ଚାଷଜମିରେ ହଳ କରାଇ ଦଣ୍ଡ ଦେଇଛନ୍ତି। ଏହି ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ପଞ୍ଚାୟତରେ ଏହି ଘଟଣା ଘଟିଛି। ତେବେ ଦଣ୍ଡ ଦିଆଯିବା ▶▶ ୫

**କଙ୍ଗାରୁକୋର୍ଟରେ ହୋଇଥିଲା ନିଷ୍ପତ୍ତି**

### ଆଉ ୪ ଦିନ ବଢ଼ିଲା ଆକ୍ସିଓମ୍- ମିଶନ ଅବଧି

# ୧୪ରେ ଫେରିବେ ଶୁଭାଂଶୁ ଓ ଟିମ୍



**ୱାଶିଂଟନ୍, ନୂଆଦିଲ୍ଲୀ,୧୧।୭/ଏଜେନ୍ସି:**

ମିଶନ୍ ଆକ୍ସିଓମ୍-୪ ଅନ୍ତର୍ଗତ ଅନ୍ତର୍ଜାତୀୟ ମହକାଶ କେନ୍ଦ୍ର (ଆଇଏସ୍ଏସ୍)କୁ ଯାଇଥିବା ମହାକାଶଚାରୀମାନେ ଆସନ୍ତା ୧୪ରେ ପୃଥିବୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ। ଏ ସମ୍ପର୍କରେ ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର ନାସା ପକ୍ଷରୁ ସୂଚନା ଦିଆଯାଇଛି। ନାସା ଦର୍ଶାଇଛି ଯେ ପୂର୍ବରୁ ମିଶନ୍‌ର ପ୍ରତ୍ୟାବର୍ତ୍ତନ ତାରିଖ ୧୦ ଜୁଲାଇ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ କେତେକ ଅନିବାର୍ଯ୍ୟ କାରଣ ହେତୁ ଏବେ ଏହାକୁ ଆଉ ୪ ଦିନ ବୃଦ୍ଧି କରାଯାଇଛି। ତେବେ ଏହି ତାରିଖ ଡ୍ରାଗନ୍ କ୍ୟାପ୍‌ସୁଲ୍‌ର ସଫଳ ▶▶ ୫

# ବିଜେପି ରାଷ୍ଟ୍ରୀୟ ସଙ୍ଗଠନ ମନ୍ତ୍ରୀ ବିଏଲ୍ ସନ୍ତୋଷଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:**



ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେପି ରାଷ୍ଟ୍ରୀୟ ସଙ୍ଗଠନ ମନ୍ତ୍ରୀ ବିଏଲ୍ ସନ୍ତୋଷଜୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ, ବିକାଶ ଯୋଜନା ଓ ଭବିଷ୍ୟତ ରୂପରେଖ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଏଥି ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସନ୍ତୋଷଜୀଙ୍କୁ 'ଓଡ଼ିଶା ଭିଜନ୍ ବୁକ୍' ପ୍ରଦାନ କରିଛନ୍ତି। ସେ ଏହା ନିଜ ଏକ୍ସ ଆକାଉଣ୍ଟ ଜରିଆରେ ସ୍ପଷ୍ଟ କରିଛନ୍ତି।

# ଅଗଷ୍ଟ ୯ରେ ସୁଭଦ୍ରା ୩ୟ କିସ୍ତି

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:**

ଆସନ୍ତା ରାଖୀ ପୂର୍ଣ୍ଣମୀରେ ରାଜ୍ୟର କୋଟିଏରୁ ଅଧିକ ମହିଳାଙ୍କ ଖାତାକୁ ଆସିବ ସୁଭଦ୍ରା ଯୋଜନାର ୩ୟ କିସ୍ତି ଟଙ୍କା। ପୂର୍ବରୁ ୨ଟି ପର୍ଯ୍ୟାୟରେ ୧୦ ହଜାର ଟଙ୍କା ମିଳିସାରିଛି। ଅଗଷ୍ଟ ୯ରେ ୩ୟ କିସ୍ତି ଟଙ୍କା ଆସିଲେ ମୋଟ ୧୫ ହଜାର ଟଙ୍କା ଖାତାକୁ ଆସିବ। ତେବେ ଉକ୍ତ କିସ୍ତି ଟଙ୍କା କେବଳ ଯୋଗ୍ୟ ହିତାଧିକାରୀ ହିଁ ପାଇବେ। ଅଯୋଗ୍ୟ ହିତାଧିକାରୀ ଆବେଦନ କଲେ ନାଁ ସରକାର କାଟିଦେବେ । ଦ୍ୱିତୀୟ କିସ୍ତି ଟଙ୍କା ମାର୍ଚ୍ଚ ୮ତାରିଖରେ ମହିଳାଙ୍କ ଖାତାକୁ ଆସିଥିଲା। ତେବେ ସୁଭଦ୍ରା ଯୋଜନାରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଘର ଘର ବୁଲି ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଥିଲେ।

### ପ୍ରଥମ ଥର ପାଇଁ ୱାର୍ଲଡ୍ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍

# ଭାଗନେବେ ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍




**ଆମ ପାଇଁ ଗର୍ବ ଓ ଗୌରବର ବିଷୟ: କ୍ରୀଡ଼ା ମନ୍ତ୍ରୀ**

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବ ୱାର୍ଲଡ୍ ଆଥଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ (ବ୍ରୋଞ୍ଜ ଲେଭଲ୍)। ଅଗଷ୍ଟ ୧୦ରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଶୁକ୍ରବାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରତିଯୋଗିତାରେ ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, ରିପବ୍ଲିକ ଅଫ୍ କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଳଦ୍ୱୀପ ଆଦି ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ।

ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ, ▶▶ ୫

## ୪୯ ହଜାର କୋଟି ଟଙ୍କାର ଠକେଇ ମାମଲା

# ପିଏସିଏଲ୍ ନିର୍ଦ୍ଦେଶକ ଗିରଫ



**ଲକ୍ଷ୍ନୌ, ୧୧/୭/ଏଜେନ୍ସି:** ବହୁଚର୍ଚ୍ଚିତ ପର୍ଲ ସ୍କିମ୍ ଦୁର୍ନୀତି ମାମଲାରେ ମୁଖ୍ୟ ଅଭିଯୁକ୍ତ ପିଏସିଏଲ୍ ନିର୍ଦ୍ଦେଶକଙ୍କୁ ଆଜି ଗିରଫ କରାଯାଇଛି। ପର୍ଲ ସ୍କିମ୍ ଭଳି ଏକ ଆର୍ଥିକ ଯୋଜନା ମାଧ୍ୟମରେ ଦେଶର ପ୍ରାୟ ୫ କୋଟି ଲୋକଙ୍କ ଠାରୁ ୪୯ ହଜାର କୋଟିରୁ ଅଧିକ ଟଙ୍କା ଠକିଥିବା ପର୍ଲ୍ସ ଆଗ୍ରୋ ଟେକ୍ କର୍ପୋରେସନ ଲିମିଟେଡ୍ (ପିଏସିଏଲ) ନାମକ କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ଗୁରନାମ ସିଂହଙ୍କୁ ଉତ୍ତରପ୍ରଦେଶର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପଞ୍ଜାବ ରୋପାର ଜିଲ୍ଲାରୁ ଗିରଫ କରିଛି। ଏହି ଠକେଇ ଦେଶର ସବୁଠୁ ବଡ଼ ଠକେଇ ଘଟଣା ମଧ୍ୟରୁ ଅନ୍ୟତମ। କିଛି ଦିନ ପୂର୍ବେ ଫିଜିରୁ ପ୍ରତ୍ୟର୍ପଣ ହୋଇ ଭାରତ ଆସିଥିବା ହରଚନ୍ଦ ସିଂହ ଗିଲ୍ଙ୍କୁ ସିବିଆଇ ଗିରଫ କରିଥିଲା। ପ୍ରକାଶ, ପିଏସିଏଲ୍ ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ ଲୋକଙ୍କ ଠାରୁ ପର୍ଲ ସ୍କିମ୍ ଜରିଆରେ ଟଙ୍କା ସଂଗ୍ରହ କରୁଥିଲା। ୨୦୧୧ ମସିହା ଏବଂ ଏହା ପରବର୍ତ୍ତୀ ସମୟରେ ଉତ୍ତରପ୍ରଦେଶ, ଆସାମ, ପଞ୍ଜାବ, ରାଜସ୍ଥାନ, ଦିଲ୍ଲୀ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, କେରଳ, ବିହାର ଏବଂ ଛତିଶଗଡ଼ ଆଦି ୧୦ ରାଜ୍ୟରୁ ନିବେଶକମାନଙ୍କଠାରୁ ମୋଟ୍ ୪୯ ହଜାର କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିଥିଲା। ପରେ ସଂସ୍ଥା ସମସ୍ତ ସ୍କିମ୍ ବନ୍ଦ କରି ଫେରାର ହୋଇଯାଇଥିଲା। ଉଭୟ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମାମଲାର ତଦନ୍ତ କରୁଛନ୍ତି। ପୂର୍ବରୁ ଏହି ମାମଲାରେ ୪ ଜଣଙ୍କୁ ସିବିଆଇ ଗିରଫ କରିସାରିଥିବା ବେଳେ କେବଳ ଗୁରନାମ ଫେରାର ଥିଲେ।

# କାନାଡା ଉପରେ ୩୫% ଟାରିଫ୍ ଲଗାଇଲେ ଟ୍ରମ୍ପ



**ୱାଶିଂଟନ, ୧୧/୭/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ଉପରେ ୩୫% ଉତ୍ପାଦ ଶୁଳ୍କ ଲାଗୁ ସମ୍ପର୍କରେ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଘୋଷଣା ଅନୁସାରେ ଆସନ୍ତା ମାସ ଅର୍ଥାତ୍ ଅଗଷ୍ଟ ୧ରୁ କାନାଡାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ୩୫% ଟାରିଫ୍ ଲଗାଇବ। ସେ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନେଙ୍କୁ ଏନେଇ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ମାଧ୍ୟମରେ ମଧ୍ୟ ଅବଗତ କରାଇଛନ୍ତି। ଟ୍ରମ୍ପ ଏହି ଅବସରରେ ପରୋକ୍ଷରେ କାନାଡାକୁ ଚେତାବନୀ ମଧ୍ୟ ଦେଇଛନ୍ତି। ଟ୍ରମ୍ପ, କାର୍ଣ୍ଣିଙ୍କୁ କହିଛନ୍ତି ଯେ, ଯଦି କାନାଡା ଏହାର ପ୍ରତିଶୋଧ ନିଏ, ତେବେ ଟାରିଫ୍ ଆହୁରି ବୃଦ୍ଧି କରାଯିବ। ଟ୍ରମ୍ପ ନିକଟ ଦିନରେ ତାଙ୍କ ବାଣିଜ୍ୟ ଯୁଦ୍ଧକୁ ଆହୁରି ବିସ୍ତାର କରିଛନ୍ତି। ସେ ଜାପାନ ଏବଂ ଦକ୍ଷିଣକୋରିଆ ଭଳି ମିତ୍ର ରାଷ୍ଟ୍ରଗୁଡ଼ିକ ସମେତ ଅନେକ ଦେଶ ଉପରେ ନୂଆ ଟାରିଫ୍ ଲଗାଇଛନ୍ତି। ଏଥି ସହିତ ସେ ତମ୍ବା ଉପରେ ୫୦% ଟାରିଫ୍ ଘୋଷଣା କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯେଉଁ ବାଣିଜ୍ୟ ଅଂଶୀଦାର ଦେଶମାନେ ଏପର୍ଯ୍ୟନ୍ତ ଏଭଳି ଚିଠି ପାଇ ନାହାଁନ୍ତି, ସେମାନଙ୍କ ଉପରେ ମଧ୍ୟ ସାଧାରଣତଃ ୧୫% କିମ୍ବା ୨୦% ଟାରିଫ ଲଗାଯିବ। ସେ କହିଛନ୍ତି, "ସମସ୍ତେ ଚିଠି ପାଇବା ଆବଶ୍ୟକ ନୁହେଁ। ବାକି ରହିଥିବା ଦେଶଗୁଡ଼ିକ ୧୫% କିମ୍ବା ୨୦% ଟାରିଫ୍ ଦେବେ। ତେବେ ଟ୍ରମ୍ପଙ୍କ ଏହି ନୂଆ ଟାରିଫ ନୀତି ବିଶ୍ୱ ବାଣିଜ୍ୟରେ ବଡ଼ ଧରଣର ପରିବର୍ତ୍ତନ ଆଣିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

# ବସ୍ ଉପରକୁ ଗୁଳିମାଡ଼, ପରିଚୟ ପଚାରି ୯ ଜଣଙ୍କୁ ହତ୍ୟା

**ଇସଲାମାବାଦ, ୧୧/୭/ଏଜେନ୍ସି:** ପାକିସ୍ତାନ ବିରୋଧରେ ବଲୁଚ ବିଦ୍ରୋହୀ ଏବେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଗତ କିଛି ଦିନ ଧରି ଏମାନେ ପାକିସ୍ତାନ ସେନା, ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରିଆସୁଥିବା ବେଳେ ଶୁକ୍ରବାର ଏକ ବସ୍ ଉପରେ ଆକ୍ରମଣ କରିଛନ୍ତି। ଏପରିକି ବସ୍‌ରେ ଥିବା ଯାତ୍ରୀମାନଙ୍କୁ ସେମାନଙ୍କ ପରିଚୟ ପଚାରି ୯ ଜଣଙ୍କୁ ହତ୍ୟା କରିଛନ୍ତି। ଯଦିଓ ଏହି ଘଟଣା ପାଇଁ ବଲୁଚ ନିଜକୁ ସିଧାସଳଖ ଦାୟୀ କରିନାହିଁ କିନ୍ତୁ ଘଟଣାର ରୂପରେଖ ଦେଖିବା ପରେ ଏସବୁ ପଛରେ ବଲୁଚ ବିଦ୍ରୋହୀ ଗୋଷ୍ଠୀ ଥିବା ଅନୁମାନ କରାଯାଉଛି। ଶୁକ୍ରବାର ପାକ୍ ଅଧିକାରୀମାନେ କହିଛନ୍ତି, ପାକିସ୍ତାନର ଦକ୍ଷିଣ-ପଶ୍ଚିମ ବଲୁଚିସ୍ତାନ ପ୍ରଦେଶରେ ସଶସ୍ତ୍ର ଲୋକମାନେ ୯ ବସ୍ ଯାତ୍ରୀଙ୍କୁ ଅପହରଣ କରିବା ପରେ ହତ୍ୟା କରିଛନ୍ତି। ପ୍ରାଦେଶିକ ସରକାରଙ୍କ ମୁଖପାତ୍ର ଶାହିଦ ରିନ୍ଦ କହିଛନ୍ତି ଯେ ଗୁରୁବାର ସନ୍ଧ୍ୟାରେ ଯାତ୍ରୀମାନଙ୍କୁ ଅନେକ ବସ୍‌ରୁ ଅପହରଣ କରାଯାଇଥିଲା। ଶୁକ୍ରବାର ସମସ୍ତ ଅପହୃତ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଚ୍ଛିନ୍ନତାବାଦୀ ବାଲୁଚ୍ ଆତଙ୍କବାଦୀମାନେ ଅତୀତରେ ଏପରି ଘଟଣାରେ ଜଡିତ ଅଛନ୍ତି। ଏମାନେ ପୂର୍ବ ପଞ୍ଜାବ ପ୍ରଦେଶରୁ ଆସୁଥିବା ଯାତ୍ରୀମାନଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ହତ୍ୟା କରିଛନ୍ତି। ଖଣିଜ ସମୃଦ୍ଧ ଅଞ୍ଚଳ ଆଫଗାନିସ୍ତାନ ଏବଂ ଇରାନ ସୀମାବର୍ତ୍ତୀ ଅଞ୍ଚଳରେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା ଅନେକ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରୁ ବଲୁଚ୍ ମୁକ୍ତି ସେନା ସବୁଠାରୁ ଶକ୍ତିଶାଳୀ ହୋଇଥିବା ବେଳେ ଏମାନେ ପଞ୍ଜାବ ପ୍ରଦେଶରେ ଖର୍ଚ୍ଚ ପାଇଁ ପାଣି ଯୋଗାଇବା ପାଇଁ ପାକିସ୍ତାନ ସେମାନଙ୍କର ଆଞ୍ଚଳିକ ସମ୍ବଳ ଚୋରି କରୁଥିବା ଅଭିଯୋଗ ଆଳରେ ଶସ୍ତ୍ର ଉଠାଇଛନ୍ତି।



# ଭାରତରେ ପ୍ରଥମ ଶୋ'ରୁମ୍ ଖୋଲିବ ଟେସ୍‌ଲା




**ମୁମ୍ବାଇ, ୧୧/୭/ଏଜେନ୍ସି:** ଆଉ ମାତ୍ର ୪ ଦିନ ପରେ ଆମେରିକୀୟ ବୈଦ୍ୟୁତିକ କାର କମ୍ପାନି ଟେସ୍‌ଲା ନିଜର ପ୍ରଥମ ସୋ'ରୁମ୍ ଭାରତରେ ଖୋଲିବାକୁ ଯାଉଛି। ରିପୋର୍ଟ ଅନୁସାରେ କମ୍ପାନୀ ମୁଖ୍ୟ ଏଲନ୍ ମସ୍କ, ଭାରତରେ ପ୍ରଥମ ଶୋ'ରୁମ୍ ପାଇଁ ମୁମ୍ବାଇର ବାନ୍ଦ୍ରା ଭଳି ଏକ ଜନବହୁଳ ଅଞ୍ଚଳକୁ ବାଛିଛନ୍ତି। ଫଳରେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି)ରେ ଟେସ୍‌ଲାର ନୂଆ ଶୋ'ରୁମ୍ ଖୋଲିବାକୁ ଯାଉଛି। ୧୫ ତାରିଖରେ ଏହାର ଶୁଭଉନ୍ମୋଚନ ହେବ ବୋଲି ଜଣାପଡିଛି। ବିଭିନ୍ନ ସମୟରେ ଭାରତୀୟ ରାସ୍ତାରେ ଟେସଲା କାରଗୁଡ଼ିକୁ ଅନେକ ଥର ଦେଖାଯାଇଥିଲା, କିନ୍ତୁ ଭାରତରେ ଆଜି ପର୍ଯ୍ୟନ୍ତ ଏହାର ଗୋଟିଏ ହେଲେ ଶୋ'ରୁମ୍ ନଥିଲା। ତେବେ ଏହି ନୂଆ ଶୋ'ରୁମ୍ ସହ ଟେସ୍‌ଲା ଭାରତରେ ଏହାର ଆନୁଷ୍ଠାନିକ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। ଏହି ଶୋ'ରୁମ୍ ଆରମ୍ଭ ହେବା ସହିତ, ଦକ୍ଷିଣ ଏସିଆରେ ଟେସ୍‌ଲା ଆନୁଷ୍ଠାନିକ ଭାବେ ଭାରତରେ ପ୍ରବେଶ କରିବ। ପ୍ରାୟ ୪୦୦୦ ବର୍ଗଫୁଟ ପରିସର ବିଶିଷ୍ଟ ଏହି ପ୍ରଥମ ଟେସଲା ସୋ'ରୁମର କାମ ଶେଷ ପର୍ଯ୍ୟାୟରେ ଥିବା ଜଣାପଡିଛି। ମୁମ୍ବାଇ ପରେ, ଟେସ୍‌ଲା ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ଏହାର ପରବର୍ତ୍ତୀ ଶୋ'ରୁମ୍ ଖୋଲିବ। ଏବେ ଟେସ୍‌ଲା ମୁମ୍ବାଇ ଏବଂ ପୁଣେରେ ବିଭିନ୍ନ ପଦବୀ ପାଇଁ ପିଲା ଖୋଜିବା ଆରମ୍ଭ କରିଛି।

# ଗାଜା ଉପରେ ଇସ୍ରାଏଲ୍‌ର ଆଉ ଏକ ଭୟଙ୍କର ଆକ୍ରମଣ
## ୧୦ ପିଲାଙ୍କ ସମେତ ୬୬ ମୃତ



**ଗାଜାଷ୍ଟ୍ରିପ୍, ୧୧/୭/ଏଜେନ୍ସି:** ଇସ୍ରାଏଲ୍ ପକ୍ଷରୁ ଗାଜା ଷ୍ଟ୍ରିପ୍‌ରେ ଆକ୍ରମଣ ଜାରି ରହିଛି। ଗୁରୁବାର ବିଳମ୍ବିତ ରାତିରେ ମଧ୍ୟ ଇସ୍ରାଏଲ ସେନା ଏଠାରେ ଭୟଙ୍କର ମିସାଇଲ୍ ତଥା ବୋମାମାଡ଼ କରିଛନ୍ତି। ଏଥିରେ ବିଭିନ୍ନ ପ୍ରାନ୍ତରୁ ୬୬ଜଣ ମୃତ୍ୟୁବରଣ କରିଥିବା କୁହାଯାଇଛି। ସେହିପରି ଇସ୍ରାଏଲର ଆକ୍ରମଣ ଅନ୍ତର୍ଗତ ଗାଜାର ଏକ ମେଡିକାଲ୍ ସେଣ୍ଟର ବା କ୍ଲିନିକ୍ ବାହାରେ ଏକ ମିସାଇଲ୍ ମାଡ଼ ହୋଇଥିଲା। ଏଥିରେ ୧୦ ପିଲାଙ୍କ ସମେତ ପ୍ରାୟ ୧୫ଜଣ ପ୍ରାଣ ହରାଇଛନ୍ତି। ଜାତିସଂଘର ଶିଶୁ ଓ ମହିଳା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଅନୁଯାୟୀ, ମୃତକଙ୍କ ମଧ୍ୟରେ ଏକ ନବଜାତକ ଶିଶୁ ମଧ୍ୟ ସାମିଲ ରହିଛି। ସେହିପରି ଡେଇର୍ ଅଲ୍-ବାଲାହରେ ଆକ୍ରମଣରେ ୧୭ ଜଣ ନିହତ ହୋଇଥିଲେ। ଏମାନେ ସମସ୍ତେ ସ୍ୱାସ୍ଥ୍ୟ କ୍ଲିନିକ୍ ବାହାରେ ପୁଷ୍ଟିକର ପରିପୂରକ ଗ୍ରହଣ କରିବା ପାଇଁ ଧାଡ଼ିରେ ଠିଆ ହୋଇଥିବା ସମୟରେ ଏମାନଙ୍କ ଉପରେ ଆକ୍ରମଣ ହୋଇଥିଲା ଯେଉଁଥିରେ ୧୦ ପିଲା ଓ ୨ ମହିଳା ମଧ୍ୟ ପ୍ରାଣ ହରାଇଛନ୍ତି। ଜାତିସଂଘ ମାନବାଧିକାର କମିଶନ ପକ୍ଷରୁ ଇସ୍ରାଏଲର ଏହି ଆକ୍ରମଣକୁ 'ଅନ୍ତର୍ଜାତୀୟ ମାନବିକ ଆଇନର ଘୋର ଉଲ୍ଲଂଘନ' ବୋଲି ବର୍ଣ୍ଣନା କରାଯାଇଛି। ଜାତିସଂଘ ଦର୍ଶାଇଛି ଇସ୍ରାଏଲ ଗାଜାକୁ ଏକ ଶ୍ମଶାନରେ ପରିଣତ କରିଛି ଯେଉଁଠାରେ କେବଳ ନୀରିହ ଛୋଟ ପିଲାଙ୍କ କବର ଦେଖିବାକୁ ମିଳୁଛି। ଇସ୍ରାଏଲ ଏଠାରେ ନିଜ ସାମରିକ ଅଭିଯାନକୁ ଏପ୍ରକାର ବିସ୍ତାର କରିଛି, ଯେଉଁଠାରେ ଯୁଦ୍ଧ ୨୦ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଭୟଙ୍କର ମାନବିକ ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷରେ, ଦକ୍ଷିଣ ସହର ରାଫାରେ ଏକ ସହାୟତା କେନ୍ଦ୍ର ନିକଟରେ ଇସ୍ରାଏଲୀୟ ନାଗରିକଙ୍କ ଉପରେ ଗୁଳିଚାଳନା ଯୋଗୁଁ ଜଣେ ମହିଳା ସମେତ ତିନି ଜଣ ପ୍ରାଣ ହରାଇଛନ୍ତି, ନାଗରିକ ସୁରକ୍ଷା ଏଜେନ୍ସି ରିପୋର୍ଟ କରିଛି।

# 'ଅପରେସନ୍ ସିନ୍ଦୂର' ଭାରତ ପାଇଁ ଗର୍ବ



**ନୂଆଦିଲ୍ଲୀ, ୧୧/୭/ଏଜେନ୍ସି:** 'ଅପରେସନ୍ ସିନ୍ଦୂର' ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହା ଭାରତୀୟ ସେନାର ଦକ୍ଷତା, ସାମର୍ଥ୍ୟ ତଥା ପରାକ୍ରମର ଏକ ବଳିଷ୍ଠ ନିଦର୍ଶନ। ଏହାକୁ ନେଇ କାହା ମନରେ ସଂଶୟ ରହିବା ଉଚିତ୍ ନୁହେଁ। ବିଦେଶୀ ଗଣମାଧ୍ୟମଗୁଡ଼ିକ ଅପରେସନ୍ ସିନ୍ଦୂର'କୁ ନେଇ ଉଠଉଥିବା ପ୍ରଶ୍ନ ତଥା ସନ୍ଦେହ ଉପରେ ପ୍ରତିକ୍ରିୟା ରଖି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ୍ ନିଜ ପ୍ରତିକ୍ରିୟାରେ ଏପରି କହିଛନ୍ତି। ଆଇଆଇଟି ମାଡ୍ରାସର ୬୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ଡୋଭାଲ୍ 'ଅପରେସନ୍ ସିନ୍ଦୂର'କୁ ପ୍ରଶଂସା କରିବା ସହ ସିଧାସଳଖ ପାକିସ୍ତାନର ଆକ୍ରମଣରେ ଭାରତର କ୍ଷତି ହୋଇଥିବା ଭଳି ବିଦେଶୀ ଗଣମାଧ୍ୟମ ରିପୋର୍ଟକୁ ମଧ୍ୟ ସିଧାସିଧା ଖାରଜ କରିଛନ୍ତି। ଏହି ଅବସରରେ ଡୋଭାଲ୍ କହିଛନ୍ତି, ପାକିସ୍ତାନର ମିସାଇଲ୍ ମାଡ଼ରେ ଭାରତର ଅନେକ କ୍ଷତି ହୋଇଥିବା ନେଇ ବିଦେଶୀ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଉଥିବାର ସେ ଜାଣିବାକୁ ପାଇଛନ୍ତି। କିନ୍ତୁ ସେ ସେସବୁ ଗଣମାଧ୍ୟମଗୁଡ଼ିକୁ ଦୃଢ଼ତାର ସହ ଚ୍ୟାଲେଞ୍ଜ କରୁଛନ୍ତି ଯେ, ଏଭଳି ଗୋଟିଏ ପ୍ରମାଣ ସାମ୍ନାକୁ ସେମାନେ ଆଣନ୍ତୁ ଯାହାକି ଭାରତୀୟ କ୍ଷତିକୁ ପ୍ରମାଣିତ କରୁଥିବ। କିଛି ନହେଲେ ବିଦେଶୀ ଗଣମାଧ୍ୟମଗୁଡ଼ିକ ଯାହା (ଚୀନ୍ ଉଦ୍ଦେଶ୍ୟରେ) କଥାରେ ପଡି ବା ମୋଟା ଟଙ୍କା ନେଇ ଭାରତ ବିରୋଧରେ ଏପ୍ରକାର ଅପପ୍ରଚାର କରୁଛନ୍ତି ସେମାନେ ତାହା ଠାରୁ ଅନ୍ତତଃ ଗୋଟିଏ ସାଟେଲାଇଟ୍ ଫଟୋ ହାସଲ କରନ୍ତୁ ଏବଂ ତାହାକୁ ପ୍ରମାଣ ଭାବେ ପ୍ରଦର୍ଶିତ କରିବାର ସାହସ ଦେଖାନ୍ତୁ। ଡୋଭାଲ୍ ଏହି ଅବସରରେ ସ୍ପଷ୍ଟ କରିଛନ୍ତି ଯେ, ପାକିସ୍ତାନର ଆକ୍ରମଣରେ ଭାରତର ବଡ଼ କ୍ଷତି ହେବା ବହୁଦୂରର କଥା ସାମାନ୍ୟ କାଚଟିଏ ମଧ୍ୟ ଭାଙ୍ଗିନାହିଁ। ବିଦେଶୀ ଗଣମାଧ୍ୟମ ଅପରେସନ୍ ସିନ୍ଦୂର' ସମ୍ପର୍କରେ କେବଳ ମିଥ୍ୟା ଖବର ହିଁ ପ୍ରସାରଣ କରିଛି ଯାହାକି କେବ ଉଦ୍ଦେଶ୍ୟ ପ୍ରଣୋଦିତ। ଡୋଭାଲ୍ ଅପରେସନ୍ ସିନ୍ଦୂର'ର ଏକ ପ୍ରମୁଖ ଅଂଶ ଭାବରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ ଉନ୍ନତ ରାଡାର ସମେତ ସ୍ୱଦେଶୀ ସାମରିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଡୋଭାଲ୍ କହିଛନ୍ତି, "ଟେକ୍ନୋଲୋଜି ଏବଂ ୱାରଫେୟର ମଧ୍ୟରେ ସମ୍ପର୍କ ସର୍ବଦା ଗୁରୁତ୍ୱପୂର୍ଣ୍ଣ । ଆମେ 'ଅପରେସନ୍ ସିନ୍ଦୂର' ନେଇ ଗର୍ବିତ। ଆମେ ଗର୍ବିତ ଯେ ଏହି ଅପରେସନ୍ ସମୟରେ ଆମେ ସ୍ୱଦେଶୀ ଟେକ୍ନୋଲୋଜି ବ୍ୟବହାର କରିଥିଲୁ। ଆମେ ସୀମା ଆରପାରିରେ ୯ ପାକିସ୍ତାନୀ ଘାଟି ଉପରେ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମର ସମସ୍ତ ଲକ୍ଷ୍ୟ ସଠିକ୍ ଥିଲା । ପାକିସ୍ତାନର ସାଧାରଣ ଲୋକଙ୍କୁ କୌଣସି କ୍ଷତି ନପହଞ୍ଚାଇ ଆମେ କେବଳ ୨୩ ମିନିଟ୍ ମଧ୍ୟରେ ଆତଙ୍କବାଦୀ ଘାଟିଗୁଡ଼ିକୁ ଧ୍ୱଂସ କରିଥିଲୁ ଏବଂ ଅପରେସନ୍‌କୁ ସଫଳ କରିଥିଲୁ।"

## ରୋଜଗାର ମେଳା: ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନବନିଯୁକ୍ତ ଯୁବପିଢ଼ିଙ୍କୁ ମିଳିବ ନିଯୁକ୍ତି ପତ୍ର

# ୫୧,୦୦୦ରୁ ଅଧିକ ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୧/୭/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧:୦୦ ଘଟିକାରେ ଭିଡ଼ିଓ କନଫରେନ୍ସିଙ୍ଗ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନିଯୁକ୍ତି ପାଇଥିବା ନବନିଯୁକ୍ତ ଯୁବପିଢ଼ିଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିବେ। ଏହି ଅବସରରେ ସେ ନବନିଯୁକ୍ତମାନଙ୍କୁ ସମ୍ବୋଧନ ମଧ୍ୟ କରିବେ। ରୋଜଗାର ମେଳା, ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ଅଗ୍ରାଧୀକାର ପ୍ରଦାନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶୃତିକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଯୁବପିଢ଼ିଙ୍କୁ ଏକ ସାର୍ଥକ ଅବସର ପ୍ରଦାନ କରି ସେମାନଙ୍କ ସଶକ୍ତିକରଣ ଓ ରାଷ୍ଟ୍ର ନିର୍ମାଣରେ ଅଂଶଗ୍ରହଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବାରେ ରୋଜଗାର ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସମଗ୍ର ଦେଶରେ ଏପର୍ଯ୍ୟନ୍ତ ୧୦ ଲକ୍ଷ ଠାରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି।

୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଆୟୋଜିତ ହେବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଗୁଡିକରେ ଏହି ନିଯୁକ୍ତି କରାଯାଉଛି। ଦେଶର ବିଭିନ୍ନ ସ୍ଥାନରୁ ମନୋନୀତ ନବନିଯୁକ୍ତମାନେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଶ୍ରମ ଓ କର୍ମନିଯୁକ୍ତି ମନ୍ତ୍ରଣାଳୟ ସହିତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ଯୋଗଦେବେ।

ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ୧୬ତମ ରୋଜଗାର ମେଳାରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ପୂର୍ବତଟ ରେଳବାଇର ବିଶାଖାପାଟଣା ଏବଂ ସମ୍ବଲପୁର ଡିଭିଜନରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବନ୍ୟା ଏବଂ ଭୂସ୍ଖଳନଜନିତ କ୍ଷୟକ୍ଷତି

# ୬ ରାଜ୍ୟକୁ ୧,୦୬୬ କୋଟି କେନ୍ଦ୍ରୀୟ ସହାୟତା



**ନୂଆଦିଲ୍ଲୀ, ୧୧/୭/ଏଜେନ୍ସି:** ଗତ କିଛି ସପ୍ତାହ ମଧ୍ୟରେ ଲଗାଣ ବର୍ଷା ଓ ଭୂସ୍ଖଳନ ଭଳି ଘଟଣାରେ ପ୍ରଭାବିତ ୬ ରାଜ୍ୟଙ୍କ ପାଇଁ କେନ୍ଦ୍ର ସରକାର ପ୍ରାୟ ୧,୦୬୬ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ରିପୋର୍ଟ ଅନୁସାରେ ସରକାରଙ୍କଠାରୁ ଆର୍ଥିକ ସହାୟତା ପାଇଥିବା ଏହି ୬ ରାଜ୍ୟ ମଧ୍ୟରେ ଉତ୍ତରାଖଣ୍ଡ, ଆସାମ, କେରଳ, ମଣିପୁର, ମେଘାଳୟ ଏବଂ ମିଜୋରାମ ଆଦି ସାମିଲ ଅଛନ୍ତି। ଉତ୍ତରାଖଣ୍ଡ ସର୍ବାଧିକ ୪୫୫.୬୦ କୋଟି ଟଙ୍କା ପାଇଛି। ସେହିପରି ଆସାମକୁ ୩୭୫.୬୦ କୋଟି ଟଙ୍କା ଏବଂ କେରଳକୁ ୧୫୩.୨୦ କୋଟି ଟଙ୍କା ମିଳିଛି। ବାକି ୮୧.୬୦ କୋଟି ଟଙ୍କାକୁ ମଣିପୁର, ମେଘାଳୟ ଏବଂ ମିଜୋରାମ ମଧ୍ୟରେ ଯଥାକ୍ରମେ ୨୯.୨୦ କୋଟି, ୩୦.୪୦ କୋଟି ଏବଂ ୨୨.୮୦ କୋଟି ଟଙ୍କା ଭାବେ ଆବଣ୍ଟିତ କରାଯାଇଛି।

କେନ୍ଦ୍ର ସରକାର ଚଳିତ ବର୍ଷ ମୌସୁମୀ ସମୟରେ ବନ୍ୟା ଏବଂ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ୬ଟି ରାଜ୍ୟ ପାଇଁ ୧,୦୬୬ କୋଟି ଟଙ୍କାରୁ ଅଧିକ ସହାୟତା ମଞ୍ଜୁର କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସ୍‌ଡିଆର୍‌ଏଫ୍) ଅଧୀନରେ କେନ୍ଦ୍ରର ଅଂଶ ଭାବରେ ଏହି ସହାୟତା ରାଶି ଜାରି କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦର୍ଶାଇଛି ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟଗୁଡ଼ିକୁ ସାହାଯ୍ୟ କରିବା ପାଇଁ କେନ୍ଦ୍ର ସମ୍ପୂର୍ଣ୍ଣ ପ୍ରତିବଦ୍ଧ। 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, କେନ୍ଦ୍ର ସରକାର ଏହି ବିପଦ ସମୟରେ ସମସ୍ତ ରାଜ୍ୟ ସହିତ ଦୃଢ଼ ଭାବରେ ଠିଆ ହୋଇଛି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ଏହି ଆର୍ଥିକ ସହାୟତା ମଞ୍ଜୁରୀ ସହ ଚଳିତ ବର୍ଷ ଏପର୍ଯ୍ୟନ୍ତ, କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏନ୍‌ଡିଆରଏଫ୍) ରୁ ୧୨ଟି ରାଜ୍ୟକୁ ପ୍ରାୟ ୧୯୮୮.୯୧ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସ୍‌ଡିଆରଏଫ୍)ରୁ ୧୪ଟି ରାଜ୍ୟ ପାଇଁ ୬,୧୬୬ କୋଟି ଟଙ୍କା ପ୍ରଦାନ କରିସାରିଛନ୍ତି। ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଅତିରିକ୍ତ ପାଣ୍ଠି ମଧ୍ୟ ଦିଆଯାଇଛି। ଆର୍ଥିକ ସହାୟତା ବ୍ୟତୀତ, ସରକାର ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ ଏନ୍‌ଡିଆରଏଫ୍ ଟିମ୍, ସେନା ୟୁନିଟ୍ ଏବଂ ବାୟୁସେନା ସହାୟତା ପଠାଇ ଭୂମିରେ ମଧ୍ୟ ସାହାଯ୍ୟ ପ୍ରଦାନ କରିଛନ୍ତି। ବର୍ତ୍ତମାନ, ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୧୦୦ ରୁ ଅଧିକ ଏନ୍‌ଡିଆରଏଫ୍ ଦଳ ନିୟୋଜିତ ଅଛନ୍ତି।

## ୭୫ ବର୍ଷରେ ରାଜନୀତିରୁ ଅବସର ପ୍ରସଙ୍ଗ

# କଂଗ୍ରେସ ଟାର୍ଗେଟ୍‌ରେ ପ୍ରଧାନମନ୍ତ୍ରୀ ମୋଦୀ



**ନୂଆଦିଲ୍ଲୀ, ୧୧/୭/ଏଜେନ୍ସି:** ରାଜନୀତିରୁ ଅବସର ବୟସକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ। ନିକଟରେ ଆର୍‌ଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ) ମୁଖ୍ୟ ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ କଟାକ୍ଷ କରିବା ଆରମ୍ଭ କରିଦେଇଛି। ରିପୋର୍ଟ ଅନୁସାରେ ଗତ ବୁଧବାର ଭାଗବତ୍ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଥିଲେ ଯେ, ୭୫ ବର୍ଷ ବୟସରେ ଉପନୀତ ହେବାପରେ ଜଣେ ବ୍ୟକ୍ତି ରାଜନୀତିରୁ ସନ୍ନ୍ୟାସ ନେଇଯିବା ଉଚିତ୍, ଯାହାଦ୍ୱାରା ଅନ୍ୟମାନଙ୍କ ପାଇଁ ମାର୍ଗ ଉନ୍ମୁକ୍ତ ହୋଇପାରିବ ବୋଲି କହିଥିଲେ। ଭାଗବତ୍‌ଙ୍କ ଏପ୍ରକାର ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆସନ୍ତା ସେପ୍ଟେମ୍ବର ୧୭ରେ ୭୫ ବର୍ଷ ପୂରଣ ହେବାକୁ ଯାଉଛି। ଏହାକୁ କେନ୍ଦ୍ର କରି କଂଗ୍ରେସ କହିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ରାଜନୀତିରୁ ଅବସର ନେଇଯିବା ଉଚିତ୍।

କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ଆରଏସ୍‌ଏସ୍ ମୁଖ୍ୟଙ୍କ କହିବା ଅନୁସାରେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ସେପ୍ଟେମ୍ବର ୧୭ରେ ୭୫ ବର୍ଷରେ ପାଦ ଦେବେ ଏବଂ ସେ ରାଜନୀତିରୁ ସନ୍ନ୍ୟାସ ନେଇଯିବା ଉଚିତ୍! ସେହିପରି ପ୍ରଧାନମନ୍ତ୍ରୀ ବି ମୋହନଙ୍କୁ ସନ୍ନ୍ୟାସ ନେବାକୁ କହିପାରନ୍ତି, କାରଣ ସେ ବି ସେପ୍ଟେମ୍ବରରେ ୭୫ ବର୍ଷରେ ପାଦ ଦେଉଛନ୍ତି। କଂଗ୍ରେସର ଅନ୍ୟତମ ନେତା ପଓ୍ୱନ ଖେରା ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଏବଂ ମୋହନ ଭାଗବତ ନିଜ ବ୍ୟାଗ ଧରି କାର୍ଯ୍ୟାଳୟ ଛାଡ଼ିବା ଉଚିତ୍। ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଅବସର ବୟସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସଞ୍ଜୟ କହିଛନ୍ତି, ଲାଲକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଯୋଶୀ ଏବଂ ଯଶୱନ୍ତ ସିଂହଙ୍କ ଭଳି ନେତା ୭୫ ବର୍ଷରେ ପାଦ ଦେବା ପରେ ସେମାନଙ୍କୁ ଅବସର ନେବାକୁ ପ୍ରଧାନମନ୍ତ୍ରୀ ମୋଦୀ ବାଧ୍ୟ କରିଥିଲେ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଯେ, ମୋଦୀ ନିଜ ପାଇଁ ସେହି ସମାନ ନିୟମ ଆପଣାଉଛନ୍ତି କି ନାହିଁ। '

ପ୍ରକାଶ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମେ ୨୦୨୩ରେ ସ୍ପଷ୍ଟ କରିଥିଲେ ଯେ ବିଜେପି ସମ୍ବିଧାନରେ କୌଣସି ଅବସର ବାଧ୍ୟତା ନାହିଁ। ସେ କହିଥିଲେ, 'ପ୍ରଧାନମନ୍ତ୍ରୀ ମୋଦୀ ୨୦୨୯ ପର୍ଯ୍ୟନ୍ତ ନେତୃତ୍ୱ ନେବେ। ଅବସର ବିଷୟରେ କୌଣସି କଥା ନାହିଁ। କେବଳ ମିଥ୍ୟା ପ୍ରଚାର କରି ଇଣ୍ଡିଆ ମେଣ୍ଟ ନିର୍ବାଚନ ଜିତିପାରିବ ନାହିଁ।'

# ପତଞ୍ଜଳି ଯୋଗପୀଠରେ ଗୁରୁପୂର୍ଣ୍ଣିମା ମହୋତ୍ସବ

- ସମଗ୍ର ବିଶ୍ୱ ଭାରତରୁ ଏକ ନୂତନ ଦିଗଦର୍ଶନ ପାଇବ, ଭାରତ ବିଶ୍ୱଗୁରୁ ହେବ: ସ୍ୱାମୀ ରାମଦେବ
- ଗୁରୁଙ୍କ ଦ୍ୱାରା ପ୍ରଦତ୍ତ ନିୟମର ସମର୍ଥନ ନେଇ ନିଜ ଜୀବନକୁ ସଠିକ୍ ପଥରେ ଆଗେଇ ନିଅନ୍ତୁ: ଆଚାର୍ଯ୍ୟ ବାଲକୃଷ୍ଣ



**ହରିଦ୍ୱାର, ୧୧/୭/ଏଜେନ୍ସି:** ଗୁରୁ-ଶିଷ୍ୟ ପରମ୍ପରାର ପ୍ରତୀକ 'ଗୁରୁ ପୂର୍ଣ୍ଣିମା' ପର୍ବ ପତଞ୍ଜଳି ଯୋଗପୀଠରେ ଅତ୍ୟନ୍ତ ହର୍ଷୋଲ୍ଲାସ ସହ ପାଳିତ ହୋଇଯାଇଛି। ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସ୍ୱାମୀ ରାମଦେବ ମହାରାଜ ଏବଂ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଉପସ୍ଥିତିରେ ଯୋଗପୀଠ-୨ର ପତଞ୍ଜଳି ୱେଲନେସ୍ ସ୍ଥିତ ଯୋଗ ଭବନ ଅଡିଟୋରିୟମ୍‌ରେ ବିଶ୍ୱାସ ଏବଂ ସମର୍ପଣର ସହ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଲକୃଷ୍ଣ ପରସ୍ପରକୁ ମାଲ୍ୟାର୍ପଣ କରିଥିଲେ ଏବଂ ଗୁରୁ ପୂର୍ଣ୍ଣିମା ଉତ୍ସବର ଶୁଭେଚ୍ଛା ଜଣାଇଥିଲେ।

ଏହି ଅବସରରେ ରାମଦେବ କହିଛନ୍ତି ଯେ ଗୁରୁ ପୂର୍ଣ୍ଣିମା ହେଉଛି ସନାତନ ଧର୍ମକୁ ଯୁଗ ଧର୍ମ ଭାବରେ ପ୍ରତିଷ୍ଠା କରିବାର ପର୍ବ। ଏହା ଏକ ପର୍ବ ଯାହା ଭାରତର ଗୌରବମୟ ଗୁରୁ-ଶିଷ୍ୟ ପରମ୍ପରା, ଋଷି ପରମ୍ପରା, ବେଦ ପରମ୍ପରା ଏବଂ ସନାତନ ପରମ୍ପରାକୁ ପ୍ରତିନିଧିତ୍ୱ କରେ ଏବଂ ସେମାନଙ୍କୁ ପୂର୍ଣ୍ଣତା ପ୍ରଦାନ କରେ। ସେ କହିଥିଲେ ଯେ ରାଷ୍ଟ୍ର ଧର୍ମ ମଧ୍ୟ ବେଦ, ଋଷି ଏବଂ ଗୁରୁ ଧର୍ମରେ ଅନ୍ତର୍ଭୁକ୍ତ। ପତଞ୍ଜଳି ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ଆପଣଙ୍କୁ ଋଷିତ୍ୱ ଏବଂ ଦିବ୍ୟତ୍ୱରେ ରହିବାକୁ ପଡିବ, ଏହା ବିଶ୍ୱରେ ଏକ ନୂତନ ବିପ୍ଳବ ବିସ୍ତାର କରିବ। ଆଜି ସମଗ୍ର ବିଶ୍ୱରେ ସର୍ବୋଚ୍ଚତା ପାଇଁ ଯୁଦ୍ଧ ଚାଲିଛି। ପ୍ରାଧାନ୍ୟ ସତ୍ୟ, ଯୋଗ, ଆଧ୍ୟାତ୍ମିକତା ଏବଂ ନ୍ୟାୟର ହେବା ଉଚିତ। ବିଭିନ୍ନ କାରଣ ଯୋଗୁଁ ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାରର ଆଦର୍ଶଗତ ଉନ୍ମାଦ, ଧାର୍ମିକ ଉନ୍ମାଦ, ଭୌତିକବାଦ, ବୌଦ୍ଧିକ ଆତଙ୍କବାଦ, ଧାର୍ମିକ ଆତଙ୍କବାଦ, ରାଜନୈତିକ, ଆର୍ଥିକ ଆତଙ୍କବାଦ, ଚିକିତ୍ସା ଆତଙ୍କବାଦ, ଶିକ୍ଷାଗତ ଆତଙ୍କବାଦ ଚାଲିଛି। ଏପରି ପରିସ୍ଥିତିରେ, ସମଗ୍ର ବିଶ୍ୱ ଭାରତଠାରୁ ଶିକ୍ଷା, ଚିକିତ୍ସା, ଆର୍ଥିକ, ସାମାଜିକ, ରାଜନୈତିକ ଦିଗଦର୍ଶନ ପାଇବ ଏବଂ ଭାରତ ବିଶଗୁରୁ ଭାବରେ ସମ୍ମାନିତ ହେବ।

ସେହିପରି ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି ଯେ, ଗୁରୁ ପୂର୍ଣ୍ଣିମା ପର୍ବ ଗୁରୁ-ଶିଷ୍ୟ ପରମ୍ପରାକୁ ପ୍ରଦର୍ଶନ କରିବାର ଏକ ପର୍ବ, କିନ୍ତୁ ଏହାର ମହତ୍ତ୍ୱ କେବଳ ସେତେବେଳେ ହୋଇଥାଏ ଯେତେବେଳେ ଆମେ ଆମର ଗୁରୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ତାଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରୁ। ତାଙ୍କ ଦ୍ୱାରା କୁହାଯାଇଥିବା ନିୟମର ସମର୍ଥନ ନିଅ ଏବଂ ନିଜ ଜୀବନକୁ ସଠିକ୍ ପଥରେ ନେଇଯାଅ। ସେ କହିଥିଲେ ଯେ ଭାରତ କେବଳ ଗୁରୁ-ଶିଷ୍ୟ ପରମ୍ପରା, ଯୋଗ, ଆୟୁର୍ବେଦ, ସନାତନ, ବୈଦିକ ଜ୍ଞାନ ମାଧ୍ୟମରେ ବିଶ୍ୱର ନେତା ହେବ। ନିଜ ଜୀବନରେ ଏପରି ଜଣେ ଆଦର୍ଶ ଗୁରୁ, ମହାପୁରୁଷଙ୍କ ସମର୍ଥନ ଏବଂ ସମର୍ଥନ ନିଅ, ଯାହା ଜୀବନର ପ୍ରଗତି ପାଇଁ ପଥ ପ୍ରସ୍ତୁତ କରେ।

ଏହି ଅବସରରେ, ଭାରତୀୟ ଶିକ୍ଷା ବୋର୍ଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଏନପି. ସିଂହ ସନାତନ ଧର୍ମକୁ ପ୍ରଣାମ କରି କହିଥିଲେ ଯେ ଗୁରୁ ପୂର୍ଣ୍ଣିମାର ଏହି ଦିବ୍ୟ ପରିବେଶ ଆଶ୍ଚର୍ଯ୍ୟଜନକ। ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଆଶୀର୍ବାଦରେ, ପତଞ୍ଜଳି ମାଧ୍ୟମରେ ଶିକ୍ଷାରେ ଏକ ସାମଗ୍ରିକ ବିପ୍ଳବ ଆରମ୍ଭ ହେଉଛି। କାଉଡିଆ ମେଳାରେ ଭଗବାନ ଶିବଙ୍କ ଭକ୍ତମାନଙ୍କ ପାଇଁ ପତଞ୍ଜଳି ଯୋଗପୀଠ ମାଧ୍ୟମରେ ଏକ ଅଖଣ୍ଡ ଭଣ୍ଡାରର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ସ୍ୱାମୀ ରାମଦେବ ଭକ୍ତମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ, ପତଞ୍ଜଳି ଯୋଗପୀଠ ସହିତ ଜଡିତ ସମସ୍ତ ୟୁନିଟର ସେବା ମୁଖ୍ୟ, ସନ୍ୟାସୀ, ୟୁନିଟ୍ ମୁଖ୍ୟ, ବିଭାଗ ମୁଖ୍ୟ, ପ୍ରଭାରୀ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ।

## ଗଣହତ୍ୟା, ନିର୍ଯାତନା ମାମଲା

# ହସିନାଙ୍କୁ ଅଭିଯୁକ୍ତ ଦର୍ଶାଇଲା ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍



**ଢ଼ାକା, ୧୧/୭/ଏଜେନ୍ସି:** ବାଂଲାଦେଶରେ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗଣହତ୍ୟା ଏବଂ ମାନବିକତା ବିରୋଧୀ ଅପରାଧ ଅଭିଯୋଗରେ ଅଭିଯୁକ୍ତ ଦର୍ଶାଇଛନ୍ତି। ଆଇସିଟି (ଇଣ୍ଟରନ୍ୟାସନାଲ କ୍ରାଇମ୍‌ସ ଟ୍ରିବ୍ୟୁନାଲ ଅଫ୍ ବାଂଲାଦେଶ) ଆସନ୍ତା ଅଗଷ୍ଟ ୩ ତାରିଖରୁ ହସିନାଙ୍କ ବିରୋଧରେ ତାଙ୍କ ଅନୁପସ୍ଥିତିରେ ବିଚାରଣ ଆରମ୍ଭ କରିବେ। ଟ୍ରିବ୍ୟୁନାଲ ହସିନା ଏବଂ ତାଙ୍କ ସମୟର ଗୃହମନ୍ତ୍ରୀ ଅସଦୁଜ୍ ଜମାନ୍ ଖାନ କମଲ, ତତ୍କାଳୀନ ପୁଲିସ ଆଇଜି ଚୌଧୁରୀ ଅବଦୁଲ୍ଲା ଏଆଇ ମାମୁନ୍‌ଙ୍କ ବିରୋଧରେ ଚାର୍ଜ ଫ୍ରେମ୍ କରିଛନ୍ତି। ଆଇଟିସି ଖଣ୍ଡପୀଠ କହିଛନ୍ତି, ହସିନାଙ୍କ ସହ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଗତବର୍ଷ ଜୁଲାଇ-ଅଗଷ୍ଟ ଆନ୍ଦୋଳନ ସମୟରେ ଗଣହତ୍ୟା ଏବଂ ନିର୍ଯାତନା ସମେତ ୫ଟି ଅଭିଯୋଗ ରହିଛି। ହସିନା ଯଦି ଏହି ମାମଲାରେ ଦୋଷୀସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇପାରେ।

ପ୍ରକାଶ, ନିକଟରେ ହସିନାଙ୍କର ଏକ ଅଡିଓ କ୍ଲିପ୍ ଲିକ୍ ହୋଇଛି, ଯେଉଁଥିରେ ସେ ଗତ ବର୍ଷର ବିଶାଳ ଛାତ୍ର ପ୍ରତିବାଦ ସମୟରେ ସୁରକ୍ଷା ବାହିନୀକୁ ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଉଥିବାର ସ୍ପଷ୍ଟଭାବେ ଶୁଣିବାକୁ ମିଳୁଛି। ଏହାକୁ ନେଇ ତାଙ୍କର ସମସ୍ୟା ବହୁଗୁଣିତ ହୋଇଥିବା ବେଳେ ଏବେ ଟ୍ରିବ୍ୟୁନାଲ୍‌ଙ୍କ ଏପ୍ରକାର ରାୟ ସାମ୍ନାକୁ ଆସିଛି। ତାଙ୍କ ବିରୋଧରେ ଆଗତ ଏକାଧିକ ମାମଲାରେ ହସିନା ପୂର୍ବରୁ ଦୋଷୀସାବ୍ୟସ୍ତ ହୋଇସାରିଥିବା ବେଳେ ଏବେ ଆଉ କିଛି ମାମଲାରେ ସେ ପ୍ରମୁଖ ଅଭିଯୁକ୍ତ ଭାବେ ସାମିଲ ହୋଇଛନ୍ତି। ଶେଖ ହସିନାଙ୍କ ବିରୋଧରେ ମାନବତା ବିରୋଧୀ ଅପରାଧ, ଉସୁକାଇବା, ଷଡ଼ଯନ୍ତ୍ର ଏବଂ ଗଣହତ୍ୟା ନିର୍ଦ୍ଦେଶ ଦେବା ଭଳି ଗମ୍ଭୀର ଅଭିଯୋଗ ରହିଛି।





ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆୟୋଜିତ 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ଉପସ୍ଥିତ ଅନ୍ୟମାନେ

### ରାହୁଲ ଗାନ୍ଧୀଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା

# 'ଚାଲି ନ ଜାଣି ବାଟର ଦୋଷ ଭଳି କଥା କହୁଛନ୍ତି'



**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:** ଓଡ଼ିଶାରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ। ରାହୁଲ ଗାନ୍ଧୀ 'ଚାଲି ନ ଜାଣି ବାଟର ଦୋଷ' ଭଳି କଥା କହୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱରରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଦ୍ୱାରା ଆୟୋଜିତ 'ସମ୍ବିଧାନ ବଞ୍ଚାଅ' ରାଲି ପ୍ରକୃତରେ କଂଗ୍ରେସର ରାଜକୁମାରଙ୍କ ଆଉ ଏକ ରାଜନୈତିକ ପର୍ଯ୍ୟଟନ ଥିଲା । ଏହା 'ସମ୍ବିଧାନ ବଞ୍ଚାଅ' ନୁହେଁ ବରଂ 'ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ବଞ୍ଚାଅ'ର ସମାବେଶ ଥିଲା। ଓଡ଼ିଶାରେ ବିଜେପି ସରକାର ପ୍ରତି ଲୋକଙ୍କ ଅତୁଟ ବିଶ୍ୱାସ କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିଛି। ଓଡ଼ିଶାରର ଗରିବ, ଦଳିତ, ଜନଜାତି, ଚାଷୀ ଏବଂ ଶ୍ରମିକମାନେ ଦଶନ୍ଧି ପୂର୍ବରୁ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏପରି ପରିସ୍ଥିତିରେ, ଓଡ଼ିଶାର ଗରିବଙ୍କ କଲ୍ୟାଣ ବିଷୟରେ ରାହୁଲ ଗାନ୍ଧୀଙ୍କ କଥା ପ୍ରତାରଣା ବ୍ୟତୀତ ଆଉ କିଛି ନୁହେଁ। କଂଗ୍ରେସ ସର୍ବଦା ଗରିବ ଏବଂ ଦୁର୍ବଳ ବର୍ଗର ଅଧିକାରକୁ ଅଣଦେଖା କରିଆସିଛି। କଂଗ୍ରେସ ସରକାର ଦ୍ୱାରା ଦିଲ୍ଲୀରୁ ପଠାଯାଉଥିବା ଟଙ୍କା ମଧ୍ୟସ୍ଥିଙ୍କ ଦ୍ୱାରା ଲୁଟ କରାଯାଉଥିଲା। ଏସସି, ଏସଟି ଏବଂ ପଛୁଆ ବର୍ଗର ଅଧିକାର ଅପେକ୍ଷା ସେମାନଙ୍କ ଭୋଟ୍ ବ୍ୟାଙ୍କକୁ କଂଗ୍ରେସ ଗୁରୁତ୍ୱ ଦେଉଥିଲା। ସ୍ପଷ୍ଟ ଶବ୍ଦରେ କୁହାଯାଇପାରିବ ଯେ ଗରିବ ଲୋକଙ୍କ ହକ୍ ଏବଂ ଜନଜାତିଙ୍କ ଜମି ସେବେ ପର୍ଯ୍ୟନ୍ତ ସୁରକ୍ଷିତ, ଯେଉଁ ପର୍ଯ୍ୟନ୍ତ କଂଗ୍ରେସ କ୍ଷମତାକୁ ଆସିନାହିଁ ।

ମହାରାଷ୍ଟ୍ର ଏବଂ ହରିୟାଣା ଭଳି ରାଜ୍ୟରେ କଂଗ୍ରେସ ଦଳ ବଡ ପରାଜୟର ସାମ୍ନା କରିଛି। ଏହା ପରେ ବି ଲୋକମତକୁ ସମ୍ମାନ ନ ଦେଇ ରାହୁଲ ଗାନ୍ଧୀ ଏବଂ ଖଡଗେ ସେମାନଙ୍କ ପରାଜୟ ପାଇଁ ନିର୍ବାଚନ କମିଶନ ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଦାୟୀ କରୁଛନ୍ତି। ଗଣତନ୍ତ୍ରର କଣ୍ଠରୋଧ ସହ ସମ୍ବିଧାନକୁ କ୍ଷୁର୍ଣ୍ଣ କରି ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା ସେହି କଂଗ୍ରେସ ଦଳ ସମ୍ବିଧାନକୁ ବଞ୍ଚାଇବାର ଅପପ୍ରଚାର କରୁଛି, ଯାହା ଆଶ୍ଚର୍ଯ୍ୟର ବିଷୟ। ବାରମ୍ବାର ନିର୍ବାଚନ ପରାଜୟ ପରେ ବିହାରର ଆଗାମୀ ନିର୍ବାଚନରେ ପରାଜୟକୁ ଦୃଷ୍ଟିରେ ରଖି କଂଗ୍ରେସ ଦଳ ପୁଣି ଥରେ 'ଭୋଟ ଚୋରି'ର ନୂଆ ସ୍ଲୋଗାନ ଆରମ୍ଭ କରିଛି। ଓଡ଼ିଶା ସମେତ ଦେଶର ଜନତା ଏବେ କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କ ପ୍ରତ୍ୟେକ ଚାଲ୍ ଏବଂ ଛଳନାକୁ ଚିହ୍ନି ପାରିଛନ୍ତି। ଭବିଷ୍ୟତରେ ମଧ୍ୟ ପ୍ରତ୍ୟେକ ନିର୍ବାଚନରେ ଲୋକମାନେ ଏପରି ଜନବିରୋଧୀ ଏବଂ ସମ୍ବିଧାନ ବିରୋଧୀ ଲୋକଙ୍କୁ ଉଚିତ ଜବାବ ଦେବେ ବୋଲି ସେ ମତପ୍ରକାଶ କରିଛନ୍ତି।

## ରାହୁଲ ଗାନ୍ଧୀ ଅବାନ୍ତର କଥା କହୁଛନ୍ତି: ପୃଥ୍ୱୀରାଜ



**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:** ଆଦାନୀଙ୍କ ପାଇଁ ରଥ ରୋକାଯାଇଥିଲା ବୋଲି ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ କଡ଼ା କାଉଣ୍ଟର କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ରାହୁଲ ଗାନ୍ଧୀ ଅବାନ୍ତର କଥା କହୁଛନ୍ତି। ବଳଭଦ୍ରଙ୍କ ରଥ ମୋଡ଼ ନେବା କାରଣରୁ ରଥ ଟଣା ବିଳମ୍ବ ହେଲା। ସେଥିପାଇଁ ଜଗନ୍ନାଥଙ୍କ ରଥକୁ ଅଳ୍ପ ଟାଣି ରଖାଯାଇଥିଲା। ଦ୍ୱିତୀୟ ଦିନ ସୁରୁଖୁରୁରେ ରଥଟଣା କାର୍ଯ୍ୟ ହୋଇଥିଲା। ଆଦାନୀ ଜଣେ ଭକ୍ତ ହିସାବରେ ପରଦିନ ଦର୍ଶନ ପାଇଁ ଆସିଥିଲେ। ଆଦାନୀଙ୍କ ପାଇଁ ରଥ ରୋକାଯିବା କଥା ମିଛ। ସବୁ ବର୍ଷ ରଥ ୨ ଦିନରେ ଲାଗେ। କଂଗ୍ରେସ ଓ ବିଜେଡି ମିଛ ପ୍ରଚାର କରୁଛନ୍ତି। କଂଗ୍ରେସ ସମ୍ବିଧାନ ହତ୍ୟା କରିଥିବା ଦଳ, ଏବେ ନାଟକ କରୁଛି ବୋଲି ପୃଥ୍ୱୀରାଜ କହିଛନ୍ତି।

### ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ ରାଜ୍ୟ ବିଜେପିର କଟାକ୍ଷ

# ସମ୍ବିଧାନ ବଞ୍ଚାଅ ନୁହେଁ, କଂଗ୍ରେସ ବଞ୍ଚାଅ ସମାବେଶ

**କଂଗ୍ରେସ ଆଜି ହତାଶା ମଧ୍ୟରେ ରହିଛି**

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:** କଂଗ୍ରେସ ଲଗାତାର ଗଣତନ୍ତ୍ରର କଣ୍ଠରୋଧ କରିଛି। ଦେଶର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ମାତ୍ର ଏବେବି କଂଗ୍ରେସ ହତାଶା ମଧ୍ୟରେ ରହିଛି। ଏହି ଦଳ ଓଡ଼ିଶାର ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଛି। ପ୍ରତି ନିର୍ବାଚନରେ ତାର ଭୋଟ ପ୍ରତିଶତ କମିବାରେ ଲାଗିଛି। ଦେଶରେ ଗତ ୩ଟି ସାଧାରଣ ନିର୍ବାଚନରେ କଂଗ୍ରେସର ସାଂସଦ ସଂଖ୍ୟା ୩ ଅଙ୍କ ମଧ୍ୟ ଛୁଇଁପାରିନାହିଁ। ପ୍ରତିଦିନ କଂଗ୍ରେସ ସଂଗଠନର ଯେଉଁଭଳି ଭାବେ ନିମ୍ନଗାମୀ ହେଉଛି ସେଥିରୁ ଲାଗୁଛି ଏହା ସମ୍ବିଧାନ ବଞ୍ଚାଅ ନୁହେଁ, ନିଜ ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ କଂଗ୍ରେସ ବଞ୍ଚାଅ ସମାବେଶ। କଂଗ୍ରେସ ଗଣତନ୍ତ୍ର କଥା କହିବା, ନିଜେ କାଚ ଘର ମଧ୍ୟରେ ରହି ଅନ୍ୟକୁ ପଥର ଫୋପାଡିବା ସଦୃଶ। ଆଜି ଓଡ଼ିଶା ଆସିଥିବା ରାହୁଲ ଗାନ୍ଧୀ ବାରମ୍ବାର ସମ୍ବିଧାନକୁ ହତ୍ୟା କରିଛନ୍ତି ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମହାମହିମ ଓଡ଼ିଶା ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏନେଇ ଉଭୟ ପ୍ରଥମେ ଓଡ଼ିଶା ମାଟିରେ କ୍ଷମା ମାଗନ୍ତୁ ବୋଲି ଶୁକ୍ରବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତିପାଠୀ କହିଛନ୍ତି ଯେ, କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥା ଦେଖିଲେ ଜଣାପଡ଼ିବ ଯେ, ଜବାହାରଲାଲ୍ ନେହେରୁଙ୍କ ସମୟରେ ଏହା ବାପ-ଝିଅର ଦଳ ଥିଲା।



ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏହା ମା'-ପୁଅର ଦଳ ହେଲା। ରାଜୀବ ଗାନ୍ଧୀଙ୍କ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ଦଳ ଥିଲା। ଏବେ କଂଗ୍ରେସ ମା', ପୁଅ, ଝିଅ ଓ ଜ୍ୱାଇଁଙ୍କ ଦଳ ପାଲଟିଛି। ଦଳରେ ଅନ୍ୟ ନେତାମାନେ ଖାଲି ଆୟାରାମ, ଗୟା ରାମ ସଦୃଶ। ଗଣତନ୍ତ୍ରର କଥା କହୁଥିବା ଏହି ରାଜନୈତିକ ଦଳ ସମ୍ବିଧାନର ହତ୍ୟାକାରୀ ଥିଲା। ୧୯୫୧ ମସିହାରେ କଂଗ୍ରେସର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ନିଜ ସ୍ୱାର୍ଥ ହାସଲ ପାଇଁ ପ୍ରଥମେ ସମ୍ବିଧାନର ସଂଶୋଧନ କରିଥିଲେ । ଏହି ସଂଶୋଧନ ମୁଳତଃ ମତାମତ ଓ ଅଭିବ୍ୟକ୍ତିର ସ୍ୱାଧୀନତା, ଜମିଦାରୀ ପ୍ରଥା ଉଚ୍ଛେଦ ଏବଂ ସାମାଜିକ ଓ ଆର୍ଥିକବର୍ଗଙ୍କ ସଂରକ୍ଷଣ ପ୍ରସଙ୍ଗରେ ଥିଲା। ବାସ୍ତବରେ ଏହି ସଂଶୋଧନ ଭାରତୀୟ ସମ୍ବିଧାନର ନୀତିଗତ ଏବଂ ଆଇନଗତ ଧାରାକୁ ପ୍ରଭାବିତ କରିଥିଲା। ୧୯୭୫ ମସିହାରେ ଇନ୍ଦିରାଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି ସମ୍ବିଧାନର ହତ୍ୟା କରିଥିଲେ। ସେ ସମୟରେ ୫ଥର ସମ୍ବିଧାନ ସଂଶୋଧନ କରଯାଇଛି। ୪୨ତମ ସଂଶୋଧନରେ ବିନା ଚର୍ଚ୍ଚା ଆଲୋଚନାରେ ସମ୍ବିଧାନର ମୁଖବନ୍ଧକୁ ବି ବଦଳାଇ ଦେଇଥିଲା କଂଗ୍ରେସ। ଏପରିକି ଦେଶବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇଥିଲା। ସମସ୍ତ ବିରୋଧୀ ଦଳର ନେତାଙ୍କୁ ଜେଲ ଭିତରେ ବନ୍ଦୀ କରି ରଖିଥିଲା। କିଛିଦିନ ପୂର୍ବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରିଥିଲେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ। ଏହା ପୂର୍ବରୁ ରାଷ୍ଟ୍ରପତି ଥିବା ଅନୁସୂଚତି ଜାତି ବା ଦଳିତବର୍ଗର ରାମନାଥ କୋବିନ୍ଦଙ୍କୁ ନେଇ ମଧ୍ୟ ସେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ତାହାକୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ। ଏଥିପାଇଁ ସେ ଓଡ଼ିଶା ମାଟିରେ ପ୍ରାୟଶ୍ଚିତ କରିବା ଦରକାର। ଏସବୁ କଥାକୁ ଦେଖିଲେ ଓଡ଼ିଶାରେ କଂଗ୍ରେସ ଏକ ଅସ୍ତଗାମୀ ରାଜନୈତିକ ଦଳ ଭାବେ ପ୍ରତୀୟମାନ ହେଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା ଓ ତପନ ଚାନ୍ଦ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ

## 'ଜନସଂଖ୍ୟା ସ୍ଥିରତା ପକ୍ଷ'ର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:** ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ - ୨୦୨୫ରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲୋକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ 'ଜନସଂଖ୍ୟା ସ୍ଥିରତା ପକ୍ଷ'ର ଶୁଭାରମ୍ଭ କରିଛନ୍ତି। ପରିବାର ଯୋଜନା, ଲିଙ୍ଗଗତ ସମାନତା, ମାତୃତ୍ୱ, ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ସମେତ ବିଭିନ୍ନ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ବିଶ୍ୱ ଜନସଂଖ୍ୟା ଦିବସର ପ୍ରଧାନ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି। ମିଳିମିଶି ସୁସ୍ଥ ସମାଜ, ପରିବେଶ ଗଠନ ପାଇଁ ସମସ୍ତେ ଚେଷ୍ଟିତ ହେବାକୁ ସେ ଆହ୍ୱାନ କରିଥିଲେ। ଏହାଛଡ଼ା ଡକ୍ଟର ମହାଲିଙ୍ଗ କହିଥିଲେ ଯେ ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହାର ଫଳସ୍ୱରୂପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ବିଗତ ବର୍ଷ ମଧ୍ୟରେ ଆଶାନୁରୂପକ ସଫଳତା ଲାଭ କରିଛି। ଦମ୍ପତି ପିଛା ହାରାହାରି ସନ୍ତାନ ସଂଖ୍ୟା ଯାହା ୨.୧ ରହିବା ଆବଶ୍ୟକ, ଆମ ରାଜ୍ୟର ତାହା ୧.୮ ରେ ପହଞ୍ଚିଛି । ଏହା ଜାତୀୟ ହାରଠୁ ଉନ୍ନତ ସ୍ତରରେ ରହିଛି। ପରିବାର ନିୟୋଜନର ଅପୁରଣୀୟ ଆବଶ୍ୟକତା ଓଡିଶାର ଶତକଡା ୧୩.୬ ରୁ କମ ହୋଇ ୭.୨ ରେ ପହଞ୍ଚିପାରିଛି। ଯାହାକି ଆମ ରାଜ୍ୟ ପାଇଁ ଖୁସିର ବିଷୟ। ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ଆଶା ଦିଦି ମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ସୂଚନା ପ୍ରଦାନକରି ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପରିବାର ନିଯୋଜନରେ ନିଜର ଅତୁଳନୀୟ ଅବଦାନ ଦେଇଥିବା ଆଶା,ଡାକ୍ତର,ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଏହି ଅବସରରେ ଉନ୍ନତ ପ୍ରଦର୍ଶନ ପାଇଁ ବିଭିନ୍ନ ଜିଲ୍ଲାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ରାଜଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିବା ବେଳେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ମୁରଲୀଧର ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ୧୩ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:** ୧୩ ତାରିଖରୁ ପୁଣି ବର୍ଷା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ଜୋରରେ ବିଜୁଳି ଘଡ଼ଘଡ଼ି ପାଇଁ କୋରାପୁଟ, ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ସୋନପୁର, ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏ ସମସ୍ତ ଜିଲ୍ଲାରେ ୩୦-୪୦ କିମି ବେଗରେ ପବନ ପବନ ବହିବାର ସମ୍ଭାବନା ରହିଛି। ୧୪ ତାରିଖରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ହାଲୁକା ବର୍ଷା ସହ ପ୍ରବଳ ବଜ୍ରପାତ ପାଇଁ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ବରଗଡ଼, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୫ ତାରିଖରେ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବଜ୍ରପାତ ସହ ବର୍ଷା ପାଇଁ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼ ଓ କେନ୍ଦୁଝରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ।ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୩ ଜିଲ୍ଲା ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ନୂଆପଡ଼ାକୁ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ପରିଚାଳନା ପରିଷଦ ବୈଠକ

# ୨୦୨୫-୨୬ ବର୍ଷ ପାଇଁ ୧୦.୪୮ କୋଟିର ବଜେଟ୍ ଗୃହୀତ

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଆଜି ଭୁବନେଶ୍ୱରର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅଧ୍ୟକ୍ଷତା କରି ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ପ୍ରମୁଖ ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିବା ସହ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଫାଉଣ୍ଡେସନ ନିରନ୍ତର ଉଦ୍ୟମ କରି ଆସିଥିବା କହିଥିଲେ। ୨୦୨୫-୨୬ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ୧୦ କୋଟି ୪୮ ଲକ୍ଷ ଟଙ୍କା ପ୍ରସ୍ତୁତ ଓ ଅନୁମୋଦିତ ହୋଇଛି। ଏହାର ସଦୁପଯୋଗ କରି ଶିମିଳିପାଳ ଅଞ୍ଚଳର ଗ୍ରାମୀଣ ମେଧାବୀ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଦେବାକୁ ଓ ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଇତ୍ୟାଦି ଦକ୍ଷତା ପ୍ରଦାନ କରିବାକୁ ଜଙ୍ଗଲ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ମତବ୍ୟକ୍ତ କରିଥିଲେ।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଉପାଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଥିଲେ ଯେ ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଦକ୍ଷତା ବିକାଶ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ପ୍ରକୃତି ଶିକ୍ଷା, ସଂରକ୍ଷଣ, ସଚେତନତା ସୃଷ୍ଟି ଏବଂ ପ୍ରଚାର, ଗବେଷଣା ଏବଂ ତଦାରଖ, ବନ କର୍ମଚାରୀ ଏବଂ ସ୍କ୍ୱାଡ୍ କଲ୍ୟାଣ ଏବଂ ତାଲିମ, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ପରିବେଶ ପର୍ଯ୍ୟଟନ ସଫାରୀ ପରିଚାଳନା ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବନ୍ୟ ସମ୍ପ୍ରଦାୟ କଲ୍ୟାଣ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ। ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସମ୍ପୃକ୍ତ କରାଯିବା, ୪ କୋଟି ୨୦ ଲକ୍ଷ ଟଙ୍କା ବିନିଯୋଗରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଜୋରଦାର କରିବା, ସିମିଳିପାଳ ଅଭୟାରଣ୍ୟରେ ରହୁଥିବା ସମସ୍ତ ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଇତ୍ୟାଦି ଦକ୍ଷତା ପ୍ରଦାନ କରିବା, ପରିବେଶ ପର୍ଯ୍ୟଟନ ପାଇଁ ଭିତ୍ତିଭୂମି ନିର୍ମାଣ, ପରିବେଶ ମାର୍ଗଦର୍ଶକଙ୍କ ପାଇଁ ତାଲିମ, ସିମିଳିପାଳର ଦୂରଦୂରାନ୍ତ ଗ୍ରାମବାସୀମାନଙ୍କ ପାଇଁ ଫାଉଣ୍ଡେସନ୍ ଦ୍ୱାରା ଦୁଇଟି ଆମ୍ବୁଲାନ୍ସର ପରିଚାଳନା ପାଇଁ ପାଣ୍ଠି ଯୋଗାଇ ଦିଆଯିବ।

ପରିଚାଳନା ପରିଷଦ ବୈଠକରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଦେବେନ୍ କୁମାର ପ୍ରଧାନ, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ ସଂରକ୍ଷକ, ଶିମିଳିପାଳ (ଉତ୍ତର)ବନ୍ୟପ୍ରାଣୀ ଡିଭିଜନର ଉପ ନିର୍ଦ୍ଦେଶକ, ସିମିଳିପାଳ (ଦକ୍ଷିଣ) ବନ୍ୟପ୍ରାଣୀ ଡିଭିଜନର ଉପ ନିର୍ଦ୍ଦେଶକ, ଓୟୁଏଟି ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ସର୍ଜରୀ ବିଭାଗର ପୂର୍ବତନ ମୁଖ୍ୟ ଡ. ଇନ୍ଦ୍ରମଣି ନାଥ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ପ୍ରାଣୀ ବିଜ୍ଞାନ ପ୍ରଫେସର ଡ. ହେମନ୍ତ କୁମାର ସାହୁ ଓ ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସମାଜ ପଞ୍ଜିକରଣ ଆଇନ ୧୮୬୦ ଅନୁଯାୟୀ ପଞ୍ଜୀକରଣ ଦ୍ୱାରା ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନ ୨୨ ଜୁନ ୨୦୧୧ରେ ଗଠିତ ହୋଇଛି। ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷ ପାଇଁ ଖର୍ଚ୍ଚ ଏବଂ ଅଡିଟ୍ ହୋଇଥିବା ବିବରଣୀ ପରିଚାଳନା ପରିଷଦ ବୈଠକରେ ଅନୁମୋଦିତ ହୋଇଛି। ୨୦୨୩-୨୪ରେ ୧.୨୬ କୋଟି ଟଙ୍କା ଏବଂ ୨୦୨୪-୨୫ ରେ ୩.୫୬ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲା। ୨୦୨୫-୨୬ ବର୍ଷ ପାଇଁ ୧୦ କୋଟି ୪୮ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତାବିତ ଓ ଗୃହୀତ ହୋଇଛି।

### ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗରେ ବିଜେଡିର ଅଭିଯୋଗ

## ରାଜ୍ୟବାସୀଙ୍କୁ ଭୂଆଁ ବୁଲାଉଛନ୍ତି ବିଜେପି ସରକାର

**ବର୍ଷେ ଧରି ବାହାରେ ମହାପ୍ରଭୁଙ୍କ ରତ୍ନ ରହିବା କ୍ଷୋଭର ବିଷୟ**

**ଭୁବନେଶ୍ୱର,୧୧।୭/ଏନ୍ଏନ୍ଏସ୍:** ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ଗତ ଏକ ବର୍ଷ ହେଲା ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଗତ ଏକ ବର୍ଷ ହେଲା ରତ୍ନଭଣ୍ଡାରର ଗଣତି ମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ, ଆଜି ଆଇନ ମନ୍ତ୍ରୀ ଆହୁରି ତିନି ମାସ ଲାଗିବ ବୋଲି କହିବା ଦୁର୍ଭାଗ୍ୟଜନକ।

ଗଣତି ମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ପୂର୍ବରୁ ଗଣତି ମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆ ଯାଇଥିଲା କି ? ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତି ମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି ? ଯଦି ନାହିଁ କେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି। ରତ୍ନ ଭଣ୍ଡାରର ଗଣତି ମଣତି କରିବା ପରିବର୍ତ୍ତେ ଗତ ଏକ ବର୍ଷ ଧରି ଠାକୁରଙ୍କ ବହୁ ମୂଲ୍ୟ ଅଳଙ୍କାର ସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ଅଳିଆ ଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ପଞ୍ଚମ ଦ୍ୱାର ଦେଇ କିଛି ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡିଶାବାସୀଙ୍କୁ ବିଚଳିତ କରିବା ସହିତ ରତ୍ନ ଭଣ୍ଡାର ବାହାରେ ଥିବା ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥ ପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ରାଜ୍ୟ ସରକାର ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ଆଉ ଅଧିକ ରାଜନୀତି ନକରି ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଡ଼ଃ ମହାନ୍ତି କହିଛନ୍ତି।

# କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍‌କୁ ମଞ୍ଜୁରୀ

## ନିର୍ଗୁଣ୍ଡି ଠାରେ ହେବ ରେଳ ଫ୍ଲାଏଓଭର୍

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ଓଡିଶାକୁ ଆଉ ଏକ ଭିତ୍ତିଭୂମି ପ୍ରୋତ୍ସାହନ ସ୍ୱରୂପ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ମୂଲ୍ୟରେ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ (୧୫.୯୯ କିଲୋମିଟର) ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁରୀ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓ୍ୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା।

କଟକ-ନିର୍ଗୁଣ୍ଡି ସେକ୍ସନ ହାଓ୍ୱଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟଓ୍ୱାର୍କର ଏକ ଅଂଶ। ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଚତୁର୍ଥ ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ ରୁଟଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କରିଡରକୁ ଭିଡ଼ କମ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି କଟକ ଏବଂ ଢେଙ୍କାନାଳ ମଧ୍ୟରେ।ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ।

ର୍ତ୍ତମାନ ନିର୍ଗୁଣ୍ଡି ଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ। ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ।ଏହି ପ୍ରକଳ୍ପ ଏହି ସେକ୍ସନରେ କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ କରିବାରେ ମଧ୍ୟ ସାହାଯ୍ୟ କରିବ। ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ।ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଡିଜାଇନ୍ କରାଯାଇଛି।

## ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍

# ନୂତନ ବ୍ରଡ୍ ଗେଜ୍ ରେଳଲାଇନ୍ ପାଇଁ ଜମି ଅଧିଗ୍ରହଣରେ ଅଗ୍ରଗତି

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ୧୩୮.୩୨ କିଲୋମିଟର ଦୀର୍ଘ୍ୟ ବିଶିଷ୍ଟ ନୂତନ ବ୍ରଡ୍ ଗେଜ୍ (ବିଜି) ରେଳ ଲାଇନ କାର୍ଯ୍ୟକାରୀ କରିବାରେ ଭାରତୀୟ ରେଳବାଇ ଦୃଢ଼ ଅଗ୍ରଗତି କରୁଛି। ଏହି ପ୍ରକଳ୍ପ କେବଳ ଗତିଶୀଳତା ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଏହି ଅଞ୍ଚଳକୁ ଯଥେଷ୍ଟ ସାମଗ୍ରିକ ଏବଂ ଆର୍ଥିକ ଲାଭ ପ୍ରଦାନ କରିବ।ଜମି ଅଧିଗ୍ରହଣ ପ୍ରକ୍ରିୟା ଏହି ପ୍ରକଳ୍ପର ଏକ ପ୍ରମୁଖ ଅଂଶ, ଯାହା ଦକ୍ଷତାର ସହିତ ଆଗକୁ ବଢୁଛି। ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ବେସରକାରୀ ଜମି ୧୮୫୯.୪୮୮ ଏକର, ୮୫ଟି ଗ୍ରାମରେ ବିସ୍ତୃତ ରହିଛି। ଏଥିମଧ୍ୟରୁ ୭୭ଟି ଗ୍ରାମ ପାଇଁ ଜମି ତାଲିକା ଦାଖଲ କରାଯାଇଛି ଏବଂ ୪୭ଟି ଗାଁକୁ ଆବର୍ତ୍ତିତ କରି ୧୧୦୬.୪୧୧ ଏକର ଜମି ପାଇଁ ୨୦(ଏ) ଗେଜେଟ୍ ଅଧିସୂଚନା ପ୍ରକାଶିତ ହୋଇଛି।ବରଗଡ଼ ଜିଲ୍ଲାରେ ଜମି ଅଧିଗ୍ରହଣ ପାଇଁ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁସାରେ ପ୍ରଥମ ବ୍ଲକର ୫ଟି ଗ୍ରାମ ଯଥା ରୁଙ୍ଗାନିଆ, ସରସରା, ଧାଙ୍ଗେର, ବାଗଡିଆ ଏବଂ ନିଲେଶରରେ ଆବଶ୍ୟକ ଜମିର ପରିମାଣ ୨୬୪.୨୧୬ ଏକର ରହିଥିବାବେଳେ ଗେଜେଟ୍ ତାରିଖ ୨୪.୦୨.୨୦୨୫ ରହିଛି। ସେହିପରି ଦ୍ୱିତୀୟ ଏବଂ ତୃତୀୟ ବ୍ଲକରେ ୧୨ଟି ଗ୍ରାମ ଯଥା ବନ୍ଦନବାହାଲ, ବିରମାଲ, ପୋଡାମୁଣ୍ଡା, ନୂଆପାଲି, ପିପିଲିପାଲି, ଡୁମେରପାଲି, କଟାପାଲି, ସରଣ୍ଡାପାଲି, ମାନପୁର, ସମଲାଇପଦର, ବାଉଁଶପୋଲା ଏବଂ ବିଜେପୁରରେ ଆବଶ୍ୟକ ଜମି ୨୬୨.୭୦୫ ଏକର ଥିବାବେଳେ ଗେଜେଟ୍ ତାରିଖ ୦୨.୦୭.୨୦୨୫ ରହିଛି। ବରଗଡ଼ ରୋଡ୍ - ନୂଆପଡ଼ା ରୋଡ୍ ବିଜି ରେଳ ଲାଇନକୁ ୧୦ ସେପ୍ଟେମ୍ବର ୨୦୨୪ରେ ରେଳ ବୋର୍ଡ ଦ୍ୱାରା ମଞ୍ଜୁର କରାଯାଇଥିଲା, ଯାହାର ପ୍ରକଳ୍ପ ମୂଲ୍ୟ ୨୬୨୧.୯୨ କୋଟି ଥିଲା। ଏହି ପ୍ରକଳ୍ପର ଆର୍ଥିକ ବ୍ୟୟ ଅଟକଳର ସବିଶେଷ ବିବରଣୀ ଯଥା : ସିଭିଲ୍ ଇଞ୍ଜିନିୟରିଂ ପାଇଁ ୨୧୦୭.୩୦ କୋଟି, ବୈଦ୍ୟୁତିକ ଇଞ୍ଜିନିୟରିଂ ପାଇଁ :୩୦୫.୫୫ କୋଟି, ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟରିଂ ପାଇଁ ୨୦୯.୦୭ କୋଟି ଅନ୍ତର୍ଭୁକ୍ତ। ଓଡ଼ିଶା ସରକାର ମାଗଣାରେ ଜମି ଏବଂ ୩୦୦ କୋଟି ଅନୁଦାନ ପ୍ରଦାନ କରି ପ୍ରକଳ୍ପକୁ ସକ୍ରିୟ ଭାବରେ ସମର୍ଥନ କରୁଛନ୍ତି, ଯାହା ଆଞ୍ଚଳିକ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ପ୍ରକଳ୍ପ ପାଇଁ ମୋଟ ଜମି ଆବଶ୍ୟକତା ୯୨୪.୬୪ ହେକ୍ଟର, ଯେଉଁଥିରେ ଅନ୍ତର୍ଭୁକ୍ତ ବ୍ୟକ୍ତିଗତ ଜମି- ୭୫୨.୫୨୪ ହେକ୍ଟର, ସରକାରୀ ଜମି- ୧୨୩.୨୩୩ ହେକ୍ଟର ଓ ଜଙ୍ଗଲ ଜମି-୪୮.୯୧୩ ହେକ୍ଟର। ବରଗଡ଼ ଏବଂ ନୂଆପଡ଼ା ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଯଥାକ୍ରମେ ୧୫ ଅକ୍ଟୋବର ୨୦୨୪ ଏବଂ ୨୯ ନଭେମ୍ବର ୨୦୨୪ ରେ ଜାରି ହୋଇଥିବା ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଜମି ଅଧିଗ୍ରହଣ ପାଇଁ ଆନୁଷ୍ଠାନିକ ଭାବରେ ନିଯୁକ୍ତ କରାଯାଇଛି।

## ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# 'ଗୁଣାତ୍ମକ ଶିକ୍ଷା ପ୍ରତି ସଭିଏଁ ଗୁରୁତ୍ୱ ଦେବା ଉଚିତ୍'

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା



ଗୁରୁତ୍ୱପୂର୍ଣ୍ଣ। ଭଲ ପାଠପଢ଼ା ବ୍ୟତୀତ ସବୁ ପିଲାଙ୍କୁ ଯେପରି ସମାନ ସୁବିଧା ସୁଯୋଗ ମିଳିବ ସେଥିଲାଗି ନଜର ଦେବା ସହ ବିଦ୍ୟାଳୟରେ ଶ୍ରେଣୀ ଶିକ୍ଷାରେ ଗୁଣାତ୍ମକ ପାଠପଢ଼ା ପ୍ରତି ସବୁ ଶିକ୍ଷକ,ଶିକ୍ଷୟିତ୍ରୀ ଗୁରୁତ୍ୱ ଦେବା ଉଚିତ ବୋଲି ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ସୂଚନା ଦେଇଛନ୍ତି। ଆଜି ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ଲାଗି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି। ଏହାଛଡ଼ା ସେ କହିଥିଲେ ଯେ, ପିଲାଙ୍କ କ୍ୟାରିୟରରେ ମାଟ୍ରିକ ପରୀକ୍ଷା ମାର୍କ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ବିଶେଷକରି ମାଟ୍ରିକରେ ୯୦%ରୁ ଅଧିକ ଅର୍ଥାତ 'ଏ-୧' ଯେପରି ଅଧିକ ଛାତ୍ରଛାତ୍ରୀ ହାସଲ କରିବେ ସେଥିଲାଗି ବିଦ୍ୟାଳୟସ୍ତରରେ ପ୍ରତ୍ୟେକ ଶିକ୍ଷକ, ଶିକ୍ଷୟିତ୍ରୀ ଉଦ୍ୟମ କରିବା ଦରକାର। ଏହାବ୍ୟତୀତ ପାସହାର ବୃଦ୍ଧି ସହ ଯେପରି ଫେଲ୍ ହାର ସର୍ବନିମ୍ନ ସ୍ତରକୁ ବା ସମ୍ପୂର୍ଣ୍ଣ ବାଦ୍ ପଡ଼ିବ ସେଥିଲାଗି ମଧ୍ୟ ଗୁରୁତ୍ୱ ଦେବା ଉଚିତ। ବିଶେଷକରି ବିଷୟଭିତ୍ତିକ ପାଠ୍ୟକ୍ରମକୁ ଯେପରି ପିଲାମାନେ ସହଜରେ ବୁଝିପାରିବେ ଏବଂ ପରୀକ୍ଷାରେ ଭଲମାର୍କ ରଖିବେ ସେଥିଲାଗି ମଧ୍ୟ ନଜର ଦେବା ଉଚିତ୍। ସବୁ ବର୍ଗର ଛାତ୍ରଛାତ୍ରୀଯେପରି ପରୀକ୍ଷାରେ 'ଏ-୧' ତାଲିକାରରେ ରହିବେ ସେଥିଲାଗି ଶ୍ରେଣୀପାଠପଢ଼ା ଆରମ୍ଭରୁ ସମସ୍ତେ ଯତ୍ନମାନ ହେବା ଉଚିତ ବୋଲି ସୋନାମିକା କହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୨୯୧ଜଣ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଗଣଶିକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ତାପସ ନାୟକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂ, ଏଡିଇଓ ଡ. ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ପରିଡା, ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭୁ ପ୍ରସାଦ ସେନାପତି ଧନ୍ୟବାଦ ଦେଇଥିଲେ।

# 'ଗୋଦାବରୀଶ ମିଶ୍ରଙ୍କ ଗାଥା କବିତା କାଳଜୟୀ'



**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ଗୋଦାବରୀଶ ମିଶ୍ରଙ୍କ ଗାଥା କବିତା କାଳ ଜୟୀ ବୋଲି ପୂର୍ବାଞ୍ଚଳ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ମାସିକ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟାରେ ମତପ୍ରକାଶ ପାଇଛି। ସୀତାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବିଜୟ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଡକ୍ଟର ଆରତି କର, ସମ୍ମାନିତ ବକ୍ତା ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ ଓ ପର୍ଶୁରାମ ଦ୍ୱିବେଦୀ ଯୋଗଦାନ କରି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚିତ କାଳିଜାଇ ପ୍ରଭୃତି ଗାଥା କବିତା ଉପରେ ବିଶେଷ ଆଲୋଚନା କରିଥିଲେ। ତାଙ୍କ ରଚିତ ପୁରୁଷୋତ୍ତମ ଦେବ ଓ ମୁକୁନ୍ଦ ଦେବ ନାଟକ ଓ ଉପନ୍ୟାସ ମାନ କିପରି ଆଲୋଡ଼ନ ସୃଷ୍ଟି କରିଥିଲା ତାହା ଉପରେ ଆଲୋକପାତ କରିଥିଲେ। ଆଲୋଚନାରେ କୈଳାଶ ରଥ, ବାସନ୍ତୀ ତ୍ରିପାଠୀ , ନାଟ୍ୟକାର ବିଜୟ ମହାନ୍ତି, ବିରଜା ପ୍ରସାଦ ଶତପଥୀ, ପ୍ରଦୀପ୍ତ ବିଶ୍ୱାଳ, ମୁରଲୀଧର ଭାଷ୍ୟମ୍, ଡକ୍ଟର ସିଦ୍ଧାର୍ଥ କାନନଗୋ , ଗୋଲକ ନାୟକ, ବଂଶୀଧର ସେଠୀ ଓ ପ୍ରଭାତ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ରାମ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଏଚ୍‌ଆଇଭି ସଚେତନତା ପାଇଁ ଓସାକ୍ସର ଅଭିନବ ପ୍ରୟାସ

# ଲୋକନୃତ୍ୟ କଳାକାରଙ୍କୁ ନେଇ କର୍ମଶାଳା

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ଗ୍ରାମାଞ୍ଚଳରେ ଏଚଆଇଭି/ଏଡସ୍ ସମ୍ପର୍କୀତ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି (ଓସାକ୍ସ)ପକ୍ଷରୁ ଗୁରୁବାର ଠାରୁ ଦୁଇ ଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହେଉଛି। କର୍ମଶାଳାକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଉଦ୍‌ଘାଟନ କରି ସବୁ କ୍ଷେତ୍ରରେ ସଚେତନତା ହିଁ ଜୀବନକୁ ସୁରକ୍ଷିତ ଓ ସୁଗମ କରିପାରିବ ବୋଲି କହିଥିଲେ। ଯୋଗଦେଇଥିବା ଅତିଥିମାନେ ଏଚଆଇଭି/ ଏଡସ୍ କ୍ଷେତ୍ରରେ ସଚେତନତାର ମହତ୍ୱ ଏବଂ ପାରମ୍ପରିକ ଲୋକନୃତ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱୀକୃତିପ୍ରାପ୍ତ କଳାକାରମାନଙ୍କୁ ନେଇ ଏଚଆଇଭି/ଏଡସ୍ ସଚେତନତାକୁ ଅଧିକ ପ୍ରଚାର ପ୍ରସାର କରିବା





ନେଇ ଏହି ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଛି । ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଏଡସ୍ ପ୍ରବଣ ଖୋର୍ଦ୍ଧା, ଗଞ୍ଜାମ, ନବରଙ୍ଗପୁର, କଟକ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ମୟୁରଭଞ୍ଜ, କଳାହାଣ୍ଡି ଏବଂ ସୁନ୍ଦରଗଡ ଜିଲ୍ଲାରେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ପାଲା, ଦାସକାଠିଆ, ଘୋଡ଼ାନାଚ, ପପେଟ, ପଥପ୍ରାନ୍ତ ନାଟକ ଆଦି ଲୋକନୃତ୍ୟ ଦଳଙ୍କୁ ସାମିଲ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଏଚ.ଆଇ.ଭିଏଡସ୍ ଓ ଯୌନ ସଂକ୍ରମଣର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୨ ତାରିଖ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୧୨ ତାରିଖରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଦୁଇମାସ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଏହି କ୍ରମରେ ରାଜ୍ୟରେ ଗ୍ରାମାଞ୍ଚଳ, ସ୍କୁଲ ଓ କଲେଜ ମାନଙ୍କରେ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ଜରିଆରେ ସଚେତନତା କରାଯିବ।

# ଚାଷୀଙ୍କୁ ଫସଲ ଅମଳ ଓ ଗୁଣବତ୍ତା ସମ୍ପର୍କରେ ସଚେତନ କରିବା ଉଚିତ

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** କୃଷକଙ୍କ ଉନ୍ନତି ଲାଗି ସବୁ ସ୍ତରରେ ଉଦ୍ୟମ କରାଯିବା ଉଚିତ। ବିଶେଷକରି ଫସଲ ଅମଳ ଓ ଗୁଣାମର୍ତ୍ତା ସମ୍ପର୍କରେ ଚାଷୀଙ୍କ ସଚେତନତା କରାଯିବା ଉଚିତ ବୋଲି ବିଶେଷଜ୍ଞ ମୋହନ ବାବୁ କହିଛନ୍ତି। ପ୍ରକାଶ ଯେ ବାୟର ପକ୍ଷରୁ ଏକ ଅଭିନବ ଫଙ୍ଗିସାଇଡ ଫେଲୁଜିତର ଶୁଭାରମ୍ଭ କରାଯାଇଛି ଯାହାକୁ ଧାନ ଫସଲରେ ପତ୍ର ପୋଡ଼ା ରୋଗ(ସିଥ୍ ବ୍ଲାଇଟ) ବିରୋଧରେ ଗଛର ସମସ୍ତ ଅଂଶକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। କୀଟ ଓ ରୋଗଗୁଡିକର ବଢୁଥିବା ବିପଦ ସହିତ କୃଷି କ୍ଷେତ୍ର ସଂଘର୍ଷ କରୁଥିବା ବେଳେ ଏହାର ସମାଧାନ ପାଇଁ ଫେଲୁଜିତ, ପେନଫ୍ଲୁଫେନ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ଏହା ପ୍ରୟୋଗ ପରେ ଗଛର ସମ୍ପୂର୍ଣ୍ଣ ଅଂଶରେ ନିଜର ଦ୍ୱୈତ କାର୍ଯ୍ୟଦକ୍ଷତା ମାଧ୍ୟମରେ ସିଥ୍ ବ୍ଲାଇଟର ବୃଦ୍ଧିକୁ ପ୍ରଭାବୀ ରୂପେ ରୋକିଥାଏ, ଯାହା ଚାଷୀମାନଙ୍କୁ ଫସଲ ଅମଳ ଓ ଗୁଣବତାକୁ ଉନ୍ନତ କରୁଥିବା ଏକ ନିର୍ଭରଯୋଗ୍ୟ ସମାଧାନ ବୋଲି ମୋହନ ବାବୁ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଅଧିକ ଅମଳ ଲାଗି ଗଛରେ ଔଷଧ ଛିଞ୍ଚନ ଆବଶ୍ୟକ। ତେବେ ଏହି ଔଷଧ କୃଷକମାନଙ୍କୁ ଏକାଧିକ ଥର ଏହାକୁ ପ୍ରୟୋଗ କରିବାର ଆବଶ୍ୟକତା ନାହିଁ। ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଏପରି ଉଦ୍ଭାବନ କୃଷକଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶାଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିପାରିବ ବୋଲି ସେ କହିଛନ୍ତି।

# ପିଲାଙ୍କ ଲାଗି କ୍ରୀଡ଼ା କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ଏପସିଲନ ପକ୍ଷରୁ ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକ ନବନିର୍ମିତ ସ୍ପୋର୍ଟସ କୋର୍ଟ ଓ କ୍ରିକେଟ ପିଚ୍‌ର ଉଦ୍‌ଘାଟନ କରାଯାଇଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ଭିତ୍ତିଭୂମି ୩୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ, ହକି ଓ ତୀରନ୍ଦାଜୀ କ୍ରୀଡା କ୍ଷେତ୍ରରେ ଢାଞ୍ଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବା ଲାଗି ପ୍ରସ୍ତୁତ ରହିଛି। ଶୃଙ୍ଖଳା, ଦଳଗତ କାର୍ଯ୍ୟ ଓ କ୍ରୀଡା ମନୋଭାବର ମୂଲ୍ୟକୁ ପ୍ରୋତ୍ସାହିତ କରି ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ବିକଶିତ କରିବା ପାଇଁ ଏହି ଭିତ୍ତିଭୂମିକୁ ପରିକଳ୍ପନା କରାଯାଇଛି ବୋଲି ଫାଉଣ୍ଡେଶନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି। ସେ କହିଛନ୍ତି ଯେ ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରି ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରହିଛି।


## ଓଡିଏମ୍‌ରେ ଏଲ୍‌ଇଏପି ସିରିଜ୍ କାର୍ଯ୍ୟକ୍ରମ

# 'ଶିକ୍ଷାରେ ବୌଦ୍ଧିକତା ବିଦ୍ୟାର୍ଥୀ ଚେତନାକୁ ଜାଗ୍ରତ କରେ'

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ଶିକ୍ଷାରେ ବୌଦ୍ଧିକତା ବିଦ୍ୟାର୍ଥୀ ଚେତନାକୁ ଜାଗ୍ରତ କରେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାସହିତ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରି ସେମାନଙ୍କ ଜୀବନକୁ ଶୈକ୍ଷିକ, ବୌଦ୍ଧିକ, ମାନସିକ ତଥା ବ୍ୟାବହାରିକ ଦୃଷ୍ଟିକୋଣରୁ ସମୃଦ୍ଧକରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ପ୍ରଶାସନ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ନେଇ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନଙ୍କ ପୌରହିତ୍ୟରେ ଓଡିଏମ୍ ଅଧୀନସ୍ଥ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ତଥା ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ ପ୍ରାଙ୍ଗଣରେ ଦୁଇଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଏମ୍ ପବ୍ଲିକ୍ ସ୍କୁଲ୍ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱରର ସି.ଏସ୍.ଆଇ.ଆର୍-ଆଇ.ଏମ୍.ଏମ୍.ଟି.









ଖଣିଜ ପ୍ରକ୍ରିୟାକରଣ ବିଭାଗର ମୁଖ୍ୟ ବୈଜ୍ଞାନିକ ଡଃ ରଞ୍ଜନ କୁମାର ଦ୍ୱାରି, ଆର୍.ଏମ୍.ଏନ୍.ଏଚ୍.ର ବରିଷ୍ଠ ବୈଜ୍ଞାନିକ ଶ୍ରୀଯୁକ୍ତ ଗୌରବ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବୈଜ୍ଞାନିକ ଡଃ ପ୍ରସାଦ କୁମାର ଦାଶ, ମେଜର ଇନ୍‌ସପେକ୍ଟର ଜେନେରାଲ୍, ଆସାମ ରାଇଫଲ୍ସ (ଉତ୍ତର)ର ମେଜର ଜେନେରାଲ୍ ବି.ଏସ୍. ଦାସ ଏବଂ ଭୁବନେଶ୍ୱର ତଥା ଦିଲ୍ଲୀ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ବିଶିଷ୍ଟ ଚିକିତ୍ସାବିଜ୍ଞାନୀ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ସହିତ ନିଜ ନିଜର ଅମୂଲ୍ୟଜ୍ଞାନ ଏବଂ ଜୀବନଯାତ୍ରାର ସମସ୍ତ ଅନୁଭୂତିକୁ ବ୍ୟକ୍ତ କରିଥିଲେ । ଅତିଥି ମାନେ ପ୍ରେରଣାଦାୟୀ ବକ୍ତବ୍ୟ ଏବଂ କ୍ରିୟାକଳାପ ମାଧ୍ୟମରେ ବିଭିନ୍ନକ୍ଷେତ୍ରରେ ଛାତ୍ରଛାତ୍ରୀ କିଭଳି ସୁସଂଗଠନ, ଶୃଙ୍ଖଳିତ, ସଂଯମ ଏବଂ ଉତ୍ସର୍ଗୀକୃତ ମନୋଭାବ ନେଇ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିବେ ବୋଲି ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଷଷ୍ଠରୁ ନବମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ନେଇ ଦୁଇଟି ପର୍ଯ୍ୟାୟରେଏହି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡଃ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ ପ୍ରାଙ୍ଗଣରେ ୫ଟି ଅଧିବେଶନ ହୋଇଥିଲା। ପ୍ରଥମ ଅଧିବେଶନରେ ମେଜର୍ ଜେନେରାଲ୍ ସାଇ ଅତନୁ ପଟ୍ଟନାୟକ, ଦ୍ୱିତୀୟ ଅଧିବେଶନରେ ଉତ୍କଳ ଚାମ୍ବର ଅଫ୍ କର୍ମସର ଚେୟାରମ୍ୟାନ୍ ଡକ୍ଟର ସଞ୍ଜୀବ ମହାପାତ୍ର, ତୃତୀୟ ଅଧିବେଶନରେ ଡକ୍ଟର ସିଦ୍ଧାର୍ଥ ମହାନ୍ତି, ନିର୍ଦ୍ଦେଶକ (ଅର୍ଥୋ ପୁନଃବାସ ଏବଂ ଜୀବନଶୈଳୀ ପରିଚାଳନା), ଚତୁର୍ଥ ଅଧିବେଶନରେ ଯୁବଦ୍ୟୋଗୀ ଶ୍ରୀଯୁକ୍ତ ଦେବାଶିଷ କୁମାର ଓ ପଞ୍ଚମ ଅଧିବେଶନରେ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସହକାରୀ ନିର୍ଦ୍ଦେଶକନଗେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ଆଇନମନ୍ତ୍ରୀ

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ବାସଭବନରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶୁକ୍ରବାର ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣମାନେ ସାକ୍ଷାତ କରିବା ସହ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଓ ଅଭିଯୋଗ ଜଣାଇଥିଲେ। ଉକ୍ତ ସମସ୍ୟା ଗୁଡ଼ିକୁ ଅତି ଗମ୍ଭୀରତାର ସହ ନେଇ ସମାଧାନ ଏବଂ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ସହ ଏହା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ସମ୍ବନ୍ଧୀୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ।

# ଅନୁପ୍ରବେଶକାରୀ ଆସୁ ନାହାନ୍ତି, ଅଣାଯାଉଛି: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:** ବାଂଲାଦେଶ ଦେଶରୁ ଅନେକ ଅନୁପ୍ରବେଶ କାରୀ ପଶ୍ଚିମବଙ୍ଗ ଦେଇ ଅନୁପ୍ରବେଶ କରୁଛନ୍ତି। ଗୋଟେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ଅନୁପ୍ରବେଶ କରୁଛନ୍ତି। ଯେଉଁ ହିନ୍ଦୁ ଶିଖ ବୌଦ୍ଧ, ପାର୍ସୀ, ଖ୍ରୀଷ୍ଟିଆନ ଯେଉଁମାନେ ବାଂଲାଦେଶ ଓ ଆଫଗାନିସ୍ତାନରେ ନିର୍ଯାତନାର ଶିକାର ହେଉଛନ୍ତି ସେମାନଙ୍କୁ ଆଣିବା ପାଇଁ ଆଇନ ବି କରିଛୁ। କିନ୍ତୁ ଅନ୍ୟ ସମ୍ପ୍ରଦାୟର ଲୋକ ତୁମେ କାହିଁକି ଅନୁପ୍ରବେଶ କରି କି ଆସୁଛ। ସେମାନେ ଆସୁ ନାହାନ୍ତି ବରଂ ସେମାନଙ୍କୁ ଅଣା ଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମମତା ବାନାର୍ଜୀଙ୍କ ଟିଏମସି ଦଳ ସେମାନଙ୍କୁ ଆଣୁଛି ନିଜର ଭୋଟର କାୟା ବୃଦ୍ଧି କରିବା ପାଇଁ । ସେମାନଙ୍କୁ ରାସନ କାର୍ଡ ମଧ୍ୟ ଦେଉଛନ୍ତି ଓ ଆଧାର କାର୍ଡ କରୁଛି। ହିନ୍ଦୁ ମାନଙ୍କ ବିରୁଦ୍ଧରେ ଅପରାଧ କରାଉଛନ୍ତି। ଏମିତି ନ ହେଉ ପଶ୍ଚିମବଙ୍ଗରେ ମୂଳ ଭାରତୀୟ ନାଗରିକ ସେମାନେ ସଂଖ୍ୟା ଲଘୁ ହେଇ ନଯାଆନ୍ତୁ। ବେଙ୍ଗଲରେ ଟିଏମସି ସରକାର ଯାହା କରୁଛି ତାଙ୍କୁ ଭଗବାନ କି ଇତିହାସ କେବେ ବି କ୍ଷମା ଦେବେନି । ପଶ୍ଚିମବଙ୍ଗ ରେ ଆଜି ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ । ଯଦି ଆଜି ଆପଣ ବେଙ୍ଗଲ ଯିବେ ସୁରକ୍ଷିତ ଫେରିବେ କି ନାହିଁ ଠିକ ନାହିଁ । ଆତଙ୍କବାଦୀ ତିଆରି ର ଏନ୍ତୁଡ଼ିଶାଳ ପାଲଟିଛି ପଶ୍ଚିମବଙ୍ଗ ।

## ବୃଦ୍ଧାଶ୍ରମରେ ଜନ୍ମଦିନ ପାଳିଲେ ଦୁଃଖୀଶ୍ୟାମ



**ମାହାଙ୍ଗା,୧୧।୭/ଏନ୍ଏନ୍ଏସ୍:** ଆଜି ଯୁଗରେ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। କେଉଁମାନେ ନିଜ ଜନ୍ମଦିନକୁ ପରିବାର ସହ ଧୁମଧାମରେ ପାଳନ କରୁଛନ୍ତି ତ ଆଉ କିଏ ଅସହାୟ,ଗରିବ,ନିରାଶ୍ରୟଙ୍କ ସହ ପାଳନ କରୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକରେ। ସୂଚନା ମୁତାବକ ମଉଦା ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ଶିକ୍ଷକ ପବିତ୍ର କୁମାର ଦେହୁରୀ ଓ ରୀତା ମାଝିଙ୍କ ପୁତ୍ର ବିଶ୍ୱଭୂଷଣ ଦେହୁରୀଙ୍କ ସପ୍ତମ ବାର୍ଷିକ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଏ ନେଇ ଶିକ୍ଷକ ଶ୍ରୀ ଦେହୁରୀ ସାଲେପୁର ବ୍ଲକ ଏଲମାପୁରରେ ଥିବା ଦୁଃଖିଶ୍ୟାମ ବୃଦ୍ଧାଶ୍ରମରେ ପହଞ୍ଚି ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳନ କରି ସେମାନଙ୍କୁ ମିଠା ଓ ବସ୍ତ୍ର ବଣ୍ଟନ ସହ ରନ୍ଧନ କାର୍ଯ୍ୟ ବ୍ୟବସ୍ଥା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଅଜିତ କୁମାର ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଅନ୍ତେବାସୀମାନେ ଉପସ୍ଥିତ ରହି ବିଶ୍ୱଭୂଷଣଙ୍କୁ ଆଶୀର୍ବାଦ କରିବା ସହ ଦୀର୍ଘ ଜୀବନ କାମନା କରିଥିଲେ।

### ଷଷ୍ଠ ପଞ୍ଚାୟତସମିତି ଅଧିବେଶନ

## ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା

**ନିଶ୍ଚିନ୍ତକୋଇଲି,୧୧।୭/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ଣ ୧୧ଟାର ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ଷଷ୍ଠ ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତିର ଅଧକ୍ଷା ରୋଜି ସେଠୀ ସଭାପତିତ୍ୱରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। କଡ଼ା ପୁଲିସ ସୁରକ୍ଷା ବଳୟ ମଧ୍ୟରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୧ ମାସ ପରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିବାରୁ ସାଧାରଣରେ ସଭ୍ୟସଭ୍ୟାମାନଙ୍କ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଅଧକ୍ଷା ଶ୍ରୀମତୀ ସେଠୀ ସଭା ପରିଚାଳନା କରିବା ପାଇଁ ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏଥିରେ ମୁଖ୍ୟତଃ ୯ଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା। ଅନ୍ତ୍ୟୋଦ୍ୱୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା



ଆଇନ, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନବାଡି କେନ୍ଦ୍ର ନଥିବା ଜାଗାରେ ନୂତନ ଘର ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ବିକଶିତ ଗାଁ ଓ ବିକଶିତ ଓଡ଼ିଶା ସମ୍ପର୍କରେ ସଭ୍ୟ ସଭ୍ୟାମାନଙ୍କ ସହିତ ମତାମତ ଲୋଡ଼ା ଯାଇଥିଲା। କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷା ବିଭାଗର ବ୍ଲକ ଅଧିକାରୀ ଅନୁପସ୍ଥିତ ରହି ତାଙ୍କର ଅନ୍ୟ ଅଧିକାରୀଙ୍କୁ ପଠାଇଥିଲେ। ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ସଭ୍ୟସଭ୍ୟାମାନେ ହୋ ହାଲ୍ଲା କରିଥିଲେ। ସ୍ୱଚ୍ଛ ଭାରତ ମିଶନ୍, ଆର୍.ଡବ୍ଲୁ .ଏସ୍ .ଏସ୍ ଯଥାଶୀଘ୍ର ପିଇପା ପାଣି ଯୋଗାଇ ଦେବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାକୁ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପଞ୍ଚାୟତ ଡେଭଲପ୍‌ମେଣ୍ଟ ପ୍ଲାନ୍ ୨୦୨୫-୨୬, କଟକ ସଦର ବିଧାୟକ ଶ୍ରୀ ସେଠୀ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗ୍ରାମ ପଞ୍ଚାୟତକୁ ବିକଶିତ ପଞ୍ଚାୟତ କରାଯିବା ପାଇଁ ପ୍ରସ୍ତାବ ରଖିବା ସହିତ ବିଧାନସଭାରେ ପଞ୍ଚାୟତକୁ ଅଧିକ ଅଗ୍ରାଧିକାର ଦେବାକୁ କହିଥିଲେ। ମାହାଙ୍ଗା ବିଧାୟକ ଶ୍ରୀ ପ୍ରଧାନ ନିଶ୍ଚିନ୍ତକୋଇଲି ବ୍ଲକରେ କୌଣସି କାର୍ଯ୍ୟରେ ଦୁର୍ନୀତି ନ ଆସିବା ପାଇଁ ମତ ରଖିଥିଲେ। ଏହା ସହ ତାଙ୍କର ଅଗ୍ନିବର୍ଷୀ ଭାଷଣରେ ସଭାସ୍ଥଳ ସ୍ତବ୍ଧ ହୋଇ ରହିଥିଲା। ସଭାକାର୍ଯ୍ୟ ଚାଲୁଥିଲା ସମୟରେ ପିଏସ୍ଆର୍ ଅର୍ଥ ସମିତି ସଭ୍ୟଙ୍କ ଅଗୋଚରରେ ଖର୍ଚ୍ଚ ହେଉଥିବା କହି କିଛି ସଭ୍ୟ ସଭା ସ୍ଥଳରେ ବସିରହିଥିଲେ। ସଭା ସରିବାର କିଛି ସମୟ ପରେ ବିଡିଓ ଶ୍ରୀ ଦାସ ଆଲୋଚନା ଓ ବୁଝାସୁଝା କରି ସଭ୍ୟମାନଙ୍କୁ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଏବିଡିଓ ଅଶୋକ କୁମାର ମହାନ୍ତି, ଉପାଧକ୍ଷ ନୃସିଂହ ମିଶ୍ର, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ମାନସ କୁମାର କର, ସ୍ୱାସ୍ଥ୍ୟ ଅଧିକାରୀ ଅମିତ୍ କୁମାର ଜେନା, ବ୍ଲକ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ଜସ୍ମିତା ସେଠୀ, ଭୂପତି ଭୂଷଣ ଷଣ୍ଢ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗ୍ରାମ ପଞ୍ଚାୟତ ଅଧିକାରୀ ମନୋଜ କୁମାର ପଢିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ୭ ଚିହ୍ନଟ

**ଓଡ଼ଗାଁ,୧୧।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ତଥା ଏନ୍ଏସି ସ୍ଥିତ ରଘୁନାଥ ଆଥଲେଟିକ୍ ଆସୋସିଏସନ୍‌ଠାରେ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଭୁବନେଶ୍ୱର ଆନୁକୂଲ୍ୟରେ +୨ ସାଇନ୍ସ କୋଚିଂ ସେଣ୍ଟର ରଘୁନାଥ ଷ୍ଟଡିକେୟାର ଏବଂ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଓଡ଼ଗାଁଙ୍କ ମିଳିତ ସହଯୋଗରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଆଜି ଅପରାହ୍ଣରେ ଭୁବନେଶ୍ୱର ରୋଟାରୀ ଚକ୍ଷୁ ଡାକ୍ତରଖାନାକୁ ନିଆଯାଇଛି। ରାତିରେ ଅସ୍ତ୍ରୋପଚାର କରାଯାଇ ଶନିବାର ସକାଳେ ସେମାନଙ୍କୁ ଘରେ ପହଞ୍ଚାଇ ଦିଆଯିବ ବୋଲି ରୋଟାରୀ ଚିକିତ୍ସାଳୟ ତରଫରୁ ସୂଚନା ଦିଆଯାଇଛି। ଷ୍ଟଡି କେୟାର ପରିଚାଳକ ସାରସ କୁମାର ମିଶ୍ର ଓ ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଖେଳମଣିଷ ଦିବାକର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବାବେଳେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ଗଣେଶ୍ୱର ସାହୁ, ଅଭୟ ପଟ୍ଟନାୟକ, ରଙ୍ଗଣିପାଟଣା ସରପଞ୍ଚ ସସ୍ମିତା ପାତ୍ର, କୋରପିଠା ସମାଜସେବୀ ପବିତ୍ର କୁମାର ସାହୁ, ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀ ଅଧକ୍ଷ ବିରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳାଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ବର୍ଷା ଋତୁରେ ଆଖିର ଯତ୍ନ ବିଷୟରେ ଉପସ୍ଥିତ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଅପ୍ଟୋମେଟିଭ ଟେକ୍‌ନିସିଆନ୍ ବିଷ୍ଣୁପ୍ରିୟା ଦଳେଇ ଏବଂ ଶିବିର ପରିଚାଳକ ଦୁର୍ଗାପ୍ରସାଦ ସେଠ୍ ଶିବିରାର୍ଥୀଙ୍କ ଚକ୍ଷୁପରୀକ୍ଷା କରି ଔଷଧ ବିତରଣ ସହିତ ଆବଶ୍ୟକ ପରାମର୍ଶ ଦେଇଥିଲେ। ପ୍ରଭାତ ମହାପାତ୍ର, ସ୍ନେହଲତା ସାହୁଙ୍କ ସହିତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



## ମାଗଣା ପାଠ୍ୟପୁସ୍ତକ ବଣ୍ଟନ



**ଓଡ଼ଗାଁ,୧୧।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ସାକେରୀ ସ୍ଥିତ ରାହାସ ବିଦ୍ୟାପୀଠରେ ଶୁକ୍ରବାର ଅନୁସୂଚିତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ମାଗଣା ପାଠ୍ୟପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଏହିବର୍ଗର ସମୁଦାୟ ୩୦ ଜଣ ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇଛନ୍ତି। ଏହି ଉପଲକ୍ଷେ ଶିକ୍ଷକ ରଞ୍ଜନ କୁମାର ପାତ୍ରଙ୍କ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧିରେ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ଲାଭ ଗ୍ରହଣ ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦେବତା, ବିଜ୍ଞାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ସହକାରୀ ଶିକ୍ଷୟିତ୍ରୀ ସୁନିତା ଜେନା ଓ କ୍ରୀଡ଼ାଶିକ୍ଷକ ରିଙ୍କୁ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାକ୍ଷୀଗୋପାଳ କଲେଜରେ ବନ ମହୋତ୍ସବ



**ସାକ୍ଷୀଗୋପାଳ,୧୧।୭/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତଥା ଓଡ଼ିଶା ପରିବେଶ ସମାଜର ମିଳିତ ଉଦ୍ୟମରେ ଆଜି ଏକ ବନମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାକ୍ଷୀଗୋପାଳ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପରିବେଶ ସମାଜର କାର୍ଯ୍ୟରତ ଅଧକ୍ଷ ଡ଼ଃ ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ପ୍ର. ପଟ୍ଟନାୟକ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ବିଦ୍ୟାଳୟ ବକୁଳ ବନବିଦ୍ୟାଳୟ ପରି ଏହି ମହାବିଦ୍ୟାଳୟର ପ୍ରାଙ୍ଗଣରେ ବୃକ୍ଷରୋପଣ କରି ଏକ ବନ ମହାବିଦ୍ୟାଳୟରେ ରୂପାନ୍ତରିତ କରିବା ନିମନ୍ତେ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ପାଣିଗ୍ରାହୀ ଆଜିକାର ପରିବେଶରେ ଉଷ୍ମତାପ ବୃଦ୍ଧି ଏବଂ ଋତୁଚକ୍ରର ଅନିୟମିତତାର ସମସ୍ୟା ମଧ୍ୟରେ ବୃକ୍ଷର ମହତ୍ତ୍ୱ କେତେ ମୂଲ୍ୟବାନ୍ ତାହା ସଭାରେ ଉପସ୍ଥାପନ କରିଥିଲେ। ଓଡ଼ିଶା ପରିବେଶ ସମାଜର କାର୍ଯ୍ୟରତ ଅଧକ୍ଷ ଡ଼ଃ. ପାଣିଗ୍ରାହୀ ନିଜ ବକ୍ତବ୍ୟରେ ବୃକ୍ଷରୋପଣ ମାଧ୍ୟମରେ କିପରି ବିଭିନ୍ନ ପରିବେଶ ସମସ୍ୟା ସମାଧାନ କରିଯାଇପାରିବ ତାହା ଅବଗତ କରାଇଥିଲେ। +୩ ଜାତୀୟ ସେବା ଯୋଜନାର ସମ୍ପାଦକ ଦିଲ୍ଲୀପ କୁମାର ବେହେରା ଏବଂ +୨ ଜାତୀୟ ସେବା ଯୋଜନାର ସମ୍ପାଦକ ପ୍ରକାଶ କୁମାର ସାହୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଏବଂ ସ୍କାଉଟ ଗାଇଡ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ତଥା ଛାତ୍ରଛାତ୍ରୀମନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧାପିକ ସୁଜାତା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଅର୍ଥନୀତି ବିଭାଗର ଅଧାପକ ପ୍ରକାଶ କୁମାର ସାହୁ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଲବମ୍ ସମୟରେ ସମ୍ଭାବ୍ୟ ହଇଜା ସଂକ୍ରମଣ ଆଶଙ୍କା, ପ୍ରତିକାର ଦାବି

**କଣ୍ଟିଲୋ,୧୧।୭/ଏନ୍ଏନ୍ଏସ୍:** ଆଜି ଶୁକ୍ରବାରଠାରୁ ଶ୍ରାବଣ ମାସ ଆରମ୍ଭ ଯୋଗୁ ବୋଲବମ୍ ଭକ୍ତମାନେ କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ କ୍ଷେତ୍ର ମହାନଦୀରୁ ପାଣି ଭାର ନେବାପାଇଁ ଭିଡ଼ ଲଗାଇଛନ୍ତି। ଆଗକୁ ପ୍ରତି ସପ୍ତାହର ଶୁକ୍ର, ଶନି ଓ ରବିବାର ଦିନଗୁଡ଼ିକରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ବୋଲବମ୍ ଭକ୍ତ ଏବଂ ସେମାନଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ କଣ୍ଟିଲୋରେ ଦେଖିବାକୁ ମିଳେ। ଏହି ଦିନଗୁଡ଼ିକରେ ଖାଦ୍ୟ ଅପମିଶ୍ରଣ, ବିଶୋଧନ ହୋଇ ନଥିବା ପାନୀୟ ଜଳ ଓ ମୃଦୁ ପାନୀୟ ଯୋଗୁଁ ସମ୍ଭାବ୍ୟ ହଇଜା ସଂକ୍ରମଣର ଆଶଙ୍କାକୁ ଏଡ଼େଇ ହେବନାହିଁ। ତେଣୁ ଏ ଦିଗରେ ବିହିତ ପଦକ୍ଷେପ ନେବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି।

ପ୍ରକାଶ ଯେ ଗତ ଜୁନ ମାସରେ ରାଜ୍ୟରେ ହଇଜା ସଂକ୍ରମଣ ଜିଲ୍ଲାକୁ ଜିଲ୍ଲା କ୍ଷୀପ୍ର ଗତିରେ ବ୍ୟାପିଥିବାରୁ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓ ସଚିବ ଏହା ଉପରେ ସମୀକ୍ଷା କରି ରାଜ୍ୟର ସମସ୍ତ ଜିଲ୍ଲାପାଳ ଏହାର ପ୍ରତିକାର ପାଇଁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁସାରେ ଗତ ଜୁନ ୧୮ ତାରିଖରେ ନୟାଗଡ଼ ଜିଲ୍ଲାପାଳଙ୍କ କକ୍ଷରେ ହଇଜା ସଂକ୍ରମଣ ରୋକିବା ପାଇଁ ଏକ ପ୍ରେସ ବିଜ୍ଞପ୍ତିରେ ସମସ୍ତ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଠି ସୂଚନା ଯୋଗ୍ୟ ଯେ ବୋଲବମ୍ ଭକ୍ତଙ୍କ ବ୍ୟତୀତ ଶ୍ରୀଜିଉଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ କଣ୍ଟିଲୋ ବଜାର ଉପରେ ନିର୍ଭର କରୁଥିବା ୮ଟି ପଞ୍ଚାୟତର ପ୍ରାୟ ୮୦ ହଜାର ଅଧିବାସୀ ଏବଂ ୨୦ ହଜାରରୁ ଉର୍ଦ୍ଧ୍ୱ କଣ୍ଟିଲୋ ବାସିନ୍ଦା ଏହି ବଜାର ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଥିଲେ ମଧ୍ୟ ସମ୍ଭାବ୍ୟ ହଇଜା ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନର ଆଦୌ ଚିନ୍ତା ନଥିବା ଭଳି ଅଭିଯୋଗ ହେଉଛି। ଏଠାରେ ନୟାଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଛି। ଜିଲ୍ଲାପାଳ ନିର୍ଦ୍ଦେଶ ଦେବାର ଆଜିକୁ ପ୍ରାୟ ୨୫ ଦିନ ଅତିବାହିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଖାଦ୍ୟ ନିରୀକ୍ଷକଙ୍କୁ କଣ୍ଟିଲୋରେ ଦେଖିବାକୁ ମିଳିନାହିଁ। ଏଠାରେ ହୋଟେଲ, ଜଳଖିଆ ଦୋକାନ, ଢାବା, ଫାଷ୍ଟ ଫୁଡ୍, ଟି ଷ୍ଟଲ, ଗୁପଚୁପ ଦୋକାନୀ, ଦହିବରା ଦୋକାନୀ ଓ ଠେଲାରେ ବିକ୍ରୟ ହେଉଥିବା ଖାଦ୍ୟ, ବିଶୋଧନ ହୋଇନଥିବା ପାଣି ବୋତଲ, ଥଣ୍ଡା ପାନୀୟ ଇତ୍ୟାଦି ତନଖି କରାଯାଉନଥିବାରୁ ସମ୍ଭାବ୍ୟ ହଇଜା ସଂକ୍ରମଣକୁ ଏଡେଇ ଦିଆ ନ ଯାଇ ପାରେ। ତେଣୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ପାଳନ କରି ଜିଲ୍ଲା ଯୋଗାଣ ବିଭାଗ ଓ ଖାଦ୍ୟ ନିରୀକ୍ଷକ କଣ୍ଟିଲୋ ଆସି ବଜାର ଓ ଗଳି କନ୍ଦିରେ ବିକ୍ରୟ ହେଉଥିବା ନିମ୍ନମାନର ଖାଦ୍ୟ, ପାନୀୟ ଜଳ ଓ ଥଣ୍ଡା ପାନୀୟ ତନଖି କରି ସାମ୍ଭାବ୍ୟ ହଇଜା ସଂକ୍ରମଣ ରୋକି ସାଧାରଣ ଜନତାଙ୍କୁ ସେବା ଯୋଗାଇବା ପାଇଁ କଣ୍ଟିଲୋର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଯୁବ ଗୋଷ୍ଠୀ ଓ ପ୍ରତ୍ୟେକ ସାହି କ୍ଲବ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ଗୁରୁପୂର୍ଣ୍ଣିମା



**ନୟାହାଟ,୧୧।୭/ଏନ୍ଏନ୍ଏସ୍:** ଗୋପ ବ୍ଲକ ଅନ୍ତର୍ଗତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଗୁରୁ ପୂର୍ଣ୍ଣିମା ଯଥାରୀତି ଅନୁଯାୟୀ ପାଳିତ ହୋଇଛି। ସମୂହ ବିଶ୍ୱ ଶାନ୍ତି ପ୍ରାର୍ଥନା, ସମସ୍ତ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆରମ୍ଭ ହୋଇଥିଲା ଗୁରୁଦେବ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଷୋଡ଼ଶ ଉପଚାର ପୂଜା। ପଞ୍ଚତୀର୍ଥ ଜଳରେ ସ୍ନାନ, ମାଆମାନଙ୍କ ଦ୍ୱାରା ବନ୍ଦାପନା, ପରେ ଶ୍ରଦ୍ଧାଳୁମାନେ ଗୁରୁ ଦେବଙ୍କୁ ଦାନଦକ୍ଷିଣା ସମର୍ପଣ କରିଥିବାର ଦେଖିବାକୁ ମିଳିଥିଲା। ବାବାଜୀ ବିବେକାନନ୍ଦ ଭଜନ ଗାନ କରିଥିଲା ବେଳେ ବାବାଜୀ ଅକ୍ଷୟ କୁମାର ଦାସ ପୂଜାର୍ଚ୍ଚନା କରିଥିଲେ। ଡାକ୍ତର ରତ୍ନାକର ମହାନ୍ତି ଗୁରୁ ପୂର୍ଣ୍ଣିମା ଉପରେ ଭକ୍ତମାନେ କିପରି ପାଳନ କରିଥାନ୍ତି, ତାହା ଆଲୋକପାତ କରିଥିଲେ। ଆଶ୍ରମର ଏହା ଅନ୍ୟତମ ପର୍ବ ବୋଲି ସେବକ ପ୍ରୀତି ରଞ୍ଜନ ସୂଚନା ଦେଇଛନ୍ତି।

## ବାଲ୍ମିକୀ ଆଶ୍ରମ ଅଢ଼ଙ୍ଗ ମଠରେ ଗୁରୁପୂଜା



**କୁଆଁପାଳ,୧୧।୭/ଏନ୍ଏନ୍ଏସ୍:** କଳି କଳୁଷ ନାଶନ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ମାହାଙ୍ଗା ବ୍ଲକର ନାହାଙ୍ଗ ପଞ୍ଚାୟତ ଅଧିନସ୍ଥ ବାଲିପଡ଼ା ସ୍ଥିତ ପ୍ରସିଦ୍ଧ ବାଲ୍ମିକି ଆଶ୍ରମ ଅଢ଼ଙ୍ଗ ମଠ ପରିସରରେ ଗୁରୁପୂର୍ଣ୍ଣିମା ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ଅତି ଉଚ୍ଚରେ। ଯାହା ଏକ ପରମ୍ପରା ତାହା ସମଗ୍ର ବିଶ୍ୱରେ ବିରଳ। ସର୍ବପ୍ରଥମେ ସିଦ୍ଧ ସାଧକ ବାବାଜୀ ଜଗନ୍ନାଥ ଦାସ ଏହି ମଠର ପ୍ରତିଷ୍ଠା କରିଥିଲେ। ତାଙ୍କର ଶିଷ୍ୟ ସ୍ୱାମୀ ଅରୂପାନନ୍ଦ ମହାରାଜଙ୍କ ଶିଷ୍ୟଭାବେ ସନ୍ଥ ନିର୍ଭୟାନନ୍ଦ ମହାରାଜ ଏହି ମଠରେ ମଠାଧୀଶ ଭାବରେ ରହିଛନ୍ତି। ଆଜି ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ମଠ ପରିସରରେ ସନ୍ଥ ନିର୍ଭୟାନନ୍ଦ ଦାସଙ୍କ ପୂଜାର୍ଚ୍ଚନା ବିଧି ଓ ବିଧାନ ଅନୁସାରେ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିଲା। ଆଳତୀ, ପୁଷ୍ପାଞ୍ଜଳି ପରେ ଗୁରୁଙ୍କ ମୁଖରୁ ଗୁରୁ ପରମ୍ପରାର ଅମୃତମୟ ପ୍ରବଚନ ଶିଷ୍ୟମାନେ ଶ୍ରବଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଠର ମୁଖ୍ୟ ପୂଜକ ଅଭିନ୍ନ କୁମାର ଶତପଥୀ, ପ୍ରଦ୍ୟୁମ୍ନ କୁମାର ପଣ୍ଡା, ବିଷ୍ଣୁପ୍ରସାଦ ଷଡ଼ଙ୍ଗୀ, ରାଜେନ୍ଦ୍ର ପଣ୍ଡା, ଛନ୍ଦା ଚରଣ ମିଶ୍ର, ବିଜୟ କୁମାର ମିଶ୍ର, ଅଜିତ୍ କୁମାର ତ୍ରିପାଠୀ, ଉପେନ୍ଦ୍ର ଶତପଥୀ, ଦିଲ୍ଲୀପ କୁମାର ନନ୍ଦ, ସୁରଜ କୁମାର ଦାସ ପ୍ରମୁଖ ଯୋଗଦେଇ ଗୁରୁଙ୍କ ପୂଜା ବିଧି ଓ ବିଧାନ ସହିତ ସମ୍ପନ୍ନ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମା' ଶାରଳା ସେବକମଣ୍ଡଳୀ ଯୋଗଦେଇ ମା'ଙ୍କ ଘଣ୍ଟନାଦ କରିବା ସହ ପ୍ରଭୁ ଅନନ୍ତ ମାଧବ, ମା' ବିଂଶଭୂଜା ଦୁର୍ଗା, କାଳୀ ଓ ତାରାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦାମୋଦର ସିଂହ, ରଜତ ସାମଲ, ଯୋଗେନ୍ଦ୍ର ସିଂହ, ମୋହନ ଚରଣ ସିଂହ, ରାଜେଶ ପଟ୍ଟନାୟକ, ଶ୍ରୀନୀବାସ ଭୂୟାଁ, ଅଶୋକ କୁମାର ସାହୁ, ଦାମୋଦର ଦାସ, ସତ୍ୟାନନ୍ଦ ମଳିକ, ଅଜୟ ସାହୁ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ସହଯୋଗ କରିଥିଲା ବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ବହୁ ଶିଷ୍ୟ ଓ ଭକ୍ତମାନେ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଚଳିତବର୍ଷ ଗୁରୁପୂଜା କାର୍ଯ୍ୟକ୍ରମ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।

## ମାଲମାଲ ବେଆଇନ୍ କରତକଳ, କାର୍ଯ୍ୟାନୁଷ୍ଠାନ ଶୂନ୍

**ନୟାହାଟ,୧୧।୭/ଏନ୍ଏନ୍ଏସ୍:** ନୟାହାଟ ନିକଟସ୍ଥ ତୁଳସୀପୁର, ତମ୍ପାଲୋ, ପୋଦନା, ଦଣ୍ଡିକିରା, କାନପୁର, କଳାପାଞ୍ଚଣ, ଗଡ଼ଇଟା ପୋଖରୀ, ଲେଙ୍କାସାହି ଆଦି ସ୍ଥାନରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବେଆଇନ କରତକଳ ଦିନରାତି ଚାଲୁ ରହିଛି। କେବଳ ତୁଳସୀପୁର ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବେଆଇନ କରତକଳ ଚାଲିଥିବା ଅଭିଯୋଗ ହୋଇଛି। ସ୍କୁଲ ନିକଟ, ବଜାର ଓ ଗାଁ ଭିତରେ କରତ କଳ ଚାଲିବାରୁ ଏହାର ଶବ୍ଦ ଏବଂ କାଠ ଗୁଣ୍ଡ ସବୁ ଉଡ଼ିବା ଦ୍ୱାରା ଛାତ୍ରଛାତ୍ରୀମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଜାର ଉପରେ ବ୍ୟବସାୟୀମାନେ କାଠ ଗୁଣ୍ଡ ଉଡ଼ିବା ଦ୍ୱାରା ବେପାର କରିବା ଅସମ୍ଭବ ହୋଇପଡ଼ିଛି। ଗାଁରେ ଲୋକେ ରାତିରେ ଶୋଇପାରୁ ନାହାନ୍ତି। କାଠ ମାଫିଆମାନେ ଗାଁ ଗାଁ ବୁଲି ପଣସ, ଚାକୁଣ୍ଡା, ଆମ୍ବ, ଶାଳ, ପିଆଶାଳ ଆଦି କାଠ ସବୁ ଶାଗମାଛ ଦରରେ କିଣି ଏହି ବେଆଇନ କରତକଳରେ ଆଣି ପହଞ୍ଚାଉଛନ୍ତି। ଖାଲି ସେତିକି ନୁହେଁ, ମାଫିଆମାନେ ଗୋଚର, ଅନାବାଦୀ ଆଦି ସରକାରୀ ଜମିରେ ଥିବା ବିଭିନ୍ନ ବଡ଼ ବଡ଼ ଗଛ କାଟି କରତକଳକୁ ଆଣି ଚିରି ମାଲେମାଲ ହେଉଛନ୍ତି। ଗୋଟିଏ କରତକଳ ପରିସରରେ ଶହ ଶହ ଟ୍ରିପ୍‌ର ବିଭିନ୍ନ କାଠଗଣ୍ଡି ଚିରଟ ପାଇଁ ପଡ଼ି ରହିଥିବା ବେଳେ ଦୈନିକ ୧୦ରୁ ଅଧିକ ଟ୍ରାକ୍ଟର, ୪୦୭ ଟ୍ରକ, ଡାଲା ଅଟୋରେ ବିଭିନ୍ନ କରତକଳରୁ କାଠ ଚିରଟ ହୋଇ ବିଭିନ୍ନ ଜିଲ୍ଲାକୁ ପଠାଯାଉଛି। ଅଞ୍ଚଳର ବିଭିନ୍ନ ଛକ, ବଜାରରେ କାଠଗୋଲା ଖୋଲାଯାଇ ମୂଲ୍ୟବାନ କାଠପଟା ଆଦି ବିକ୍ରି କରାଯାଉଛି। ଏ ସମ୍ପର୍କରେ ପୁରୀ ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧନୁର୍ଜୀ ରାସ କହିଛନ୍ତି, ସେ ତଦନ୍ତ କରିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।



## 'ନାକ୍' ଅଧିସ୍ୱୀକୃତି ପ୍ରକ୍ରିୟା କର୍ମଶାଳା

**ବଲଙ୍ଗା,୧୧।୭/ଏନ୍ଏନ୍ଏସ୍:** ସ୍ଥାନୀୟ ବଲଙ୍ଗା ମହାବିଦ୍ୟାଳୟରେ ସମସ୍ତ କର୍ମଚାରୀଙ୍କୁ ନେଇ ଅଧକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ବରିଷ୍ଠ ମାର୍ଗଦର୍ଶକ ଦିଲ୍ଲୀପ ମଙ୍ଗରାଜଙ୍କ ଉପସ୍ଥିତିରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗର ମୁଖ୍ୟ ଡଃ ପ୍ରଦୋଷ କୁମାର ପତି ଅତିଥି ପରିଚୟ ପ୍ରଦାନ ସହ ଅଧିସ୍ୱୀକୃତିର ଜରୁରୀ ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥାପନା କରିଥିଲେ। ମଙ୍ଗରାଜ ତାଙ୍କର ବିସ୍ତୃତ ବୟାନରେ ମହାବିଦ୍ୟାଳୟ ପାଇଁ ଆବଶ୍ୟକୀୟ ଗ୍ରୀନ ଅଡିଟ୍, ଏନର୍ଜି ଅଡିଟ, ଏକାଡେମିକ ଅଡିଟ୍, ଗୁଣାତ୍ମକ ପାଠ୍ୟ ଦାନ କାର୍ଯ୍ୟକ୍ରମ ସମସ୍ତ କର୍ମଚାରୀଙ୍କର ଦାୟିତ୍ୱ, କର୍ତ୍ତବ୍ୟ ଦିଗ ଉପରେ ଧାରଣା ପ୍ରଦାନ କରିଥିଲେ। ଅଧାପକ ଅଧାପିକାମାନଙ୍କର ଗବେଷଣା ପ୍ରତି ରୁଚି ରଖିବା ଓ ଅଭିନବ କୌଶଳ ଆଧାରିତ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସମ୍ପୃକ୍ତି ସମ୍ବନ୍ଧରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। 'ନାକ' ମୂଲ୍ୟାଙ୍କନରେ ଉତ୍କୃଷ୍ଟ ସୂଚନାଙ୍କ ପ୍ରାପ୍ତି ପାଇଁ ଏକ ରଣକୌଶଳ ପ୍ରସ୍ତୁତ କରି ସମସ୍ତଙ୍କର ଦାୟିତ୍ୱ ପ୍ରତି ସଚେତନ କରାଇଥିଲେ। ଅଧକ୍ଷ ଶ୍ରୀ ସାହୁ କର୍ମଚାରୀଙ୍କର ସହଯୋଗ ଲୋଡ଼ିବା ସହ ଏ ଅଞ୍ଚଳର ମହାବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାକୁ ସମସ୍ତଙ୍କ ସକରାତ୍ମକ ମାନସିକ ଲୋଡ଼ିଥିଲେ। ସମ୍ମାନିତ ଅତିଥି ରୂପେ ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷା ବିଭାଗର ବରିଷ୍ଠ ଅଧାପକ ନୀଳକଣ୍ଠ ମିଶ୍ର। ବ୍ରଜବନ୍ଧୁ ପ୍ରଧାନ,ଦୀପ୍ତିମୟୀ ପଣ୍ଡା ଓ ପ୍ରଳୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



**ନିତି ଭାରତୀ**

ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି।
- ଡକ୍ଟର ଏପିଜେ ଅବ୍‌ଦୁଲ୍ କଲାମ୍

ନିତିଦିନ NITIDIN
ଶନିବାର, ୧୨ ଜୁଲାଇ, ୨୦୨୫


# ଖାଦ୍ୟର ସଠିକ୍‌ତା ଓ ସଠିକ୍ ଖାଦ୍ୟର ଉପଲବ୍ଧତା



ଅର୍ପିତା ନାୟକ

ଆଜିକାଲି ପ୍ରାୟ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ, କିପରି ଅଧିକ ଧନ ଉପାର୍ଜନ କରିବେ। ସୁଯୋଗ ମିଳିଲେ ଅନେକଙ୍କୁ ଠକି ନିଜେ ଲାଭ ମାରିନେବେ। ସମସ୍ତଙ୍କୁ ଭଲ ଚାକିରି ଦରକାର, ମୋଟା ଅଙ୍କର ଦରମା ଦରକାର, ବଡ଼ ଘର, ଲମ୍ବା ଗାଡ଼ି। ଧନ ଦୌଲତ ଦରକାର। କିନ୍ତୁ ସମସ୍ତେ ଯଦି ଚାକିରି କରିବେ, ତେବେ ଖାଦ୍ୟ ଉତ୍ପାଦନ କିଏ କରିବ? ସମସ୍ତେ ବାବୁ ସାହେବ ହେଲେ ଚାଷୀ କିଏ ହେବ? କ'ଣ ଚାଷୀର ପଇସା ଦରକାର ନାହିଁ? ସେଥି ଲାଗି ତ ଆଜିକା ସମୟରେ ଆମକୁ ସ୍ୱାସ୍ଥ୍ୟକର ଖାଦ୍ୟ ମିଳୁନାହିଁ। ଚାଷୀ ବି ଧନୀ ହେବା ଆଶାରେ ନିଜର ଉତ୍ପାଦନ ବଢ଼ାଇବାକୁ ବହୁଳ ସାର, କ୍ଷତିକାରକ ରାସାୟନିକ ଦ୍ରବ୍ୟ, ବିଷାକ୍ତ ଇଞ୍ଜେକ୍ସନର ପ୍ରୟୋଗ କରି ଧନ ଉପାର୍ଜନ କରୁଛି। ସେଇ ଖାଦ୍ୟ ଖାଇ ଆମକୁ ବିଭିନ୍ନ ରୋଗ, ଯେପରି କର୍କଟ, ଡିମେନ୍ସିଆ, ଆଲଜାଇମର, ବ୍ରେନ୍ ଷ୍ଟ୍ରୋକ, ମଧୁମେହ ଭଳି ସାଂଘାତିକ ରୋଗ ହେଉଛି। ଧନୀ ହେବା ଲକ୍ଷ୍ୟରେ ଚାଷୀଭାଇ ଖାଦ୍ୟ ବଦଳରେ ବିଷ ଫଳାଉଛି। ଆମେ ସେଇ ଖାଦ୍ୟ ଖାଇ ଧୀରେ ଧୀରେ ରୋଗଗ୍ରସ୍ତ ହେଉଛେ। ଅଧିକ ରାସାୟନିକ ସାର ବ୍ୟବହାର ଫଳରେ ମାଟିର ଉର୍ବରତା ବହୁତ ଗୁଣ ତଳକୁ ଖସିବାରେ ଲାଗିଛି। ଆଗକୁ ଏମିତି ଦିନ ଦେଖିବା ବାକି ଅଛି, ଯେତେବେଳେ ମାଟି ଆଉ ଶସ୍ୟ ଫଳାଇ ପାରୁ ନଥିବ। ସେତେବେଳେ ଆମେ ପୁଳେ ପୁଳେ ପଇସା ଧରି ବୁଲୁଥିବା, କିନ୍ତୁ ଖାଦ୍ୟ ମିଳୁ ନଥିବ। ତା' ଛଡ଼ା ଖାଦ୍ୟ ବର୍ଜ୍ୟବସ୍ତୁ ସୂଚକାଙ୍କ ରିପୋର୍ଟ-୨୦୧୧ ଅନୁଯାୟୀ, ଭାରତରେ ମୁଣ୍ଡପିଛା ୫୦ କେ.ଜି. ଖାଦ୍ୟ ନଷ୍ଟ ହେଉଛି, ଯାହା ବାର୍ଷିକ ୬୮.୭ ନିୟୁତ ଟନ୍ ଖାଦ୍ୟ କ୍ଷତି ଲାଗି ଦାୟୀ। ଆପଣମାନେ ଦେଖୁଥିବେ ଯେ ଆମର ବାହାଘର, ବ୍ରତ, ଦଶାହ ଆଦି ଭୋଜିମାନଙ୍କରେ ଆବଶ୍ୟକତାଠାରୁ ଅଧିକ ଓ ଅଧିକ ପ୍ରକାରର ଖାଦ୍ୟ ଆୟୋଜନ କରି ଆମେ କିଭଳି ପ୍ରହସନ କରୁଛେ। ଖାଇବା ଲୋଭରେ ମେଞ୍ଚେ ମେଞ୍ଚେ ଖାଦ୍ୟ ପ୍ଲେଟ୍‌ରେ ଆଣୁ ଓ ଖାଇ ନପାରି ଭୁସ୍‌ଭାସ୍ କରି ଅଇଁଠା ଗଦା ବା କୁଡ଼ାଦାନୀକୁ ଫିଙ୍ଗିଦେଉ। ବିଚରା କୁଡ଼ାଦାନୀ ଖାଦ୍ୟ ଭାରରେ ଅଣନିଶ୍ୱାସୀ ହୋଇପଡ଼େ ତ ଅନ୍ୟ ପାଖରେ ପ୍ରତିଦିନ ପ୍ରାୟ ୪୫୦୦ ପିଲା, ଯାହାଙ୍କ ବୟସ ୫ ବର୍ଷରୁ କମ୍, ସେମାନେ କ୍ଷୁଧା ଏବଂ ପୁଷ୍ଟିହୀନତା ଯୋଗୁଁ ମୃତ୍ୟୁବରଣ କରୁଛନ୍ତି। ଆଜିକାଲିକାର ପରିବେଶକୁ ଦେଖିଲେ ଅନୁଭବ ହେଉଛି, ଯେମିତି ଆମେ ଖାଦ୍ୟର ମୂଲ୍ୟ ବୁଝିପାରୁ ନାହାନ୍ତି। ଖରାପ ଖାଦ୍ୟ ଉତ୍ପାଦନ କରିବା, ଭଲ ଖାଦ୍ୟ ଛାଡ଼ି ଖରାପ ଖାଦ୍ୟ ପ୍ରତି ଆକୃଷ୍ଟ ହେବା, ପଇସା ଅଛି ବୋଲି ଖାଦ୍ୟ ନଷ୍ଟ କରିବା ଓ ଅନ୍ୟର ଭାଗକୁ ମାରି ଖାଇବା କେତେ ଯେ ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିପାରେ, ତାହା ଆମର କଳନା ବାହାରେ। ଏହିପରି ସ୍ଥିତି ସହ ଲଢ଼ିବାକୁ ହେଲେ ଆମକୁ ଆମର ଜୈବିକ ଓ ପ୍ରାକୃତିକ ଚାଷ ପ୍ରଣାଳୀକୁ ପୁନର୍ଜୀବିତ କରିବାକୁ ହେବ। ଫେରି ଯିବାକୁ ହେବ ସେଇ ଦେଶୀ ଖାଦ୍ୟ ପ୍ରଣାଳୀକୁ, ଯେଉଁଠି ମାଟି ସହିତ ପରିବେଶ ମଧ୍ୟ ସୁସ୍ଥ ରହି ପାରିବ। ଆମକୁ ଏବେ ବୁଦ୍ଧିମତ୍ତାର ସହ ଆମ ଖାଦ୍ୟକୁ ଚୟନ କରିବାକୁ ହେବ, ଯେଉଁଠି ଆମେ ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା କ୍ଷୟ ଲାଗି ଦୋଷୀ ହେବା ନାହିଁ। ଅତିରିକ୍ତ ଭାବରେ ସତେଜ, ଆଞ୍ଚଳିକ, ଋତୁକାଳୀନ ଓ ଜୈବିକ ଖାଦ୍ୟ ଖାଇ, ବହୁ ରୋଗକୁ ଏଡ଼ାଇ ଦେଇ ପାରିବା ଓ କୃତ୍ରିମ ପୁଷ୍ଟିତତ୍ତ୍ୱ ଉପରେ ନିର୍ଭର ନ କରି ମାଣ୍ଡିଆ, ପେଜ, କାଞ୍ଜି, ଚୋରାଣି, ଶାଗ ଓ ଦେଶୀ ପନିପରିବା, ଫଳମୂଳ ଆଡ଼କୁ ଫେରିଯିବା।

କିନ୍ତୁ ସହରୀକରଣ ଓ ବ୍ୟସ୍ତ ବହୁଳ ଜୀବନ ହେତୁ ଘର ଖାଦ୍ୟ ପ୍ରତି ରୁଚି ଓ ସମୟ କମି ଯାଉଥିବାରୁ ପ୍ୟାକେଟ ଖାଦ୍ୟ ବା ବାହାର ଖାଦ୍ୟ ଉପରେ ନିର୍ଭରଶୀଳତା ବଢ଼ି ଯାଉଛି। ଭାରତରେ ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇବା ସହିତ ପାଶ୍ଚାତ୍ୟ ଖାଦ୍ୟ ପଦ୍ଧତି ଗ୍ରହଣ ଏବଂ ଫାଷ୍ଟଫୁଡ୍ ସଂସ୍କୃତିର ପ୍ରସାର ଦ୍ୱାରା ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ମଧ୍ୟ ବୃଦ୍ଧି ପାଉଛି। ଯାହା ବଦଳରେ ଜଣେ ବିଭିନ୍ନ ପ୍ରକାରର ଖାଦ୍ୟ ବହନ କରିପାରେ ସତ ହେଲେ ଆଜିକାଲିକାର କୃତ୍ରିମ ଖାଦ୍ୟ ସ୍ୱାସ୍ଥ୍ୟକୁ ଗ୍ରାସ କରି ଯାଉଛି, ଯାହା ଫଳରେ ମେଦ ବହୁଳତା ଏବଂ ଅଣସଂକ୍ରାମକ ରୋଗ, ଯେପରିକି ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଏବଂ ଅନ୍ୟାନ୍ୟ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ଦେଖା ଦେଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ, ପିଲାମାନଙ୍କ ମଧ୍ୟରେ ପୁଷ୍ଟିକର ଅସନ୍ତୁଳନତା ବୃଦ୍ଧି ପାଉଛି ଏବଂ ବର୍ଷ ୨୦୦୫-୨୦୦୬ ଏବଂ ୨୦୧୫-୨୦୧୬ ମଧ୍ୟରେ ପିଲାମାନଙ୍କ ମଧ୍ୟରେ ଅଧିକ ଓଜନ ଏବଂ ମେଦ ବହୁଳତା ହାର ୧୯.୩%କୁ ବୃଦ୍ଧି ପାଇଛି। ବିଶ୍ୱ ଅର୍ଥନୈତିକ ଫୋରମ୍ ଆକଳନ କରିଛି ଯେ ଏହି ରୋଗ କାରଣରୁ ଭାରତବର୍ଷ-୨୦୩୦ ସୁଦ୍ଧା ୪.୫୮ ଟ୍ରିଲିୟନ ଡଲାର ପର୍ଯ୍ୟନ୍ତ ଆର୍ଥିକ କ୍ଷତି ସହିପାରେ, ଯାହା ଏହାର ଅର୍ଥନୈତିକ ଗତିପଥକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିବ। ଏହା ପ୍ରମାଣ କରେ ଯେ ଭାରତରେ ଆୟ ଏବଂ ପୋଷଣ ଫଳାଫଳ ମଧ୍ୟରେ ସମ୍ପର୍କ ଏତେ ସିଧା ନୁହେଁ। ବର୍ଦ୍ଧିତ ଆୟ ଦ୍ୱାରା ଯେ କୁପୋଷଣକୁ ହ୍ରାସ କରାଯାଇ ପାରିବ, ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଆଜିକା ସମୟରେ ଯେତେବେଳେ ମ୍ୟାଗି, ଚାଓମିନ୍, ପିଜା, ବର୍ଗର, ଲେଜ୍, କୁର୍‌କୁରେ ଆଦି ଖାଦ୍ୟ ବଡ଼ଠାରୁ ପିଲାଙ୍କୁ ବାଧ୍ୟ କରିଛି, ସେତେବେଳେ ଘରର ପୁଷ୍ଟିକର ବା ସ୍ୱାସ୍ଥ୍ୟବାନ ଖାଦ୍ୟ ପାଟିକି ବା ରୁଚିବ କେମିତି? ହେଲେ ଆମେ ଭୁଲି ଯାଉଛନ୍ତି ଯେ ଏହିସବୁ ପ୍ୟାକେଟ ଖାଦ୍ୟରେ ଧୀର ମୃତ୍ୟୁ ବିକ୍ରି ହେଉଛି। ପ୍ୟାକେଟ ଖାଦ୍ୟର ବ୍ୟାପକ ବ୍ୟବହାର, ଯେଉଁଥିରେ କ୍ୟାଲୋରୀ ଅଧିକ, କିନ୍ତୁ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ କମ୍ ଥାଏ, ତାହା ସାମଗ୍ରିକ ସୁସ୍ଥତା ପାଇଁ ଏକ ଗୁରୁତର ବିପଦ। ଏହି ଖାଦ୍ୟଗୁଡ଼ିକ ପ୍ରାୟତଃ ପରିଶୋଧିତ ଶର୍କରା, ଟ୍ରାନ୍ସଫ୍ୟାଟ୍, ଅତ୍ୟଧିକ ସୋଡିୟମ୍, କୃତ୍ରିମ ସଂଯୋଜକ ପଦାର୍ଥରେ ପରିପୂର୍ଣ୍ଣ। ଏହାର ବହୁଳ ବ୍ୟବହାର ମଣିଷର ଅସ୍ଥି ଏବଂ ମସ୍ତିଷ୍କ ବିକାଶ ପାଇଁ ଆବଶ୍ୟକ ଫଳ, ପନିପରିବା, ସମ୍ପୂର୍ଣ୍ଣ ଶସ୍ୟ ଏବଂ ଦୁଗ୍ଧ ପରି ସ୍ୱାସ୍ଥ୍ୟକର ବିକଳ୍ପକୁ ସ୍ଥାନଚ୍ୟୁତ କରି ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍, ଆଇରନ୍, କ୍ୟାଲସିୟମ୍, ପ୍ରୋଟିନ୍ ଏବଂ ଜିଙ୍କର ପରିମାଣକୁ ଶରୀରରେ ହ୍ରାସ କରି ଶାରୀରିକ ସମସ୍ୟା ଉତ୍ପନ୍ନ କରିଥାଏ। ଅଧିକ ଚିନି ଏବଂ ଚର୍ବି ସେବନ ଜ୍ଞାନାତ୍ମକ କାର୍ଯ୍ୟକୁ ଦୁର୍ବଳ କରିପାରେ, ସ୍ନାୟବିକ ସଂଯୋଗ ଗଠନରେ ବ୍ୟାଘାତ ସୃଷ୍ଟି କରିପାରେ ଏବଂ ବିଶେଷକରି ପିଲାଙ୍କ ମଧ୍ୟରେ ଶିକ୍ଷଣ ଅସୁବିଧା ଉପୁଜାଇ ପାରେ। ପ୍ୟାକେଟ ଖାଦ୍ୟ କୃତ୍ରିମ ମିଠା ଏବଂ ଇମଲ୍‌ସିଫାୟର ମାଧ୍ୟମରେ ମାଇକ୍ରୋବାୟୋମକୁ ବ୍ୟାହତ କରି, ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରି କୋଷ୍ଠକାଠିନ୍ୟ ଏବଂ ଅମ୍ଳତା ପରି ପାଚନ ସମସ୍ୟା ସୃଷ୍ଟି କରି ଅନ୍ତନଳୀ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇ ଥାଏ। ସିନ୍ଥେଟିକ୍ ବା କୃତ୍ରିମ ଖାଦ୍ୟ ରଙ୍ଗ ଏବଂ ସ୍ୱାଦବର୍ଦ୍ଧକଗୁଡ଼ିକ, ପିଲାମାନଙ୍କ ମଧ୍ୟରେ ଅତ୍ୟଧିକ ସକ୍ରିୟତା ଏବଂ ଟିକିଏ ଟିକିଏ କଥାରେ ବିରକ୍ତ ହେବା ଭଳି ବ୍ୟବହାର ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ। ପ୍ୟାକେଟ ଖାଦ୍ୟର କ୍ଷତିକାରକ ପ୍ରଭାବ ଟାଇପ୍-୨ ମଧୁମେହ, କାର୍ଡିଓଭାସ୍କୁଲାର ସମସ୍ୟା, କେତେକ କର୍କଟ ଏବଂ ଏପରିକି ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ଯେପରିକି ଅବସାଦ ଏବଂ ଉଦ୍‌ବେଗ ସୃଷ୍ଟି କରିପାରେ। ତେଣୁ ପ୍ୟାକେଟ ଖାଦ୍ୟ କେବଳ ପିଲାମାନଙ୍କ ମୌଳିକ ସ୍ୱାସ୍ଥ୍ୟକୁ ଦୁର୍ବଳ କରେନାହିଁ, ବରଂ ଆଜୀବନ ରୋଗ ପାଇଁ ମଞ୍ଜି ବୁଣିଥାଏ। ପ୍ୟାକେଟ ଖାଦ୍ୟ ସାଙ୍ଗରେ ମାଗଣା ଖେଳନା, ସେଲିବ୍ରିଟି ସମର୍ଥନ ଏବଂ ବିଭ୍ରାନ୍ତିକର 'ସ୍ୱାସ୍ଥ୍ୟ' ଲେବଲ୍ ଯେପରିକି 'ଲୋ-ଫ୍ୟାଟ୍' କିମ୍ବା 'ଭିଟାମିନ ସହିତ ଫୋର୍ଟିଫାଏଡ୍'- ଉଭୟ ବଡ଼ ଓ ପିଲାମାନଙ୍କୁ ସମାନ ଭାବରେ ଆକର୍ଷିତ କରେ। ସେହି ଉତ୍ପାଦଗୁଡ଼ିକ ଉପଯୁକ୍ତ ବୋଲି ବିଶ୍ୱାସ କରିବାକୁ ପ୍ରଲୋଭିତ କରେ। ସେଥିପାଇଁ ବର୍ତ୍ତମାନ ସମୟ ଆସିଛି ଯେ ଆମେ ପ୍ୟାକେଟ ଖାଦ୍ୟ ଅପେକ୍ଷା ପ୍ରକୃତ ସ୍ୱାସ୍ଥ୍ୟକର ଖାଦ୍ୟକୁ ପ୍ରାଥମିକତା ଦେବା ଏବଂ ଏହା ସୁନିଶ୍ଚିତ କରିବା ଯେ ଆମ ପିଲାମାନଙ୍କର ଅଭିବୃଦ୍ଧି ଏବଂ ବିକାଶ ଯାହା ସହଜ, ତାହାଦ୍ୱାରା ନୁହେଁ, ବରଂ ଯାହା ଆବଶ୍ୟକ, ତା' ଉପରେ ଗୁରୁତ୍ୱ ଦେବା।




ମଣିଷ ଜୀବନରେ ଅନେକ ସଂଘର୍ଷ ଥାଇପାରେ, ଅନେକ ସମସ୍ୟା ମଧ୍ୟ ଥାଇପାରେ। ହେଲେ ଖାଦ୍ୟ ସମସ୍ୟା କେତେ ଯେ ଗୁରୁତ୍ୱପୂର୍ଣ୍ଣ, ତାହା ପ୍ରତି ସମୟ ଥାଉ ଥାଉ ଯତ୍ନବାନ ହେବାର ଆବଶ୍ୟକତା ରହିଛି। କିଛି ଲୋକ ଖାଇବାକୁ ବଞ୍ଚନ୍ତି ଓ କିଛି ଲୋକ ବଞ୍ଚିବାକୁ ଖାଆନ୍ତି। ଉଭୟଙ୍କ ଲାଗି ଖାଦ୍ୟର ସଠିକ୍ ଉପଲବ୍ଧତା ଓ ସଠିକ୍ ଖାଦ୍ୟର ଉପଲବ୍ଧତା ବହୁତ ଜରୁରୀ। ଏହି ପରିପ୍ରେକ୍ଷୀରେ ସବୁଠୁ ଜରୁରୀ ହେଲା ଖାଦ୍ୟର ଉତ୍ପାଦନ ଶୈଳୀ ଓ ଖାଦ୍ୟର ବ୍ୟବହାରିକ ପ୍ରଣାଳୀ। ଖାଦ୍ୟ ସର୍ବଦା ଜୀବନ ରକ୍ଷା ଓ ସୁରକ୍ଷା ଲାଗି ଉଦ୍ଦିଷ୍ଟ। ହେଲେ ଯଦି ସେଇ ଖାଦ୍ୟ ବିଷ ପାଲଟି ଯାଏ ବା ବିଷାକ୍ତ ଦ୍ରବ୍ୟ ପାଲଟି ଯାଏ, ତେବେ ଖାଦ୍ୟ ଜୀବନ ବଞ୍ଚାଇବା ପରିବର୍ତ୍ତେ ଜୀବନ ନେଇଯିବ, ଯାହାର ସମ୍ପୂର୍ଣ୍ଣ ଚୟନ ମଣିଷ ହାତରେ। ❒

ମୋ: ୬୩୭୦୯୦୫୯୪୭

# କଥାର ସ୍ୱାଧୀନତା

କଥାରେ ଅଛି- ଆଲୋ ସଖୀ, ଆପଣା ମହତ ଆପେ ରଖି। କହିବାର ତାତ୍ପର୍ଯ୍ୟ- ଆଜିକା ସମୟରେ ଜଣେ ଯଦି ରାଜନୀତି କଲା- ସେ ପଛେ ଯେତେ ତଳ ସ୍ତରର ରାଜନେତା ହୋଇଥାଉ ବା କୌଣସି ରାଜନେତାଙ୍କ ଚେଲା କି ବୋଲକରା ହୋଇଥାଉ- ତାକୁ ସମାଜର ଭଦ୍ରଲୋକମାନେ ଡରିମରି ଚଳନ୍ତି। ଗାଁ ଗହଳିରେ ଲୋକମାନେ ତ ଏକଥା ବି କୁହନ୍ତି ଯେ- ନଈରେ ଘର କରି କୁମ୍ଭୀର ସହିତ ଶତ୍ରୁତା କଲେ ନିଜ ଜୀବନ ଯିବା ହିଁ ସାର! ଅନେକେ ଏ ସବୁଥିରୁ ଯେତେ ପାରେ ସେତେ ଦୂରେଇ ରହିବାକୁ ଶ୍ରେୟ ମଣିଥାନ୍ତି, କାରଣ କାଦୁଅରେ ପଶି ଗୋଡ଼ ଧୋଇବା ଯେ କେତେ କଷ୍ଟକର କାମ, ତାହା ସେମାନେ ଜାଣିଥାନ୍ତି। ଆଉ ବର୍ତ୍ତମାନ ସମୟରେ ତ ଅଧିକାଂଶ ରାଜନେତା ରାଜା ରାଜୁଡ଼ା ଅମଳର କୌଣସି ରାଜା ମହାରାଜାଙ୍କଠାରୁ ନିଜକୁ କମ୍ ଭାବନ୍ତି ନାହିଁ, ଯେଉଁଥିପାଇଁ ସେମାନଙ୍କ ପାଟିରେ ବାଡ଼ବତା ରୁହେନାହିଁ। ଉଦାହରଣ ଭାବରେ ନିଆଯାଇପାରେ ସାମ୍ପ୍ରତିକ ସମୟର କେତେକ ଘଟଣାକୁ। ତାମିଲନାଡୁର ଜଣେ ରାଜନେତା, ଯିଏକି ଷ୍ଟାଲିନ୍‌ଙ୍କ ସରକାରରେ ଜଣେ ବରିଷ୍ଠ ମନ୍ତ୍ରୀ, ସେ ଶୈବ ଏବଂ ବୈଷ୍ଣବପନ୍ଥୀ ମହିଳାମାନଙ୍କ ବିରୁଦ୍ଧରେ ଘୃଣାତ୍ମକ ବକ୍ତବ୍ୟ ପ୍ରଦାନ ଛଳରେ ଯୌନଭାବମୂଳକ କଥା କହିଛନ୍ତି। ଓଡ଼ିଶାରେ ବି ସମାନ ଧରଣର ଘଟଣାଟିଏ ଏବେ ଏବେ ଘଟିଛି, ଯାହା ସାମାଜିକ ଗଣମାଧ୍ୟମରେ ଖୁବ୍ ଜୋର୍‌ରେ ଘୂରି ବୁଲୁଛି। ସେହିପରି ମହାରାଷ୍ଟ୍ରର ମେଣ୍ଟ ସରକାରରେ ସାମିଲ ଶିବ ସେନାର ଜଣେ ଏମ୍‌ଏଲ୍‌ଏ ତାଙ୍କୁ ବାସି ଖାଦ୍ୟ ପରଷା ଯାଇଥିବା ଅଭିଯୋଗରେ ଏମ୍‌ଏଲ୍‌ଏ ହଷ୍ଟେଲରେ ଜଣେ କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି। ରାଜନୀତିକ ସୌଜନ୍ୟତା ଓ ଶିଷ୍ଟାଚାରର ଉଲ୍ଲଙ୍ଘନ ସମ୍ପର୍କରେ ବିଭିନ୍ନ ରାଜ୍ୟରେ ଘଟିଥିବା ଉପରୋକ୍ତ ତିନିଗୋଟି ଘଟଣା ହେଉଛି ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଏହିସବୁ ରାଜନେତା ଶାସକ ଦଳର ନଚେତ୍ ସରକାରଙ୍କୁ ସମର୍ଥନ ଦେଉଥିବା ମେଣ୍ଟ ଦଳର ହୋଇଥିବାରୁ ଏଭଳି ଅଶାଳୀନ କଥାମାନ କହିବାକୁ ସାହସ କରୁଛନ୍ତି। ଏବେ ପ୍ରଶ୍ନ ହେଉଛି- ଏମାନଙ୍କୁ ଲଗାମ୍ ଦେବ କିଏ! ଅବଶ୍ୟ ତାମିଲନାଡୁର ମନ୍ତ୍ରୀ ତାଙ୍କ ପଦ ହରାଇଛନ୍ତି, ତେବେ କଥା ହେଉଛି, ମହିଳା ଏବଂ ଯୌନତା ଉପରେ ତାଙ୍କ ବିଦ୍ୱେଷ ସୃଷ୍ଟିକାରୀ ବକ୍ତବ୍ୟକୁ ନିଜ ତରଫରୁ ଗ୍ରହଣ କରି ହାଇକୋର୍ଟ ଯାହା ଉଲ୍ଲେଖ କରିଥିଲେ, ତାହା ହେଉଛି, ତାଙ୍କ ବିରୁଦ୍ଧରେ ହୋଇଥିବା ମୋଟ ୧୨୪ଟିଯାକ ଅଭିଯୋଗକୁ ପୁଲିସ ବନ୍ଦ କରି ଦେଇଥିଲା।

ରାଜନେତାମାନେ ସମ୍ମାନଜନକ ଜନସେବା କରିବା ପରିବର୍ତ୍ତେ ଯେଉଁଭଳି ଭାବରେ ଔଦ୍ଧତ୍ୟପୂର୍ଣ୍ଣ କଥାବାର୍ତ୍ତା କରୁଛନ୍ତି ବା ଅଶାଳୀନ ମନ୍ତବ୍ୟ ଦେଉଛନ୍ତି ଅଥବା ସାମାଜିକ ବାତାବରଣକୁ କଳୁଷିତ କରୁଛନ୍ତି, ତାକୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜନୀତିକ ଦଳ ବା ସରକାରର ଉଚ୍ଚ ପଦ ପଦବୀରେ ରହିଥିବା ବ୍ୟକ୍ତିବିଶେଷ ସେମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ସେମାନେ କେବଳ ନିଜର ନୁହନ୍ତି, ସମ୍ପୃକ୍ତ ରାଜନୀତିକ ଦଳର ମଧ୍ୟ ମର୍ଯ୍ୟାଦା ହାନି କରୁଛନ୍ତି ଏବଂ ସମାଜକୁ ଖରାପ ବାର୍ତ୍ତା ପ୍ରଦାନ କରୁଛନ୍ତି। କିନ୍ତୁ ଶାଳୀନତା ଓ ଅଶାଳୀନତା ଭିତରେ ରହିଥିବା ତଥା ବାକ୍ ସ୍ୱାଧୀନତାର ସୀମା ନିର୍ଦ୍ଧାରଣ କରୁଥିବା ଲୋହିତ ରେଖାକୁ ସେମାନେ ଅତିକ୍ରମ କଲେ ସେମାନଙ୍କ ପ୍ରତି ଉପଯୁକ୍ତ ଦଣ୍ଡ ବିଧାନ କରିବା ପାଇଁ ଦୃଢ଼ ରାଜନୀତିକ ଇଚ୍ଛାଶକ୍ତି ଜରୁରୀ। ଏସବୁ କ୍ଷେତ୍ରରେ ପ୍ରଥମେ ଦଳୀୟ ଶୃଙ୍ଖଳା ହିଁ ଅନିବାର୍ଯ୍ୟ। ଏପରି ହେବାର କାରଣ, ରାଜନୀତି କରୁଥିବା ବ୍ୟକ୍ତିଟିଏ ମାଇକ୍ରୋଫୋନ୍ ଦେଖିବା ମାତ୍ରେ ଅନୁଭବ କରୁଛନ୍ତି ଯେ ତାଙ୍କ ପାଟିକୁ ଯାହା ଆସିବ, ସେ କହିବେ। ସେମାନଙ୍କ ସାମ୍ନାରେ କ୍ୟାମେରା ଏବଂ ମାଇକ୍‌ର ଉପସ୍ଥିତି ଦ୍ୱାରା ସୃଷ୍ଟ ଏଭଳି ରୋଗ ଶହ ଶହ ସଂଖ୍ୟାରେ ରାଜନେତାଙ୍କୁ ବିପଦରେ ପକାଇଛି; ସେମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ପଦ ପଦବୀ ହରାଇଛନ୍ତି, କ୍ଷମତା ହରାଇଛନ୍ତି, ଏମିତିକି କେତେକ କ୍ଷେତ୍ରରେ ସେମାନଙ୍କ କ୍ୟାରିଅର୍‌ରେ ବି ସେମାନଙ୍କୁ ହାତ ଧୋଇବାକୁ ପଡ଼ିଛି। କେତେକ ପ୍ରସଙ୍ଗରେ ରାଜନେତାମାନଙ୍କୁ ବିଦ୍ୱେଷ ଭାବ ପତନର ସର୍ବନିମ୍ନ ସ୍ତରକୁ ନେଇ ଯାଉଥିବା ବେଳେ ସେମାନେ ଯାହା ଦେଖି ପାରନ୍ତି ନାହିଁ, ତାହା ହେଉଛି, ଭାରତରେ ଶିଷ୍ଟାଚାରକୁ ପରିତ୍ୟାଗ ନ କଲେ ସେମାନେ ଏସବୁ କହି ପାରିବେ ନାହିଁ।

ହାଇକୋର୍ଟର ବିଚାରପତି ଏଇ କ୍ଷେତ୍ରରେ ଯାହା କହିଛନ୍ତି, ତାହା ଏଠାରେ ଉଲ୍ଲେଖ କରିବା ଅତ୍ୟନ୍ତ ପ୍ରାସଙ୍ଗିକ। ସମ୍ପୃକ୍ତ ରାଜନେତାଙ୍କ କ୍ଷେତ୍ରରେ ମନ୍ତବ୍ୟ ଦେବାକୁ ଯାଇ ସେ କହିଛନ୍ତି, 'ରାଜନେତାମାନେ ଭାବୁଛନ୍ତି ଯେ ସମ୍ବିଧାନର ଅନୁଚ୍ଛେଦ ୧୯ ଅଧୀନରେ ମିଳିଥିବା ବାକ୍ ସ୍ୱାଧୀନତାର ଅଧିକାର ହେଉଛି ଏକ ଅଖଣ୍ଡ ଅଧିକାର। ଆଉ ସେମାନେ ଭାବୁଛନ୍ତି ଯେ ଆକାଶ ହିଁ କେବଳ ଏହାର ସୀମା।' ଏଠାରେ ଯାହା କୁହାଯାଇଛି, ତାହା ହୁଏତ ୧୪୬ କୋଟି ଜନସଂଖ୍ୟାବିଶିଷ୍ଟ ଦେଶର ସବୁ ବର୍ଗଙ୍କୁ ସନ୍ତୁଷ୍ଟ କରି ନପାରେ। ତେବେ ନେତାମାନେ ସର୍ବନିମ୍ନ କାମ ଭାବରେ ଯାହା କରି ପାରିବେ, ତାହା ହେଉଛି- ସେମାନେ ନିଜକୁ ଶାଳୀନତାର ସୀମା ଭିତରେ ରଖିବା ଉଚିତ। କିନ୍ତୁ ରେକର୍ଡ କହୁଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସେଇ ଧରଣର, ଯେଉଁମାନେ କ୍ୱଚିତ୍ ନିଜର ପୁରୁଷପଣିଆକୁ ଲୁଚାଇ ପାରନ୍ତି। ଅପର ପକ୍ଷରେ, ତାମିଲନାଡୁର ମନ୍ତ୍ରୀଙ୍କ କ୍ଷେତ୍ରରେ ପୁଲିସ ଯେମିତି ଦାଖଲ ହୋଇଥିବା ୧୨୪ଟିଯାକ ଏଫ୍‌ଆଇଆର୍‌କୁ ବିଚାରପତି ଓ ବିଚାରକ ଭାବରେ ଖାରଜ କଲା, ତାହା କରି ପାରିବ ନାହିଁ। କେବଳ କୋର୍ଟ ହିଁ ଏସବୁର ଉପଯୁକ୍ତ ବିଚାର କରିବା ପାଇଁ ଅଧିକାରପ୍ରାପ୍ତ, ବିଶେଷକରି ଘୃଣାତ୍ମକ ବକ୍ତବ୍ୟଗୁଡ଼ିକ କ୍ଷେତ୍ରରେ, ଯେଉଁଗୁଡ଼ିକ ସମାଜର ବିଭିନ୍ନ ସମ୍ପ୍ରଦାୟଙ୍କ ମଧ୍ୟରେ ବିଦ୍ୱେଷ ଭାବ ସୃଷ୍ଟି କରିଥାଏ। କିନ୍ତୁ ପୁଲିସ ପାଖରୁ ଏଭଳି ମାମଲାଗୁଡ଼ିକ କ୍ୱଚିତ୍ କୋର୍ଟଙ୍କ ପାଖରେ ପହଞ୍ଚିଥାଏ। ଏକଥା ବେଶ୍ ସୁସ୍ପଷ୍ଟ ଯେ ଭୁଲ୍ କରି ସାରିବା ପରେ କ୍ଷମତାରେ ଥିବା ରାଜନେତାମାନେ ତାକୁ ଚପାଇ ଦେବାକୁ ଉଦ୍ୟମ କରିଥାନ୍ତି। ଏମିତିକି ଯେଉଁ ସାଧାରଣ ଲୋକମାନେ ବି ସେମାନଙ୍କ ସପକ୍ଷରେ ହାତ ଉଠାଇଥାନ୍ତି, ସେମାନେ ବି କେମିତି ଏସବୁ ଝାମେଲାରୁ ବାହାରି ଯିବେ, ତା'ର ବାଟ ଖୋଜିଥାନ୍ତି। ରେକର୍ଡ ମୁତାବକ ପ୍ରଦାନ କରାଯାଇଥିବା ୧୦୦ରୁ ଅଧିକ ସଂଖ୍ୟକ ଘୃଣାତ୍ମକ ବକ୍ତବ୍ୟ ବା ପ୍ରଦର୍ଶନ କରାଯାଇଥିବା ଶାରୀରିକ ଦୁର୍ବ୍ୟବହାରର ରାଜନୀତିକ ଦଳ, ସରକାର, ପୁଲିସ ବା କୋର୍ଟଙ୍କ ଦ୍ୱାରା ବିନା କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନରେ ପରିସମାପ୍ତି ଘଟିଛି। ❒

# ଶତ ବର୍ଷର ଶ୍ରଦ୍ଧାର୍ଘ୍ୟ

ଶବ୍ଦ ଚିତ୍ର ଅକ୍ଷର



ଡ. ମୃଣାଳ ଚଟାର୍ଜୀ

ଏ ବର୍ଷ ଜୁଲାଇ ୯ ତାରିଖରେ କିମ୍ବଦନ୍ତୀ ପ୍ରତୀମ ଚଳଚ୍ଚିତ୍ର ନିର୍ମାତା, ଲେଖକ, ପ୍ରଯୋଜକ ଓ ଅଭିନେତା ଗୁରୁ ଦତ୍ତଙ୍କର ଜନ୍ମ ଶତବାର୍ଷିକୀ ପୂର୍ତ୍ତି ହେଉଛି। ତାଙ୍କ ନିର୍ଦ୍ଦେଶିତ ଓ ଅଭିନୀତ 'ପ୍ୟାସା' ଏବଂ 'କାଗଜ କେ ଫୁଲ' ଧ୍ରୁପଦୀ ଚଳଚ୍ଚିତ୍ର ଭାବରେ ସାରା ପୃଥିବୀରେ ମାନ୍ୟତାପ୍ରାପ୍ତ।

ଗୁରୁ ଦତ୍ତଙ୍କର ପ୍ରକୃତ ନାଁ ଥିଲା ବସନ୍ତ କୁମାର ଶିବ ଶଙ୍କର ପଦୁକନ। ୧୯୨୫ ମସିହା ଜୁଲାଇ ୯ ତାରିଖରେ ଦକ୍ଷିଣ ଭାରତର ମହୀଶୂରରେ (ଏବେ ତା'ର ନାଁ ହୋଇଛି ମାଇଶୁରୁ) ଜନ୍ମଗ୍ରହଣ କରନ୍ତି। କଲିକତାରେ ତାଙ୍କର ପ୍ରାଥମିକ ଶିକ୍ଷା। ପରେ ନୃତ୍ୟଗୁରୁ ଉଦୟ ଶଙ୍କରଙ୍କ ଅଧୀନରେ ସେ ପ୍ରଶିକ୍ଷଣ ନିଅନ୍ତି। ଏହା ପରେ ସେ ପ୍ରବେଶ କରନ୍ତି ପ୍ରଭାତ ଷ୍ଟୁଡିଓରେ। ଏଇଠି 'ହମ୍ ଏକ୍ ହେ' (୧୯୪୬) ଚଳଚ୍ଚିତ୍ରରେ କୋରିଓଗ୍ରାଫର ଭାବରେ ସେ ପ୍ରଥମେ ସୁଯୋଗ ପାଆନ୍ତି। ଏ ଚଳଚ୍ଚିତ୍ରରେ ଅଭିନେତା ଭାବରେ ଆତ୍ମପ୍ରକାଶ କରନ୍ତି ଦେବାନନ୍ଦ। ଏଇଠୁ ବନ୍ଧୁତ୍ୱ।

ଦେବାନନ୍ଦ ସେତେବେଳକୁ ତାରକା ଏବଂ ନିଜର ପ୍ରଯୋଜନା ସଂସ୍ଥା ନବକେତନ ଆରମ୍ଭ କରିଛନ୍ତି। ଦେବାନନ୍ଦ ତାଙ୍କୁ ଆମନ୍ତ୍ରଣ କଲେ 'ବାଜି' ଚଳଚ୍ଚିତ୍ର ପରିଚାଳନା କରିବା ପାଇଁ। ୧୯୫୧ରେ ପରିଚାଳକ ଭାବରେ ଗୁରୁ ଦତ୍ତଙ୍କର ପ୍ରଥମ ଚଳଚ୍ଚିତ୍ର 'ବାଜି' ମୁକ୍ତିଲାଭ କରେ। ଏଥିରେ ଅଭିନୟ କରନ୍ତି ଦେବାନନ୍ଦ, ଗୀତା ବାଲୀ ଓ କଲ୍ୟାଣୀ କାର୍ତ୍ତିକ। ଏ ଚଳଚ୍ଚିତ୍ରଟି ଭାରତରେ ସହରୀ ଅପରାଧଭିତ୍ତିକ ଚଳଚ୍ଚିତ୍ର (ଅର୍ବାନ ଥ୍ରୀଲର)ର ପଥ ପ୍ରଦର୍ଶକ ହିସାବରେ ବିବେଚିତ ହୁଏ। ଏ ଛବିର ଗୀତଗୁଡ଼ିକ, ବିଶେଷକରି ଗୀତା ରାୟଙ୍କ କଣ୍ଠରେ ସେତେବେଳେ ଭାରି ଜନପ୍ରିୟ ହୋଇଥିଲା।

୧୯୫୩ ମସିହାରେ ମୁକ୍ତିଲାଭ କରେ 'ବାଜ'। ଏଥିରେ ଗୁରୁ ଦତ୍ତ ପ୍ରଥମ ଥର ପାଇଁ ପ୍ରଧାନ ଚରିତ୍ରରେ ଅଭିନୟ କରନ୍ତି। ପରିଚାଳନା ମଧ୍ୟ ସେ କରିଥିଲେ।

ପରିଚାଳକ, ଅଭିନେତା, ପ୍ରଯୋଜକ ଭାବରେ ଗୁରୁ ଦତ୍ତ ଚଳଚ୍ଚିତ୍ର ନିର୍ମାଣର ପ୍ରତ୍ୟେକ ଦିଗରେ ଅସାଧାରଣ ନିୟନ୍ତ୍ରଣ ଥିଲା। ପ୍ରତିଭାବାନ ଲେଖକ, ଯେମିତିକି ଅବ୍ରର ଅଲ୍ଲୀ, କିମ୍ବଦନ୍ତୀ ଚିତ୍ର ଉତ୍ତୋଳକ ଭିକେ ମୂର୍ତ୍ତି ଏବଂ ସୁରକାର ଏସଡି ବର୍ମନଙ୍କ ସହିତ ସେ ହିନ୍ଦୀ ସିନେମାର କାଳଜୟୀ କେତେଗୁଡ଼ିଏ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ତାଙ୍କ ଚଳଚ୍ଚିତ୍ରର ଭାଷା (ସିନେମାଟିକ୍ ଲାଙ୍ଗୁଏଜ୍) ଆଲୁଅ ଛାଇର ନାଟକୀୟ ବ୍ୟବହାର, ସମ୍ବେଦନଶୀଳ ଚିତ୍ର ଗ୍ରହଣ ଏବଂ ନିରବତାର ନାନ୍ଦନିକ ପ୍ରୟୋଗ ତାଙ୍କ ଚଳଚ୍ଚିତ୍ରକୁ ଏକ ଅମୂର୍ତ୍ତ ରୂପ ଦେଇଥାଏ।

୧୯୫୪ ମସିହାରେ ମୁକ୍ତିଲାଭ କଲା 'ଆରପାର'। ଏତେବେଳକୁ ଗୁରୁ ଦତ୍ତ ବମ୍ବେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଶକ୍ତିଶାଳୀ ପରିଚାଳକ ଭାବରେ ପ୍ରତିଷ୍ଠିତ ହୁଅନ୍ତି। ଏହା ପରେ ତାଙ୍କର କେତେଗୁଡ଼ିଏ ଚମତ୍କାର ଚଳଚ୍ଚିତ୍ର ମୁକ୍ତିଲାଭ କରେ, ଯେମିତି 'ମିଷ୍ଟର ଆଣ୍ଡ ମିସେସ୍ ୫୫', 'ପ୍ୟାସା' ଏବଂ 'କାଗଜ କେ ଫୁଲ୍'। ବିଡ଼ମ୍ବନା ହେଲା, 'କାଗଜ କେ ଫୁଲ୍' ବକ୍ସ ଅଫିସରେ ବ୍ୟର୍ଥ ହେଲା ଏବଂ ଏଥିପାଇଁ ସେ ଗଭୀର ଭାବରେ ହତାଶ ହେଲେ ଏବଂ ତା' ପରଠୁ ଆଉ ଚଳଚ୍ଚିତ୍ର ପରିଚାଳନା କରି ନାହାନ୍ତି। କିନ୍ତୁ ଏହା ପରେ ବି ସେ ପ୍ରଯୋଜନା ଏବଂ ଅଭିନୟ କରୁଥିଲେ। ୧୯୬୦ରେ ତାଙ୍କ ପ୍ରଯୋଜିତ 'ଚୌଦବିଁ କେ ଚାନ୍ଦ' (୧୯୬୦) ଖୁବ୍ ଜନପ୍ରିୟତା ହାସଲ କରିଥିଲା। ଏହାର ନିର୍ଦ୍ଦେଶକ ଥିଲେ ଏମ୍ ସାଦିକ।

'ସାହେବ ବିବି ଔର ଗୋଲାମ' (୧୯୬୨) ଚଳଚ୍ଚିତ୍ରରେ ଯଦିଓ ପରିଚାଳକ ଭାବରେ ଅବ୍ରର ଅଲ୍ଲୀଙ୍କ ନାଁ ରହିଛି, କିନ୍ତୁ ଏ ଚଳଚ୍ଚିତ୍ରରେ ଗୁରୁ ଦତ୍ତଙ୍କର ଛାପ ସ୍ପଷ୍ଟ ଭାବେ ବିଦ୍ୟମାନ। ଏ ଚଳଚ୍ଚିତ୍ରଟି ରାଷ୍ଟ୍ରପତିଙ୍କର ରୌପ୍ୟ ପଦକ ଲାଭ କରିଥିଲା।



୧୯୬୪ରେ ଗୁରୁ ଦତ୍ତ ତାଙ୍କ ଜୀବନର ଶେଷ ଚଳଚ୍ଚିତ୍ରଟି କରିଥିଲେ। ନାଁ ଥିଲା: 'ସାଞ୍ଜ୍ ଔର ସବେରା'। ନାୟିକା ଥିଲେ ମୀନାକୁମାରୀ। ନିର୍ଦ୍ଦେଶକ: ହୃଷିକେଶ ମୁଖାର୍ଜୀ।

ଚଳଚ୍ଚିତ୍ର ଜଗତରେ ସେ ସଫଳ ହୋଇ କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନରେ ନାନା ଝଡ଼ଝଞ୍ଜା ଲାଗି ରହିଥିଲା। ତା' ସହିତ ସେ ଖୁବ୍ ବିଶୃଙ୍ଖଳିତ ଜୀବନ ଜିଉଁଥିଲେ। ୧୯୬୪ ବେଳକୁ ତାଙ୍କର ପତ୍ନୀ ଗୀତା (୧୯୫୩ରେ ସେମାନଙ୍କର ବିବାହ ହୋଇଥିଲା)ଙ୍କ ସହିତ ତାଙ୍କର ବିବାହ ବିଚ୍ଛେଦ ହୋଇ ସାରିଥିଲା ଏବଂ ସେ ଏକୁଟିଆ ରହୁଥିଲେ।

୧୯୬୪ ଅକ୍ଟୋବର ୧୦ ତାରିଖରେ ତାଙ୍କର ଦେହାନ୍ତ ହୁଏ। ସେତେବେଳକୁ ତାଙ୍କର ବୟସ ଥିଲା ୩୯। ଗୁରୁ ଦତ୍ତ ଭାରତୀୟ ଚଳଚ୍ଚିତ୍ର ଇତିହାସର ଅନ୍ୟତମ ପ୍ରଭାବଶାଳୀ ଏବଂ ସ୍ମରଣୀୟ ବ୍ୟକ୍ତିତ୍ୱ ଭାବରେ ଚିହ୍ନିତ। ସେ ଏମିତି ଜଣେ ଶିଳ୍ପୀ, ଯିଏ ବାଣିଜ୍ୟିକ ସୀମା ଡେଇଁ ମାନବ ମନସ୍ତତ୍ତ୍ୱର ଜଟିଳତା ଏବଂ ଗଭୀରତା ଅନୁସନ୍ଧାନରେ ତାଙ୍କ ଚଳଚ୍ଚିତ୍ର ବ୍ୟବହାର କରିଛନ୍ତି। ତାଙ୍କ ସିନେମାଗୁଡ଼ିକରେ ଥାଏ ଗଭୀର ଆତ୍ମବିଶ୍ଳେଷଣ ଏବଂ କାବ୍ୟିକ ସମ୍ବେଦନଶୀଳତା ଯେଉଁଠି ଅପୂର୍ଣ୍ଣ ଆକାଂକ୍ଷା ହତାଶା ଓ ସୃଷ୍ଟିଶୀଳ ଆତ୍ମାର ନିଃସଙ୍ଗତା ଚଳଚ୍ଚିତ୍ରର କେନ୍ଦ୍ରରେ ଥାଏ। ଯେତେବେଳେ ମୂଳ ଧାରାର ଚଳଚ୍ଚିତ୍ର ଥିଲା ନିର୍ଦ୍ଦିଷ୍ଟ ଏକ ଗଣ୍ଡିରେ ବନ୍ଧା ସେତେବେଳେ ଗୁରୁ ଦତ୍ତ ସାହସିକତାର ସହିତ କାବ୍ୟିକତା ଓ ରାଜନୀତି ବ୍ୟକ୍ତିଗତ ସାର୍ବଜନୀନ ଚେତନାର ସମ୍ମିଶ୍ରଣ ଘଟାନ୍ତି। ତାଙ୍କ ଜୀବନ ଅକାଳରେ ଶେଷ ହୋଇ ଯାଇଥିଲା।

ମୃତ୍ୟୁ ବେଳେ ସେ 'ଲଭ୍ ଆଣ୍ଡ୍ ଗଡ୍' ଏବଂ ନିଜ ପ୍ରଯୋଜନାରେ 'ବାହାରେଁ ଫିର୍‌ଭି ଆଏଙ୍ଗି' ଚଳଚ୍ଚିତ୍ରରେ ଅଭିନୟ କରୁଥିଲେ। ଏ ଦୁଇଟିଯାକ ଚଳଚ୍ଚିତ୍ର ପରେ ଅନ୍ୟ ଅଭିନେତାମାନେ (ଯଥାକ୍ରମେ ସଂଜୀବ କୁମାର ଏବଂ ଧର୍ମେନ୍ଦ୍ର) ସଂପୂର୍ଣ୍ଣ କରନ୍ତି। ତାଙ୍କ ଚଳଚ୍ଚିତ୍ର ସମୂହ ଆଜି ବି ବିଶ୍ୱବ୍ୟାପି ଅଧ୍ୟୟନର ବିଷୟ। ଗୁରୁ ଦତ୍ତଙ୍କ ଚଳଚ୍ଚିତ୍ର କେବଳ ସମୟକୁ ଅତିକ୍ରମ କରିନି, ବରଂ ସମୟ ସହିତ ଆହୁରି ଗଭୀର ହୋଇଛି। ତାଙ୍କ ଶିଳ୍ପକର୍ମ ଆଜି ବି ଆମ ହୃଦୟକୁ ସ୍ପର୍ଶ କରେ ଏବଂ ପ୍ରତିଟି ପ୍ରଜନ୍ମ ପାଖରେ ନୂଆ ହୋଇ ଧରା ଦିଏ। ❒

ସଂଚାର ମାର୍ଗ, ଢେଙ୍କାନାଳ

# ହଜି ଗଲେଣି ଲାଲ ଟୁକୁ ଟୁକୁ ସାଧବ ବୋହୂ




ସନ୍ତୋଷ କୁମାର ଦାଶ

ମୌସୁମୀ ଆସିଲେ ବର୍ଷାର ପରଶ ପାଇ ଧରିତ୍ରୀ ମା' ସବୁଜ ରଙ୍ଗର ଶାଢ଼ି ପିନ୍ଧେ। ବର୍ଷା ଋତୁର ଆଗମନରେ ସବୁଜ ପଡ଼ିଆରେ ଅନେକ ସ୍ଥାନରେ ଦେଖା ଯାଆନ୍ତି ଲାଲ ଟୁକୁ ଟୁକୁ ସାଧବ ବୋହୂ। ପ୍ରକୃତିର ଅନନ୍ୟ ଆକର୍ଷଣ ଲାଲ ଟୁକୁ ଟୁକୁ ସାଧବ ବୋହୂକୁ ଦେଖି ପିଲାଠାରୁ ବୁଢ଼ା ସମସ୍ତେ ଖୁସି ହୁଅନ୍ତି। ଏହି କୁନି କୀଟର ରଙ୍ଗ ଲାଲ ମଖମଲି ହୋଇଥିବା ବେଳେ ଏହାର ଧୀର ଚାଲିରୁ ତାକୁ ଲୋକେ କହିଥାନ୍ତି ସାଧବ ବୋହୂ। ନିରୀହ ସାଧାରଣ କୀଟଟି କାହାରି କିଛି ଅନିଷ୍ଟ କରି ନଥାଏ। ତେଣୁ ତା'ର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷଣ କରିଥାଏ। ସାଧବ ବୋହୂ ସାଧାରଣତଃ ସବୁଜ ଘାସ ପଡ଼ିଆରେ ଦେଖା ଯାଆନ୍ତି। ଏହା ବର୍ଷା ଋତୁରେ ପ୍ରକୃତି ପକ୍ଷରୁ ସୃଷ୍ଟ ଏକ ଅନନ୍ୟ ଆକର୍ଷଣ। ବର୍ଷା ଋତୁ ଆରମ୍ଭ ହେବା ମାତ୍ରେ ଏମାନେ ଦଳ ଦଳ ହୋଇ ଗାଆଁଗଣ୍ଡାର ପଡ଼ିଆରେ ଦେଖା ଯାଆନ୍ତି। ଏବେ ବଦଳି ଯାଇଛି ପରିବେଶ। ବାୟୁମଣ୍ଡଳ ପ୍ରଦୂଷଣ କାରଣରୁ ମାଟି, ପାଣି, ପବନ ସବୁ ବିଷାକ୍ତ ହୋଇ ଯାଇଛି। ଅତ୍ୟଧିକ ରାସାୟନିକ ସାର, ତୀବ୍ର ଗନ୍ଧଯୁକ୍ତ କୀଟନାଶକ, ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ୍ ପ୍ରଭୃତି ବ୍ୟବହାର କାରଣରୁ ମାଟି ତା'ର ପ୍ରାକୃତିକ ଉର୍ବରତା ହରାଇ ବସୁଛି। ରାସାୟନିକ ସାର ବ୍ୟବହାର ନକଲେ ଆଉ ଫସଲ, ପନିପରିବା ଯଥେଷ୍ଟ ପରିମାଣ ରେ ଫଳୁନାହିଁ। ଏଣୁ ମାଟିର ପ୍ରାକୃତିକ ଗୁଣ ଲୋପ ପାଉଛି। ମାଟି ସବୁ ବିଷାକ୍ତ ଆଉ ଅତ୍ୟଧିକ ଲବଣାକ୍ତ ହୋଇ ପଡୁଥିବାରୁ ଆଗ ଭଳି ଲାଲ ଟୁକୁ ଟୁକୁ ସାଧବ ବୋହୂମାନଙ୍କୁ ଦେଖିବାକୁ ମିଳୁନାହିଁ। ଜୈବିକ ପଦ୍ଧତିରେ ଚାଷ କରା ନ ଗଲେ ଲାଲ ଟୁକୁ ଟୁକୁ ସାଧବ ବୋହୂ ପରି ଅନେକ କୀଟ, ପତଙ୍ଗ, ଛୋଟ ଜୀବ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେବା ସହିତ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ରିହାତି ଦରରେ ଶୁଦ୍ଧ ବିହନ ଓ ଜୈବିକ ସାର ଯୋଗାଇ ଦେଲେ ଚାଷୀମାନେ କୀଟନାଶକ ଏବଂ ହାଇବ୍ରିଡ ବିହନ ବ୍ୟବହାର କରନ୍ତେ ନାହିଁ। ମାଟିର ଉର୍ବରତା ବଜାୟ ରୁହନ୍ତା। ବେଳ ହୁଁ ସଚେତନ ନହେଲେ ବର୍ଷା ଋତୁର ଏହି ସୁନ୍ଦର କୀଟ ସାଧବ ବୋହୂ ପରି ଅନେକ ଉପକାରୀ ଜୀବ ଆସ୍ତେ ଆସ୍ତେ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ- ଏଥିରେ ସନ୍ଦେହ ନାହିଁ। ଆସନ୍ତୁ, ସମସ୍ତେ ସଚେତନ ହେବା। ଚାଷ କାର୍ଯ୍ୟରେ ଜୈବିକ ସାର, ଔଷଧ ବ୍ୟବହାର କରିବାକୁ ସମସ୍ତ ଚାଷୀ ଭାଇମାନଙ୍କୁ ସଚେତନ କରାଇବା। ❒

ତୁଳସୀପୁର, ପୁରୀ
ମୋ: ୯୪୩୯୩୬୧୮୮୮

# ଚିତ୍ତ ବିନୋଦନର ମାଧ୍ୟମ



ବସନ୍ତ ମାଝି

ସଭ୍ୟତାର ବିକାଶ ସହିତ ଅବସର ବିନୋଦନର ଚାହିଦା ବୃଦ୍ଧିକୁ ଅସ୍ୱୀକାର କରିହେବ ନାହିଁ। ବିଶେଷ ଭାବେ ହାତରେ ଆଣ୍ଡ୍ରଏଡ ମୋବାଇଲ ବିଜ୍ଞାନ ପ୍ରଦାନ କରିବା ପରେ ବିନୋଦନର ସମୟ ନିର୍ଘଣ୍ଟ ସପ୍ତାହର ସାତ ଦିନଯାକ ଚବିଶଘଣ୍ଟିଆ ସ୍ତରରେ ପହଞ୍ଚିଛି। ଟିଭି ପଛରେ ପଡ଼ି ଯାଇଛି। ବହୁ ପଛରେ ପଡ଼ିଯାଇଛି ଯାତ୍ରା, ନାଟକ, ସଂକୀର୍ତ୍ତନ, ଦାସକାଠିଆ, ଏକକ ଅଭିନୟ ଇତ୍ୟାଦି। ବିନୋଦନର ସ୍ତରରେ ଏବଂ ଦର୍ଶକରେ ମଧ୍ୟ ପରିବର୍ତ୍ତନ ସୁସ୍ପଷ୍ଟ।

ପ୍ରଶ୍ନ ଉଠୁଛି, ପ୍ରାଚୀନ ଅବସର ବିନୋଦନ ପଦ୍ଧତି କ'ଣ ଅନୁନ୍ନତ ଥିଲା, ଯାହାକି ଲୋକମାନଙ୍କ ଦ୍ୱାରା କ୍ରମଶଃ ପ୍ରତ୍ୟାଖ୍ୟାତ ହେଲା? ଅଥବା ସଂପ୍ରତିକ ଯୁଗ ପୁରାତନ ବିନୋଦନ ପଦ୍ଧତି ଦ୍ୱାରା ଚିକିଟା ହୋଇ ଉଠିଥିଲା? ଲୋକସଂସ୍କୃତି ମାଧ୍ୟମରେ ଓଜନିଆ ବିନୋଦନ ପଦ୍ଧତିକୁ ଲୋକେ ଆଉ ଗ୍ରହଣ କରିବାକୁ ରାଜି ନୁହନ୍ତି? ଆଧୁନିକ ତଥା ପାଶ୍ଚାତ୍ୟ ସଂସ୍କୃତି ଆଧାରିତ ବିନୋଦନ ଏବେ ଆମ ପାଇଁ ଅତି ଜରୁରୀ ହୋଇ ଉଠିଛି? ପୁରାତନ ବିନୋଦନ ସଂସ୍କୃତି କ'ଣ ସଂପୂର୍ଣ୍ଣ ଲୀନ ହୋଇଯିବ? ଏସବୁ ପ୍ରଶ୍ନ ଓ ପ୍ରସଙ୍ଗ ଆଜିର ବିବେକକୁ କେତେଦୂର ଆନ୍ଦୋଳିତ କରୁଛି, ତାହା ହିଁ ବିଚାର୍ଯ୍ୟ ବିଷୟ।

ଆଜିର ଚିତ୍ତ ବିନୋଦନ ଏବଂ ବିଗତ ଦିନର ବିନୋଦନ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଉଛି ଯେ ଏବର ବିନୋଦନ ଯଥେଷ୍ଟ ବ୍ୟୟବହୁଳ ତଥା ବ୍ୟବସାୟିକ। ନିର୍ଦ୍ଦିଷ୍ଟ ଭାବରେ କିଛି ଧନୀକ ବ୍ୟକ୍ତିଙ୍କ ମୁନାଫା ଅର୍ଜନର କ୍ଷେତ୍ର। ଏହା ଫଳରେ ବିନୋଦନ ନାମରେ ବିଷକୁ ସଞ୍ଚାର କରାଯାଉଛି ଏବଂ ମଗଜ ଧୁଲେଇ କାର୍ଯ୍ୟରେ ଏହାକୁ ବିନିଯୋଗ କରାଯାଉଛି। ସଠିକ୍ ମାର୍ଗରେ ଆଜିର ପିଢ଼ିକୁ ପରିଚାଳିତ କରିବା ପରିବର୍ତ୍ତେ ଆତ୍ମକୈନ୍ଦ୍ରିକତାର ମାର୍ଗରେ ପରିଚାଳିତ କରାଯାଉଛି। ଅତୀତରେ ଗାଁ ଗହଳିରେ ଚିତ୍ତ ବିନୋଦନ ନାମରେ ବାଦ୍ୟଯନ୍ତ୍ର ସହ ହରେ କୃଷ୍ଣ ହରେ ରାମ ସଂକୀର୍ତ୍ତନ ଅହୋରାତ୍ର ଚାଲିଥିଲା। ଏବେ ରାମ ଓ କୃଷ୍ଣଙ୍କୁ ବିନୋଦନର ମାଧ୍ୟମ କରା ନଯାଇ ରାଜନୀତି ଓ ସାଂପ୍ରଦାୟିକ ମନୋଭାବରେ ବ୍ୟବହାର କରାଯାଉଛି। ଅଧୋଗତିର ବିଭିନ୍ନ ଉଦାହରଣ ରହିଛି।

ଅତୀତରେ ଚିତ୍ତ ବିନୋଦନ ପାଇଁ ବହୁ ସଂଗ୍ରାମ କରିବାକୁ ପଡୁଥିଲା। ଦୀର୍ଘ ସଂଗ୍ରାମ ପରେ ଦିନ ରାତି ୨୪ ଘଣ୍ଟାକୁ ତିନି ଭାଗରେ ବିଭକ୍ତ କରାଯାଇଥିଲା। ଆଠ ଘଣ୍ଟା ଶ୍ରମ, ଆଠ ଘଣ୍ଟା ବିଶ୍ରାମ, ଆଠ ଘଣ୍ଟା ଚିତ୍ତ ବିନୋଦନର କଥା କୁହାଯାଇଥିଲା। ସଂପ୍ରତି ଏହି ଧାରାକୁ ବିଘଟନ କରାଯାଉଛି।

ଏହି ପ୍ରେକ୍ଷାପଟରେ ସଚେତନ ବ୍ୟକ୍ତିଙ୍କୁ ବିକଳ୍ପ ଚିତ୍ତ ବିନୋଦନର ଚିନ୍ତା କରିବା ସହିତ ତାକୁ ପ୍ରତିଷ୍ଠିତ କରାଇବାକୁ ପଡ଼ିବ ଏବଂ ଏଥିପାଇଁ ଏମାନଙ୍କୁ ଆଗେଇ ଆସିବାକୁ ପଡ଼ିବ। ବିଷର ବିନୋଦନରୁ ସମାଜକୁ ମୁକ୍ତ କରାଇବାକୁ ପଡ଼ିବ। ବିନୋଦନର ଅନ୍ୟତମ ଅଂଶୀଦାର ସାହିତ୍ୟିକ ଓ କଳାକାରମାନଙ୍କୁ ମଧ୍ୟ ବାସ୍ତବତା ସହିତ ଜଡ଼ିତ ହୋଇ ଭବିଷ୍ୟଦ୍ରଷ୍ଟା ହିସାବରେ କାର୍ଯ୍ୟ କରିବାକୁ ପଡ଼ିବ। ଚିତ୍ତ ବିନୋଦନର ଅର୍ଥ କେବଳ ମନୋରଞ୍ଜନ ନୁହେଁ, ଏହା ଜନଜୀବନକୁ ଏକ ସୁନ୍ଦର ଭବିଷ୍ୟତ ଆଡ଼କୁ ଆଗେଇ ନେବାର ଏକ ଅଭିନବ ହତିଆର ହିସାବରେ ବ୍ୟବହାର କରିବାକୁ ପଡ଼ିବ।

ଆସନ୍ତୁ ପ୍ରଦୂଷିତ ଚିତ୍ତ ବିନୋଦନରୁ ଯୁବ ପିଢ଼ିଙ୍କୁ ଏକ ସୁସ୍ଥ ବିନୋଦନ ଆଡ଼କୁ ଆଗେଇ ନେଇଯିବା ନିମନ୍ତେ ସଂକଳ୍ପବଦ୍ଧ ହେବା। ❒

ସମ୍ପାଦକ, ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ
ମୋ: ୯୪୩୮୬୨୧୯୨୫

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଚୋରା ମଦ ଜବତ, ୮ କୋର୍ଟଚାଲାଣ



**କେନ୍ଦ୍ରାପଡ଼ା,୧୧|୭/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପ୍ରଖରାଜପୁର ଗ୍ରାମର କାଳିଆ ଖୁଲାରଙ୍କ ଠାରୁ ୪୦୯ ଲିଟର ଦେଶୀ ରକ୍ଷା ମଦ, ଶ୍ୟାମସୁନ୍ଦର ରାଉତଙ୍କ ଠାରୁ ୪୨୧ ଲିଟର ଦେଶୀ ରକ୍ଷା ମଦ, ଶୁଭ ଖୁଲାରଙ୍କ ଠାରୁ ୫୪୫ ଲିଟର ଦେଶୀ ରକ୍ଷା ମଦ ରଞ୍ଜନ ରାଉତ ଠାରୁ ୪୧୧ ଲିଟର ଦେଶୀ ରକ୍ଷା ମଦ ଓ ରାଜେଶ ସେଠୀଙ୍କ ଠାରୁ ୩୧୧ ଲିଟର ଦେଶୀ ରକ୍ଷା ମଦ, ଟିଖିରି ଗ୍ରାମର କୁମାର ବେହେରାଙ୍କ ଠାରୁ ୩୨୫ ଲିଟର ଦେଶୀ ରକ୍ଷା ମଦ ଶକ୍ତିର ବେହେରାଙ୍କ ଠାରୁ ୪୮୪ ଲିଟର ଦେଶୀ ରକ୍ଷା ମଦ ଓ ଟିଖିରି ଗ୍ରାମର ଶକ୍ତିର ବେହେରାଙ୍କ ଠାରୁ ୫୬୭ ଲିଟର ଦେଶୀ ରକ୍ଷା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ସମୁଦାୟ ୩୫୫୩ ଲିଟର ଦେଶୀ ରକ୍ଷା ମଦ ଜବତ କରାଯାଇ ୨ ମହିଳା ସମେତ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ହିରଣ୍ୟ ଶେଖର ମଲିକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ପଦ୍ମ ଲୋଚନ ନାୟକ, ଅବକାରୀ ଉପନିରିକ୍ଷକ ରଞ୍ଜନ ରାଉତ ଓ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଶ୍ରମିକଙ୍କୁ ସାଇକେଲ୍ ବଣ୍ଟନ



**ଢେଙ୍କାନାଳ,୧୧|୭/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ଅନ୍ତର୍ଗତ କମଳାଙ୍ଗସ୍ଥିତ ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସହଯୋଗ ଉତ୍ସବ' ସ୍ଥାନୀୟ ଆଡମିନ ବିଲଡିଙ୍ଗଠାରେ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏସପି ଅଭିନବ ସୋନକର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି କମ୍ପାନୀରେ କାର୍ଯ୍ୟରତ ୭୦ ଜଣ ସ୍ଥାନୀୟ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରିଥିଲେ। ଏହି ଅବସରରେ ଜିଏମଆର ଭରଲକ୍ଷ୍ମୀ ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ପୁସ୍ତକ 'ଶଶକ୍ତି'କୁ ଏସ୍‌ପି ଉନ୍ମୋଚନ କରିଥିଲେ। ଜିକେଇଲ କର୍ମଚାରୀଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବେ ଅର୍ଥ ସଂଗ୍ରହ କରି ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି କ୍ଷେତ୍ରରେ ବିନିଯୋଗ କରୁଥିବାରୁ ସମସ୍ତଙ୍କୁ ଏସ୍‌ପି ଧନ୍ୟବାଦ ଜଣାଇଥିଲେ। ଜିକେଇଲ ପ୍ଲାଣ୍ଟ ହେଡ୍ ମନୋଜ ମିଶ୍ର ଏହି ଉତ୍ସବରେ ଯୋଗଦେଇଥିବାରୁ ଏସ୍‌ପିଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରତିବର୍ଷ କମ୍ପାନୀ କର୍ମଚାରୀ ଓ ଆସୋସିଏଟ୍ ଏଜେନ୍ସିମାନେ ସ୍ୱେଚ୍ଛାକୃତଭାବେ ଅର୍ଥ ସଂଗ୍ରହ କରି 'ସହଯୋଗ ଉତ୍ସବ' ପାଳନ କରିବା ସହ କମଳାଙ୍ଗ ଓ ମଙ୍ଗଳପୁର ଗ୍ରାମ ପଞ୍ଚାୟତର ଉନ୍ନତି କ୍ଷେତ୍ରରେ ବିନିଯୋଗ କରିଆସୁଛନ୍ତି।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗା ଚିହ୍ନଟ

**ଜଗତ୍‌ସିଂହପୁର,୧୧|୭/ଏନ୍ଏନ୍ଏସ୍:** ଚାରିଜଣ ବରପୁତ୍ର ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବଜପେୟୀ, ଜଗତସିଂହପୁର ଜିଲ୍ଲାର ଶ୍ରଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁ ଦାସ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଆଦି କବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଜାଗା ଚିହ୍ନଟ ପ୍ରକ୍ରୀୟା ଶେଷ ହୋଇଥିବା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସୂଚନା ପ୍ରଦାନ କରିଛନ୍ତି। ପ୍ରଶାସନର ନିଷ୍ପତି ଅନୁଯାୟୀ, ଜଗତସିଂହପୁର ସଦର ମହକୁମାର ଡାକ ବଙ୍ଗଳାସ୍ଥିତ ପାର୍କ ପରିଷରରେ ଆଦି କବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତି, ବଙ୍ଗଳ ଛକ ସ୍ଥିତ ମାଛଗାଁ କେନାଲର ବକ୍ସ କଲଭଟ ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି, କଲେଜ ଛକ ଠାରେ ଜଗତସିଂହପୁର ଜିଲ୍ଲାର ଶ୍ରଷ୍ଟା ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଏବଂ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବ କୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ସ୍ଥାନ ନିରୂପଣ ସରିଛି। ସ୍ଥାନ ନିରୂପଣ ନିମନ୍ତେ ଜଗତସିଂହପୁରର ବିଧାୟକ ଅମରେନ୍ଦ୍ର ଦାସଙ୍କ ସହିତ ପୌରନିର୍ବାହୀ ଅଧିକାରିଣୀ ସୀମା ଜେନା, ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କାମ ଦେବ ଦାସ, ସହକାରୀ ଯନ୍ତ୍ରୀ ଶୁକ୍ରଜୀତ୍ ମହାନ୍ତି ପ୍ରମୁଖ ସ୍ଥାନ ଚିହ୍ନଟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ନଗର ପ୍ରତିନିଧି ଶୁସାନ୍ତ ରଞ୍ଜନ ସ୍ୱାଇଁ, ବରିଷ୍ଠ ବିଜେପି ନେତା ଶ୍ରୀକାନ୍ତ ଚୌଧୁରୀ, କାଉନସିଲର ଦେବାଶିଷ ସ୍ୱାଇଁ, ସମୀର ପଟ୍ଟନାୟକଙ୍କ ସହିତ ଅନେକ ଉପସ୍ଥିତ ଥିଲେ। ଶେଷରେ ୧୦ନଂ ଠାରେ ରାସ୍ତା ଦୁର୍ଘଟଣାରୁ ସୁରକ୍ଷା ନିମନ୍ତେ କଲେଜ ଛକ ମୁଖ୍ୟ ରାସ୍ତା ଉପରେ ଥିବା ଜଳ ସେଚନ ବିଭାଗର ୱାଟର ରେଗୁଲେଟରକୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ବିଧାୟକ ଶ୍ରୀ ଦାସ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାପାଳଙ୍କୁ ଭେଟିଲେ କଲୋନୀ ବାସିନ୍ଦା



**କେନ୍ଦ୍ରାପଡ଼ା,୧୧|୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଲ' କଲେଜ କଲୋନୀ ଉନ୍ନୟନ ପରିଷଦର ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଉପସଭାପତି ସୁଶାନ୍ତ କୁମାର ସେଠୀ, ସଂପାଦକ ନରେନ୍ଦ୍ର ମହାରଣା, ଅତିରିକ୍ତ ସଂପାଦକ ବିଚିତ୍ର କୁମାର ନାୟକ, କୋଷାଧ୍ୟକ୍ଷ ଅଜୟ କୁମାର ନାୟକ ପ୍ରମୁଖ ଜିଲ୍ଲପାଳଙ୍କୁ ଭେଟି ଦୁଇ ଶହରୁ ଉର୍ଦ୍ଧ୍ୱ ପରିବାର ଏହି କଲୋନୀରେ ରହୁଥିବା ବେଳେ କଲୋନୀର ମୁଖ୍ୟତଃ ରାସ୍ତା, ପାନୀୟଜଳ ଯୋଗୁଁ କଲୋନୀ ବାସିନ୍ଦାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥି ସହିତ ସ୍ଥାନୀୟ ଅଞ୍ଚଳରେ ଏକ ପ୍ଲାଷ୍ଟିକ କାରଖାନା ଥିବାରୁ ତାହାର ପ୍ରଦୂଷଣ ଯୋଗୁଁ କଲୋନୀରେ ବସବାସ କରୁଥିବା ବରିଷ୍ଠ ନାଗରିକ, ଶିଶୁ, ବାସିନ୍ଦାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି କାରଖାନାକୁ ସେଠାରୁ ଉଠାଇବାକୁ ଦାବି କରି ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ନାଥ ମଲିକଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଆଲେଚନା ସମୟରେ ନଟବର ସେନାପତି, ରଞ୍ଜନ କୁମାର ସାହୁ, ବିଜୟ କୁମାର ନାୟକ, ପ୍ରମୋଦ କୁମର ସେଠୀ, ପ୍ରଫୁଲ୍ଲ କୁମାର ମିଶ୍ର, ବିଧାନଚନ୍ଦ୍ର ମହାପାତ୍ର, ନାରାୟଣ ପ୍ରଧାନ, ନିରଞ୍ଜନ ମଲିକ, ପୁନାନନ୍ଦ ମୁଦୁଲି, ଉପେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା



**ଯାଜପୁର,୧୧|୭/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଶ୍ରମ କମିଶନର ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ କହିଥିଲେ ଯେ, ଆଜିର ବୈଠକ ଶିଶୁ ଶ୍ରମିକ ନିରାକରଣ ସଚେତନତା ନିମିତ୍ତ ଉଦ୍ଦିଷ୍ଟ। ଇଂରେଜମାନଙ୍କ ସମୟରୁ ଏହି ଶ୍ରମିକ ପ୍ରଥା ଚାଲି ଆସୁଛି । କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଶିଶୁମାନଙ୍କ ଯତ୍ନ ନେବା ପାଇଁ ବିଭିନ୍ନ ବିଭାଗରେ ଆଇନ ପ୍ରଣୟନ କରିଛନ୍ତି। ଶିଶୁଟି ମା'ର ଗର୍ଭରେ ଥିବା ସମୟରୁ ସରକାର ମାକୁ ସଠିକ୍ ପୋଷଣ ଯୁକ୍ତ ଖାଦ୍ୟ ଏବଂ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ସହ ଶିଶୁଟି ବଡ଼ ହେଲେ ପାଠ ପଢ଼ିବା ନିମନ୍ତେ ଫ୍ରି ସ୍କୁଲିଂ, ଉଚ୍ଚ ଶିକ୍ଷା ଲାଭ କରିବା ନିମନ୍ତେ ବିଭିନ୍ନ ବୃତ୍ତିର ବ୍ୟବସ୍ଥା ଏବଂ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ମଧ୍ୟ କରିଛନ୍ତି। ପିଲାମାନଙ୍କ ଦକ୍ଷତା ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ ତାଲିମ ମଧ୍ୟ ପ୍ରଦାନ କରାଯାଉଛି । ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ଏବେ ବି କେତେକ ସ୍ଥାନରେ ଶିଶୁ ଶ୍ରମିକ ଦେଖିବାକୁ ମିଳୁଛି। ସରକାରୀସ୍ତରରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଯେଉଁ ସବୁ ନିୟମାବଳୀ କରାଯାଇଛି ସମସ୍ତେ ଏହାର ସଠିକ ଭାବେ ଅନୁପାଳନ କଲେ ଏବଂ ଆନ୍ତରିକତାର ସହ କାର୍ଯ୍ୟ କଲେ ଏହି ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଭାବେ ବନ୍ଦ ହୋଇପାରିବ। ଏହି ବୈଠକରେ ଅଧକ୍ଷତା କରି ପ୍ରଭାଗୀୟ ଶ୍ରମ କମିଶନର ଶ୍ରୀ ସତ୍ୟ ନାରାୟଣ ଆଚାର୍ଯ୍ୟ କହିଲେ ଶିଶୁ ଟିଏ କିପରି ତାର ମୌଳିକ ଅଧିକାର ଓ ସୁବିଧା ପାଇପାରିବ ଆମେ ନିଶ୍ଚିତ ସେ ଦିଗ ପ୍ରତି କାର୍ଯ୍ୟ କରିବା । ଶିଶୁ ଶ୍ରମିକ ପ୍ରଥାକୁ ଏକ ସମାଜିକ ବ୍ୟାଧି ରୂପେ ଅଭିହିତ କରିବା ସହ ଏହାର ନିରାକରଣ ଦିଗରେ ସମସ୍ତଙ୍କର ଦାୟିତ୍ୱ ରହିଛି। ପ୍ରତ୍ୟେକ ନାଗରିକ ଶିଶୁ ଶ୍ରମିକକୁ ବିରୋଧ କରିବା ପାଇଁ ଶପଥ ନେବା ଉଚିତ୍ ବୋଲି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଉକ୍ତ ବୈଠକରେ ଯୋଗଦେଇ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ରେଣ୍ଟୋନା ଜେନା କହିଥିଲେ ଆଜିର ପିଲା ହେଉଛନ୍ତି କାଲିର ଭବିଷ୍ୟତ। ସେମାନେ ହିଁ ଦେଶକୁ ଆଗକୁ ନେବେ ଆମକୁ ସେଥିପ୍ରତି ସଜାଗ ରହିବାକୁ ପଡିବ ଯେପରି କୌଣସି ଶିଶୁ ପାଠ ପଢାରୁ ବଞ୍ଚିତ ନରୁହନ୍ତୁ। ସରକାରଙ୍କ ଦ୍ୱାରା ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆ ଯାଇଥିବା ସତ୍ତ୍ୱେ ମଧ ଏହାର ସଠିକ ଭାବେ ଉପଯୋଗ ହେଉ ନାହିଁ ଆମକୁ ଏଥି ପ୍ରତି ସଚେତନ ହେବାକୁ ପଡିବ ଏବଂ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। କୌଣସି ବ୍ୟକ୍ତି ଯଦି ୧୪ ବର୍ଷରୁ କମ ପିଲାଙ୍କୁ କାମରେ ନିଯୋଜିତ କରିଥିବାର ନଜରକୁ ଆସେ ତାହେଲେ ଚାଇଲ୍ଡ ଲାଇନ ୧୦୯୮ ନମ୍ବରକୁ କଲ୍ କରି ଜଣାଇବାକୁ ପରାମର୍ଶ ଦେଇଥିଲେ। ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିଯୋଜିତ କରାଉଥିବା ବ୍ୟକ୍ତିଙ୍କ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ଏଥିପାଇଁ ଜନସଚେତନତା ସୃଷ୍ଟି କରିବା ନିହାତି ଆବଶ୍ୟକ। ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଗଠନ କରିବା ଆମର ସଂକଳ୍ପ ହବା ଆବଶ୍ୟକ ବୋଲି ସେ ବକ୍ତବ୍ୟ ରଖିଥିଲେ। ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ ନକରିବା, ୧୫ ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜନକୁ ବାରଣ କରିବା, ଯଦି କୌଣସି ବ୍ୟକ୍ତି ୧୪ ବର୍ଷରୁ କମ ବୟସର ପିଲାଙ୍କୁ କାମରେ ନିୟୋଜିତ କରିଥାନ୍ତି ଏବଂ ୧୫ ରୁ ୧୮ ବର୍ଷର ପିଲାଙ୍କୁ ବିପଦସଙ୍କୁଳ ବୃତ୍ତିରେ ନିୟୋଜିତ କରିଥାନ୍ତି ତେବେ ନିଜ ଜିଲ୍ଲାର ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରିବାକୁ କିମ୍ବା ଚାଇଲ୍ଡ ଲାଇନ ୧୦୯୮ କୁ କଲ କରି ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ତଥା ଶ୍ରମ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି । ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ୫୦ ହଜାର ଜୋରିମାନା ସହିତ ୨ ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରାଯିବ। ଏହି ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ କର୍ମଶାଳାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ, ସୌମ୍ୟା ରଞ୍ଜନ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଜ ଆସଫା ଏନ୍‌ଜିଓ, ନୀଳାଚଳ ଇସ୍ପାତ ନିଗମ କର୍ମକର୍ତ୍ତା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ।

# ଘର ଖଣ୍ଡିଏ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ଦିବ୍ୟାଙ୍ଗ



**କାମାକ୍ଷାନଗର,୧୧|୭/ଏନ୍ଏନ୍ଏସ୍:** ଘର ଖଣ୍ଡିଏ ପାଇଁ ମା'ଛେଉଣ୍ଡ ଦୁଇପିଲା ଓ ବୁଢ଼ୀ ମା'କୁ ଧରି ଗୁରୁଣ୍ଡି ଗୁରୁଣ୍ଡି ବଡିଓଙ୍କୁ ଦୁଃଖ ଜଣାଇଲେ ଦିବ୍ୟାଙ୍ଗ। ଦିବ୍ୟାଙ୍ଗ ଜଣକ ହେଲେ କାମାକ୍ଷାନଗର ବ୍ଲକ ପଣ୍ଡୁଆ ଗ୍ରାମର ଖଗେଶ୍ୱର ନାଏକ (୪୫)। ପ୍ରକାଶ, ଖଗେଶ୍ୱର ପିଲା ଦିନରୁ ପୋଲିଓରେ ଆକ୍ରାନ୍ତ ହୋଇ ଶାରୀରିକ ଭାବେ ଅକ୍ଷମ ଥିଲେ। ଗତ କିଛି ବର୍ଷ ତଳେ ହଟାତ ତାଙ୍କୁ ପାରାଲିସିସ ହେବା ଫଳରେ ସେ ସମ୍ପୂର୍ଣ୍ଣ ଭାବେ ଅକ୍ଷମ ହେବା ସହ ଚଲାବୁଲା କରି ପାରୁନାହାନ୍ତି। ସ୍ତ୍ରୀ ରୀନା ନାଏକଙ୍କ ମୃତ୍ୟୁ ହୋଇ ଯାଇଥିଲା ବେଳେ ଦୁଇପୁଅ ଓ ବୃଦ୍ଧ ମା'ଙ୍କୁ ଧରି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଖଗେଶ୍ୱର। ଦିବ୍ୟାଙ୍ଗ ଭତ୍ତା ଓ ପାଞ୍ଚ କିଲୋ ଚାଉଳରେ ପୁରା ପରିବାର ଚଳୁଥିବା ବେଳେ ଘର ଖଣ୍ଡିଏ ପାଇଁ ସରପଞ୍ଚଙ୍କୁ ଦେଖାକରିବା ସହ ବ୍ଲକକୁ ଆସି ନିରାଶ ହୋଇଛନ୍ତି ଖଗେଶ୍ୱର। ତେବେ ବାରମ୍ବାର ନିରାଶ ହେବା ପରେ ଆଜି ନିଜ ଦୁଇ ପୁଅ ଓ ବୁଢ଼ୀ ମା'କୁ ଧରି କାମାକ୍ଷାନଗର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଗୁରୁଣ୍ଡି ଗୁରୁଣ୍ଡି ଯାଇ ବିଡିଓଙ୍କୁ ଘର ଖଣ୍ଡିଏ ପାଇଁ ନିବେଦନ କରିବା ସହ ଅନ୍ତୋଦୟ ଯୋଜନାରେ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି । ତେବେ ଏ ସମ୍ପର୍କରେ ଜାଣିବା ପରେ କାମାକ୍ଷାନଗର ବିଡିଓ ପ୍ରଭୁ କଲ୍ୟାଣ ଦାଶ ତୁରନ୍ତ ଖଗେଶ୍ୱରଙ୍କ ପରିବାରକୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ଦୁଇ ପୁଅଙ୍କ ପାଠପଢା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ୧୬ରେ ଟ୍ୟାଙ୍କର ମାଲିକଙ୍କ ପ୍ରତିବାଦ ସଭା



**ପାରାଦୀପ,୧୧|୭/ଏନ୍ଏନ୍ଏସ୍:** ଏଚ୍‌ପିସିଏଲ, ଆଇଓସିଏଲ୍ ଓ ବିପିସିଏଲ୍ ଟର୍ମିନାଲର ସମସ୍ତ ଟ୍ୟାଙ୍କର ମାଲିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ହୋଟେଲ ଗୋଲଡେନ ଆଙ୍କର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଲ ଓଡିଶା ଟ୍ୟାଙ୍କର ଆସୋସିଏସର ବରିଷ୍ଠ ସଭ୍ୟ ରଞ୍ଜନ ଧଳ ସଭାପତିତ୍ୱ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ଟ୍ୟାଙ୍କର ମାଲିକ ଯୋଗଦେଇ ଥିଲାବେଳେ ଆସୋସିଏସନର ସଭାପତି କୃଷ୍ଣ ଚନ୍ଦ୍ର ଦାସ ଓ ପୂର୍ବ ଉପକୂଳ ଶ୍ରମିକ ସଂଘର ସଭାପତି ତଥା ଟର୍ମିନାଲରେ କାର୍ଯ୍ୟରତ ସମସ୍ତ ଟ୍ୟାଙ୍କର ଚାଳକ ସଙ୍ଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଉପସ୍ଥିତ ଥିଲେ। ଏଚପିସିଏଲରେ ଗତ କିଛିଦିନ ତଳେ ଟ୍ୟାଙ୍କରର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି । ଏଥିରେ ରାଜ୍ୟ ବାହାରର ବହୁ ପରିବହନ ସଂସ୍ଥାମାନେ ଟେଣ୍ଡର ପକାଇଛନ୍ତି । ଯଦି ତାଙ୍କର ଟେଣ୍ଡର ଗୃହୀତ ହୁଏ ତାହେଲେ ଆମ ରାଜ୍ୟର ଟ୍ୟାଙ୍କର ମାଲିକମାନେ ଜୀବିକା ହରାଇବେ। ଏହିପରି ଆଉ କିଛି ମାସ ପରେ ଆଇଓସିଏଲ ଓ ବିପିସିଏଲରେ ମଧ୍ୟ ଟେଣ୍ଡର ହେବାକୁ ଯାଉଛି। ଏହିପରି ଭାବେ ଯଦି ବାହାର ରାଜ୍ୟର ପରିବହନ ସଂସ୍ଥାମାନେ ଟେଣ୍ଡରରେ ଅଂଶଗ୍ରହଣ କରନ୍ତି ଏବଂ କାର୍ଯ୍ୟାଦେଶ ପାଆନ୍ତି ତେବେ ସ୍ଥାନୀୟ ଓ ରାଜ୍ୟର ଟ୍ୟାଙ୍କର ମାଲିକମାନେ ହତାଶ ହେବେ। ତେଣୁ ଏହି ବୈଠକରେ ଟ୍ୟାଙ୍କର ଚାଳକ ସଙ୍ଘ ଓ ଟ୍ୟାଙ୍କର ମାଲିକ ସଙ୍ଘ ଏକାଠି ହୋଇ ବାହାର ରାଜ୍ୟର ଟ୍ୟାଙ୍କରକୁ ପୁରାଇ ନଦେବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରିଥିଲେ। ଏତଦବ୍ୟତୀତ ଆସନ୍ତା ଜୁଲାଇ ୧୬ରେ ସମସ୍ତ ଟ୍ୟାଙ୍କର ମାଲିକମାନଙ୍କୁ ନେଇ ଏକ ପ୍ରତିବାଦ ସଭା କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ଅଲ ଓଡିଶା ଟ୍ୟାଙ୍କର ମାଲିକ ସଙ୍ଘର ଉପଦେଷ୍ଟା ଲକ୍ଷ୍ମୀଧର ମହାନ୍ତି, ସମ୍ପାଦକ ଶ୍ରୀବଲ୍ଲଭ କର, ବିନୟ ରାଉଳ, ଫିରୋଜ ଖାନ, ରଞ୍ଜନ ବର୍ଦ୍ଧନ, ପ୍ରଭାକର ମିଶ୍ର, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲାବେଳେ ଟ୍ୟାଙ୍କର ଚାଳକ ସଙ୍ଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଉପସଭାପତି ସୁବ୍ରତ କୁମାର ପ୍ରଧାନ ଓ ରତ୍ନାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମୃତ୍ୟୁ

**ମାର୍ଶାଘାଇ,୧୧|୭/ଏନ୍ଏନ୍ଏସ୍:** ମାର୍ଶାଘାଇ ଥାନା ଅନ୍ତର୍ଗତ ତେପନ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣର କାର୍ଯ୍ୟ କରୁଥିବା ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକ ହେଲେ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବିଜୟ ଦାସ (୩୨)। ତେବେ ଶ୍ରମିକ ଜଣଙ୍କର କିପରି ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ମେଡିକାଲ ତରଫରୁ ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସକାଳ ସମୟରେ ଶ୍ରମିକ ଜଣଙ୍କୁ ଚିକିତ୍ସା ପାଇଁ ମାର୍ଶାଘାଇ ଗୋଷ୍ଠୀ ଡାକ୍ତରଖାନାକୁ ଆଣାଯାଇଥିଲା। ବିଦ୍ୟୁତ୍ ଆଘାତ ଲାଗିଛି ଏବଂ ଚିକିତ୍ସା ଆଣା ଯାଇଥିବା କୁହାଯାଇଥିଲା। ଚିକିତ୍ସା କରିବା ସମୟରେ ଡାକ୍ତର ଜାଣିବାକୁ ପାଇଥିଲେ କି ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ରୋଗୀଙ୍କର ମୃତ୍ୟୁ ଘଟି ସାରିଛି। ଏ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଶ୍ରମିକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ସୂଚନା ମିଳିଛି।

# ପୁଲିସ୍‌କୁ ଦୁର୍ବୃତ୍ତଙ୍କ ଖୋଲା ଚ୍ୟାଲେଞ୍ଜ



**ତାଳଚେର,୧୧|୭/ଏନ୍ଏନ୍ଏସ୍:** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଚୋରି, ରାହାଯାନୀ ବୃଦ୍ଧି ପାଇ ଆସୁଥିଲେ ମଧ୍ୟ ତାଳଚେର ଟାଉନଥାନା ପୁଲିସ୍‌ର କାର୍ଯ୍ୟକଳାପକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଯୋରଧରିଛି। ୩ଦିନ ପୂର୍ବରୁ ଯେଉଁଭଳି ଦୁର୍ବୃତ୍ତମାନେ ଆତଙ୍କରାଜ ଚଳାଇ ପୃଥକ ପୃଥକ ଭାବେ ବାଘୁଆବୋଲ ରେଳ ଫାଟକ ନିକଟରେ ବନ୍ଧୁକ, ଭୁଜାଲି ଦେଖାଇ ୪ଟି ଘଟଣା ଭିଆଇଥିଲେ ଏହା ଲୋକଙ୍କ ମନରୁ ନଲିଭୁଣୁ ପୁଣି ଆଜି ବାହାର ରାଜ୍ୟର ଦୁଇଟି ଟ୍ରଲର୍ ତାଳଚେର ବାଇପାସ୍ ଅଞ୍ଚଳରେ ଠିଆ ହୋଇଥିବା ୨ଟି ଟ୍ରଲର ଟାଙ୍କିରୁ ଦୁର୍ବୃତ୍ତମାନେ ସମସ୍ତ ଡ଼ିଜେଲ କାଢ଼ି ନେଇଥିବା ଆଶ୍ଚର୍ଯ୍ୟ କରିଛି। ଦୁର୍ବୃତ୍ତମାନେ ୨ଟି ଟ୍ରଲର୍ ତେଲଟାଙ୍କି ଲକ୍‌ଭାଙ୍ଗି ଟାଙ୍କିରେ ରହିଥିବା ସମସ୍ତ ତେଲ ଶୋଷିନେଇ ଫେରାର୍ ହୋଇଯାଇଥିଲେ। ଗାଡ଼ିର ଚାଳକ ଷ୍ଟାର୍ଟମାରିଲା ବେଳକୁ ଗାଡ଼ି ଷ୍ଟାର୍ଟ ହୋଇନଥିଲା। କାରଣ ବୁଝୁବୁଝୁ ଦେଖିଲା ବେଳେକୁ ଟାଙ୍କିରେ ଟୋପେ ବି ଡ଼ିଜେଲ ନଥିଲା। ଏସମ୍ପର୍କରେ ଉଭୟ ଗାଡ଼ିଚାଳକ ମନଦୁଃଖରେ ଠିଆ ହୋଇଥିବା ବେଳେ ସେମାନଙ୍କୁ ସେଠିକାର ଅଞ୍ଚଳବାସୀ ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ଅଞ୍ଚଳବାସୀ ଥାନାରେ ଏତଲା ଦେବା ପାଇଁ ତାଙ୍କୁ କହିଥିଲେ। ମାତ୍ର ସେମାନେ କହିଲେ ଥାନରେ ଜଣାଇଲେ କ'ଣ ଗାଡ଼ିର ତେଲ ଫେରି ଆସିବ କି ? ତେଣୁ ସେମାନେ ମନଦୁଃଖରେ ଆସି ପୁନଶ୍ଚ ଟାଙ୍କିରେ ତେଲ ପକାଇ ନିଜ ଗନ୍ତବ୍ୟପଥକୁ ଯାଇଥିଲେ। ଏହି ଘଟଣାକୁ ଦୃଷ୍ଟିରେ ରଖିଲେ ଜଣାପଡ଼େ ଯେ, ତାଳଚେର ଅଞ୍ଚଳ ବର୍ତ୍ତମାନ କେତେ ସୁରକ୍ଷିତ! ଏବେ ହାଟତୋଟା ମାର୍କେଟ ଏକ ବସ୍ତ୍ରାଳୟ ସମ୍ମୁଖରେ ଅପରାହ୍ଣ ପ୍ରାୟ ସାଢ଼େ ଗୋଟାଏ ବେଳେ କଙ୍କିଳି ଗ୍ରାମର ଦୁଃଖବନ୍ଧୁ ନାଥ (୫୮) ତାଙ୍କ ମଟରସାଇକେଲ ରଖି କପଡ଼ା କିଣିବାକୁ ଦୋକାନକୁ ଯାଇଥିଲେ। ସେଠାରୁ ଫେରିବାପରେ ତାଙ୍କର ମଟରସାଇକେଲଟି ଆଉ ନଥିଲା। ସେହିଭଳି ୩ତାରିଖ ଦିନ ବହ୍ଲର ଛକ ନିକଟରେ ଠିଆ ହୋଇଥିବା ଏକ ଟ୍ରକରୁ ବ୍ୟାଟେରୀ ଚୋରି, ୮ତାରିଖ ରାତିରେ ୪ଟି ସ୍ଥାନରୁ ଲୁଟପାଟ୍, ଦୁର୍ବୃତମାନେ ଖଣ୍ଡାରେ ହାଣି ଜୈନିକ ବ୍ୟକ୍ତିଙ୍କୁ ଘାଇଲା କରିବା ସହ ତାଙ୍କ ମୋବାଇଲ୍ ଛଡ଼ାଇ ନେବା ଘଟଣା ଘଟୁଥିଲେ ମଧ୍ୟ ପୁଲିସ୍ କିପରି ଭାବେ ଦୁର୍ବୃତ୍ତଙ୍କ ଟେର ପାଉନାହିଁ। ତାଳଚେର ସହର ସାରା ସିସି କ୍ୟାମେରା ଖଞ୍ଜା ହୋଇଛି ହେଲେ, ଅଳ୍ପ କିଛି ଦିନପରେ ସେଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ି ରହଛି। ତେବେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କାହା ସ୍ୱାର୍ଥରେ ଓ କାହିଁକି ଏହାକୁ ଖଞ୍ଜା ହୋଇଛି ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ତେବେ ଏକବର୍ଷ ମଧ୍ୟରେ ଡ୍ରଗ୍ସ ବ୍ୟବସାୟ ଓ ସେବନ ଅତ୍ୟଧିକ ହୋଇପଡ଼ିବାରୁ ଦୁର୍ବୃତମାନେ ପୁଲିସ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଇ ଏପରି ଗୋଟି ପରେ ଗୋଟିଏ କାଣ୍ଡ ଭିଆଉଥିବା ତାଳଚେର ଅଂଚଳରେ ଚର୍ଚ୍ଚା ପରିସରକୁ ଆସିଛି। ତେଣୁ ଯଦି ପୁଲିସ୍ ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନକରେ ତେବେ ଆଗାମୀ ଦିନରେ ତାଳଚେର ଅଞ୍ଚଳରେ ଚୋରି ଓ ବିଭିନ୍ନ ଅପରାଧିକ ଘଟଣା ଚରମସୀମାରେ ପହଞ୍ଚିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି।

# ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



**ତାଳଚେର,୧୧|୭/ଏନ୍ଏନ୍ଏସ୍:** ତାଳଚେର ପୌରପରିଷଦ ଅନ୍ତର୍ଗତ ୧୨ନମ୍ବର ୱାର୍ଡ଼ ରେମୁଁଆ ଗ୍ରାମର ମଝାମଝି ମୁଖ୍ୟରାସ୍ତା କଡ଼ରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଦୁଇଟି ଟ୍ରାନ୍ସଫର୍ମର ଲଗାଯାଇଛି। କିନ୍ତୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁଡ଼ିକର ଯତ୍ନ ନିଆଯାଉନଥିବାରୁ ଚାରିପାଖରେ ଅନାବନା ଗଛ ଉଠିବା ସହିତ ତରୁଲତା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚର୍ତୁପାର୍ଶ୍ୱରେ ମାଡ଼ିଥିବା ଦୃଶ୍ୟ ପରିଲକ୍ଷିତ ହେଉଛି। ଏହି ଟ୍ରାନ୍ସଫର୍ମର ଗୁଡ଼ିକରୁ ରେମୁଁଆ ଗ୍ରାମ ସମେତ ହାଟତୋଟା ଅଞ୍ଚଳର ବିଭିନ୍ନ ସ୍ଥାନକୁ ତାର ସଂଯୋଗ କରାଯାଇଛି। ଲୋକଙ୍କୁ ସଠିକ୍ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଲଗାଯାଇଥିଲେ ହେଁ ଏଗୁଡ଼ିକର ରକ୍ଷଣାବେକ୍ଷଣା ଅଭାବରୁ ଉଭୟ ପାର୍ଶ୍ୱରେ ସାମ୍ନାସାମ୍ନି ୨ଟି ଟ୍ରାନ୍ସଫୋର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଶେଷ କଥା ହେଉଛି ଏହି ଟ୍ରାନ୍ସଫର୍ମର ୨ଟି ଖୋଲାମେଲା ଅବସ୍ଥାରେ ଏବଂ ସେ ପୁଣି ଆମନା ସାମନାରେ ରହିଥିବା ବେଳେ ଏହାର ଚର୍ତୁପାର୍ଶ୍ୱରେ ସିମେଣ୍ଟରେ ୫ରୁ ୬ଫୁଟ୍ ଉଚ୍ଚତାରେ ପାଚେରୀ ଦିଆଯିବା କଥା, କିନ୍ତୁ ଦିଆଯାଇ ନାହିଁ। ଏହି ଦୁଇଟି ଟ୍ରାନ୍ସଫର୍ମର ରେମୁଁଆ ଗ୍ରାମର ମୁଖ୍ୟରାସ୍ତା କଡ଼କୁ ଲାଗି ରହିଥିବା ବେଳେ ଏହି ରାସ୍ତାରେ ପ୍ରତ୍ୟେକ ଦିନ ସ୍କୁଲ, ଟିୟୁସନ୍, କଲେଜ ଛାତ୍ରଛାତ୍ରୀ ମାନେ ଯିବାଆସିବା କରୁଛନ୍ତି ଓ ସ୍ଥାନୀୟ ବାସୀନ୍ଦାମାନେ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଦପ୍ତରକୁ ଯାତାୟତ କରୁଛନ୍ତି। ଗୋରୁଗାଈ ଓ ପଶୁପକ୍ଷୀ ମାନେ ଟ୍ରାନ୍ସଫର୍ମର ୨ଟିର ନିକଟରେ ଚରାବୁଲା କରୁଥିବା ମଧ୍ୟ ଦେଖାଯାଇଛି। କିପରି ବିଦ୍ୟୁତ୍ ବିଭାଗ ଏଗୁଡ଼ିକୁ ଖୋଲାମେଲା କରି ନିର୍ଶ୍ଚିତରେ ବସିଯାଇଛି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଜନଗହଳିପୂର୍ଣ୍ଣ ବସ୍ତି, ମାର୍କେଟ ଓ ସରକାରୀ କାର୍ଯ୍ୟାଳୟ ନିକଟରେ ରହିଥିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାର ଚର୍ତୁପାର୍ଶ୍ୱରେ ପାଚେରୀ ନିର୍ମାଣ କରିବା ସହ ରକ୍ଷଣାବେକ୍ଷଣ ନିତ୍ୟାନ୍ତ ଆବଶ୍ୟକ ବୋଲି ସାଧାରଣ ଲୋକ ମତପୋଷଣ କରିଛନ୍ତି। ନଚେତ୍ କେତେ ବେଳେ ଯେ, କ'ଣ ଘଟିବ ତାହା କହିବା ସମ୍ଭବପର ନୁହେଁ।

# ବିଏମ୍ ହେଲ୍‌ପିଂ ହ୍ୟାଣ୍ଡ୍ ପକ୍ଷରୁ ଆର୍ଥିକ ସହାୟତା



**ଆଳି,୧୧|୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ କଳସପୁର ଗ୍ରାମର ସତ୍ୟଜିତ ପାଣ୍ଡବ କିଡନୀ ରୋଗରେ ପୀଡିତ ଥିବାରୁ ତାଙ୍କ ଅଧିକ ଚିକିତ୍ସା ନିମନ୍ତେ ବଡ଼ମଙ୍ଗ ମଠସାହିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଏମ୍ ହେଲଫିଂ ହ୍ୟାଣ୍ଡ୍ ସହଯୋଗର ହାତ ବଢ଼ାଇଛି। ବିଏମ ହେଲଫିଂ ହ୍ୟାଣ୍ଡର ବରିଷ୍ଠ ସଦସ୍ୟ ଅମିୟ ପରିଡା,ଶିକ୍ଷାବିତ ଧରଣୀଧର ବେହେରା, ମିଳନ ମହାକୁଳ, ଚିତ୍ତରଞ୍ଜନ ବଳ, ଉତ୍ତମ ପରିଡା, ଦେବବ୍ରତ ମହାକୁଳ ପ୍ରମୁଖ ସତ୍ୟଜିତଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଚିକିତ୍ସା ନିମନ୍ତେ ଆର୍ଥିକ ରାଶି ପ୍ରଦାନ କରିଥିଲେ। ପ୍ରକାଶ, କଳସପୁର ଗ୍ରାମର ଶତ୍ରୁଘ୍ନ ପାଣ୍ଡବଙ୍କ ପୁଅ ସତ୍ୟଜିତ ପାଣ୍ଡବ(୪୩)ଙ୍କର କିଡନୀ ନଷ୍ଟ ହୋଇଯାଇଛି। ସତ୍ୟଜିତ ପାଣ୍ଡବ ଚେନାଇରେ ଏକ ଘରୋଇ କମ୍ପାନୀରେ ଚାକିରି କରି ପରିବାର ପ୍ରତିପୋଷଣ କରୁଥିଲେ। ଦୁଇମାସ ପୂର୍ବେ ସତ୍ୟଜିତ ଜ୍ୱରରେ ପୀଡିତ ହେବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ଅସୁସ୍ଥ ଅବସ୍ଥାରେ ବାରମ୍ବାର ମେଡିକାଲ ଯାଇଥିଲେ ମଧ୍ୟ ସୁସ୍ଥ ନହେବାରୁ ଘରକୁ ଫେରି ଆସି କଟକ ବଡ଼ ମେଡିକାଲରେ ଡାକ୍ତର ଦେଖାଇବା ପରେ ତାଙ୍କର କିଡନୀ ନଷ୍ଟ ହୋଇ ଯାଇଥିବା ଜଣା ପଡିଥିଲ। କିଡନୀ ପ୍ରତିରୋପଣ କରାଗଲେ ସତ୍ୟଜିତ ସୁସ୍ଥ ହେବେ ବୋଲି ଡାକ୍ତର କହିଥିଲେ। କିଡନୀ ପ୍ରତିରୋପଣ ନିମନ୍ତେ ୩୦ରୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ କହିବା ପରେ ପରିବାର ଲୋକ ଏବେ ଚିନ୍ତାରେ। ସରକାରୀ ଓ ବେସରକାରୀ ସ୍ତରରେ ଆର୍ଥିକ ସହଯୋଗ ମିଳିଲେ ସତ୍ୟଜିତଙ୍କ ଚିକିତ୍ସା ହୋଇ ପାରିବ ବୋଲି ପରିବାର ଲୋକ ନିବେଦନ କରିଛନ୍ତି । ସତ୍ୟଜିତଙ୍କ ଚିକିତ୍ସା ନିମନ୍ତେ ସତ୍ୟନାରାୟଣ ସେବା ସଂସ୍ଥା, ସହଦେବ ଦାସ ସେବାସଂସ୍ଥା,ନମୌଜାର ଚକ୍ରଧର ଦାସ ପ୍ରମୁଖ ସହାୟତାର ହାତ ବଢ଼ାଇଥିବା ବେଳେ ଅନ୍ୟ ସାମାଜିକ ଅନୁଷ୍ଠାନଗୁଡିକ ସହଯୋଗର ହାତ ବଢ଼ାଇଲେ ସତ୍ୟଜିତଙ୍କ ଚିକିତ୍ସା କ୍ଷେତ୍ରରେ ତାହା ଲାଗି ପାରିବ।

# ବିଦ୍ୟୁତ୍ ଆଘାତରେ ଶ୍ୱଶୁର ମୃତ, ବୋହୂ ଗୁରୁତର

**ପରଜଙ୍ଗ,୧୧|୭/ଏନ୍ଏନ୍ଏସ୍:** ପରଜଙ୍ଗ ଥାନା ଅନ୍ତର୍ଗତ କଲଦା ପଞ୍ଚାୟତ ସିଂହଡ଼ା ଛକରେ ସୁନା ଅଳଙ୍କାର ଦୋକାନ କରି ଦୀର୍ଘ ୩୦ ବର୍ଷ ଧରି ରହୁଥିବା କୁଆଲୁ ନୂଆସାହିର ଜଳଧର ସାହୁ (୫୨)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ପ୍ରକାଶ, ଜଳଧରଙ୍କ ବୋହୂ ଲକି ସାହୁ (୨୮) ଜିଆଇ ତାରରେ ଓଦା ଲୁଗା ସୁଖାଇଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ଆଘାତ ଲାଗି ତଳେ ପଡ଼ିଯାଇଥିବା ଦେଖି ଜଳଧର ସାହୁ ( ଶ୍ୱଶୁର ) ଉଦ୍ଧାର କରିବାକୁ ଯାଇ ସେହି ତାରକୁ ଧରି ପକାଇଥିଲେ। ଫଳରେ ସେ ମଧ୍ୟ ଗୁରୁତର ହୋଇପଡିଲେ। ସଙ୍ଗେ ସଙ୍ଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତର ଶ୍ୱଶୁରଙ୍କୁ ମୃତ ଘୋଷଣା କରିଥିଲେ ଏବଂ ବୋହୂକୁ ଚିକିତ୍ସା ଜାରି ରଖିଥିଲେ।

## ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ୍ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ



**ଜଗତ୍‌ସିଂହପୁର,୧୧।୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ସଦର ବ୍ଲକ ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ଖୁଣ୍ଟିଆଙ୍କ ଅନ୍ୟତ୍ର ବଦଳି ତୁରନ୍ତ ବାତିଲ କରିବା ପାଇଁ ଅଭିଭାବକମାନେ ଆଜି ଜିଲ୍ଲାପାଳ ଜେ ସୋନାଲଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଅଭିଭାବକ ସାବିତ୍ରୀ ମିଶ୍ର, ଆରତୀ ଭୋଇ, ଝିଲିରାଣୀ ଭୋଇ, ଭରତ କାଣ୍ଡି, ସୋନାଲି ସାମଲ, ରଚନା ଭୋଇ, ବୁଧିଆ ଭୋଇ, ସ୍ୱର୍ଣ୍ଣଲତା କାଣ୍ଡି, ସସ୍ମିତା ଭୋଇ, ଗୌତମ ସାମଲ, ସସ୍ମିତା ଦାସ, ବିକ୍ରମ ଭୋଇ, ମାଳତି ଦାସ, ଲିଲିମା ଦାସ, ମମତା କାଣ୍ଡି, ଟୁଟୁ ଭୋଇ, ପିଣ୍ଟୁ ଦାସ ପ୍ରମୁଖ ଅନେକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଏଥି ସହିତ ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ନକରା ଗଲେ, ଅଭିଭାବକମାନେ ତାଙ୍କର କୌଣସି ପିଲାଙ୍କୁ ଉକ୍ତ ବିଦ୍ୟାଳୟକୁ ପଠାଇବେ ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଏହି ଅଭିଯୋଗ ଜଗତସିଂହପୁର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ କରାଯାଇଥିବା ମଧ୍ୟ ଅଭିଭାବକ ମାନେ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ, ପଦ୍ମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ଖୁଣ୍ଟିଆ ଜଣେ ଆଦର୍ଶ ଶିକ୍ଷକ ସହିତ ପିଲାମାନଙ୍କୁ ଶିକ୍ଷାଦାନ ଓ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ମାହିର ହୋଇ ଥିବା ନେଇ ଅଭିଭାବକମାନେ ତାଙ୍କୁ ଅନ୍ୟତ୍ର ବିଦ୍ୟାଳୟକୁ ବଦଳି କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଥି ସହିତ ଉକ୍ତ ପ୍ରଧାନ ଶିକ୍ଷକଙ୍କ ଯୋଗୁ ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେଉଥିବା ଅଭିଭାବକ ମାନେ ଦାବି କରିଛନ୍ତି। ହେଲେ ଅଞ୍ଚଳର କେତେକ ମୁଷ୍ଟିମେୟ ଲୋକ ତାଙ୍କ ବିରୋଧରେକୁ ଚକ୍ରାନ୍ତ କରି ସେଠାରୁ ନିକଟସ୍ଥ ବ୍ରଜ ମୋହନ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରି ଦେଇଛନ୍ତି। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତାଙ୍କ ବଦଳି ବାତିଲ କରିବା ପାଇଁ ବିଇଓ, ଜଗତସିଂହପୁର ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଉପରୋକ୍ତ ଅଭିଭାବକମାନେ ସୂଚନା ପ୍ରଦାନ କରିଛନ୍ତି।

# ୪୬ ଗ୍ରାମ୍ ହେରୋଇନ୍ ଜବତ, ଜଣେ ଗିରଫ

**ତାଳଚେର,୧୧।୭/ଏନ୍‌ଏନ୍‌ଏସ୍:** ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ଡ଼େରା ନିକଟରେ ତାଳଚେର ଅବକାରୀ ବିଭାଗ ଓ କୋଲିୟରୀ ଥାନା ଅଧିକାରୀ କୌଣସି ସୂତ୍ରରୁ ଖବର ପାଇ ଡ଼େରା ଜିଏମ କଲୋନୀରେ ଅତର୍କିତ ଚଢ଼ାଉ କରି ପୁପୁଲ ସାହୁ (୨୫) ଠାରୁ ୪୬ଗ୍ରାମ ହେରୋଇନ୍ ଏକ ବାଜାଜ ମଟର ସାଇକେଲ ନଂ- ଓଡ଼ି ୩୫ଜେ-୦୦୩୧, ଏକ ମୋବାଇଲ୍ ଫୋନ୍ ଜବତ କରି ଗିରଫ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ହେରୋଇନ୍‌ର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୦ହଜାର ଟଙ୍କା ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ନିଶ୍ଚିତ ପକ୍ଷେ ଅବକାରୀ ବିଭାଗ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଯେଉଁଭଳି ଭାବେ ଏହି ମାରାତ୍ମକ ନିଶା ବ୍ୟାପି ଚାଲିଛି ଏଥିରେ ରୋକ ନଲଗାଯାଏ ତେବେ ଆଗାମୀ ଦିନରେ ଅବସ୍ଥା କ'ଣ ହେବେ ତାହା ସମୟ ହିଁ କହିବ!


**AFFIDAVIT**

By virtue of an affidavit sworn before the Executive Magistrate, Tangi, affidavit SL No-1040/dated 11.07.2025, I Miti Sethi, aged about 40yrs, W/o-Tutu Sethi, Vill-Kuanrakalipatana, Po-Damanabhumi, Ps-Jankia, Dt-Khordha, Odisha, Pin-752020 do hereby declare that I have changed my name from **Jayanti Sethi** to **Miti Sethi**. Henceforth, I shall be known as **Miti Sethi** for all purposes.

**AFFIDAVIT**

By virtue of an affidavit sworn before Notary Public, Balliguda, on dated.03.07.2025, I, Subira Digal aged about 63 year Son of Late Budunga Digal of Village/Po-Tikarbaju, P.S- Balliguda, Dist-Kandhamal, that I have changed the name of my minor son from "SHARUKHAN DIGAL " to "PHARNESH DIGAL" and henceforth he will be known as **"PHARNESH DIGAL"** for all Government and Private purpose.

**AFFIDAVIT**

By virtue of affidavit sworn before the Executive Magistrate, Talcher, dt. 03.05.2025, I, Sarosini Khatua, Address - D/o- Arun Khatua, At/Po- Gurujang, Ps- Talcher, Dist-Angul, Odisha declare that I have changed my name from Swaraswini to Sarosini Khatua. Henceforth, I shall be known as **Sarosini Khatua** for all purposes.

**Sarosini Khatua**

**AFFIDAVIT**

By virtue of affidavit sworn before the Executive Magistrate, Talcher, dt. 29.05.2025, I, Khushi Kumari Das, Address - At-Angarua, Po- Talcher, (In front of Surya filling station, Dist- Angul, Odisha-759100 declare that I have changed my name from Khushi Kumari to Khushi Kumari Das. Henceforth, I shall be known as Khushi Kumari Das for all purposes.

**Khushi Kumari Das**

i-209

**OFFICE OF THE PANCHAYAT SAMITI, SULIAPADA, MAYURBHANJ**
(At/P.O.- Suliapada ,Dist.- Mayurbhanj, Odisha,
E-Mail: ori-suliapada@nic.in)
**Advt.No: 05 / PSS /2025 Date: 10.07.2025**

Sealed tenders (Percentage rate) are invited from the interested **"C & D"** Class Contractors registered with the Govt. for execution of Civil work (**Construction of Additional Class Room (ACR) – 10 nos** ) under Panchayat Samiti, Suliapada, Mayurbhanj. The eligible criteria and the details of the tender documents which can be downloaded from **11.07.2025 to 28.07.2025** in the website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposals to the O/o: **Panchayat Samiti: Suliapada.** Proposal (s) complete in all respect should reach the undersigned on or before **29.07.2025 up-to 05.00 PM** through Regd.& Speed post and the same will be opened on **30.07.2025 at 11.00 A.M.** in the **Conference Hall of the Panchayat Samiti, Suliapada.** The undersigned reserves the right to reject any or all the tender(s) without assigning any reason thereof.

Sd/-
**Block Development Officer, Suliapada
Mayurbhanj**

OIPR-19349/11/0003/2526

**OFFICE OF THE MUNICIPAL COUNCIL : KEONJHARGARH**

No.4957 **Expression of Interest** Dt.10.07.2025

Seal EOI are invited by the undersigned from the intending Registered Architect (s)/ Developer 9s)/ Designer (s) Govt Registered Contractor (s) having past experience for doing similar nature of work and having GST registration Certificate for Preparation of MAP of Keonjhargarh Municipality with Ward Boundary, Roads, parks and Important land Marks etc required for clear –cut identification of details of Keonjhargarh Municipality with Street Maping as required by the undersigned.(Enclosed Annexure-I) The prescribed EOI papers can be obtained from the office of the Municipal Council, Keonjhargarh during office hours from date.**14.07.2025 to 23.07.2025** (expect Government Holidays) on payment of **Rs.1000/- (Rupees One thousand) only** Non-Refundable in shape of Demand Draft in any Nationalized Bank, inclusive of all taxes. The complete EOI accompanied with all relevant valid documents like-Registration Certificate if any / GST Registration Certificate/ PAN Card etc. will be received by the undersigned on or before **dt.25.07.2025 at 5.00 P.M by Registered Post/ Speed Post or by person** and same will be **opened on dt-28.07.2025 at 11.00 A.M** in presence of the Bidder(s) or their authorized representatives if present. The EOI received after the scheduled date and time will not be entertained . The undersigned will not held any responsibility for any postal delay. The rates should be quoted clearly for the item as prescribed including all taxes and the work will be completed within 15 (Fifteen) days from the date of issue of work order unfailingly. The EOI will be available in the district web.site- **https://kendujhar.odisha.gov.in.**

The authority reserves the right to reject any of all quotations without assigning any reason thereof.

**Sd/- Executive Officer,
Keonjhargarh Municipality**

OIPR-13115/11/0040/2526 C-653


# ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର 'ସଂକଳ୍ପ' ଉଦ୍‌ଯାପିତ



**ଯାଜପୁର,୧୧।୭/ଏନ୍‌ଏନ୍‌ଏସ୍:** ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର 'ସଂକଳ୍ପ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ୩୦ଟି ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ ଜୁଲାଇ ୭ରୁ ଆରମ୍ଭ ହୋଇ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲୁରହିଥିଲା। ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଉକ୍ତ ପ୍ରଶିକ୍ଷଣକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ନିରୀକ୍ଷକ କୁମାରସେନ୍ ସେନାପତି ଓ ପେଡାଗୋଜି ସଂଯୋଜକ ରାଜେଶ କୁମାର କର ମହାପତ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିରଟି ଚାଲୁ ରହିଥିଲା। ପ୍ରଶିକ୍ଷଣର ନିରୀକ୍ଷଣ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କ ଦ୍ୱାରା କରାଯାଉଥିଲା। ବିଦ୍ୟାଳୟରେ ପିଲାମାନଙ୍କୁ କିପରି ଉନ୍ନତମାନର ଶିକ୍ଷା ଦିଆ ଯାଇପାରିବ ସେଥିପାଇଁ ୧୯ଟି ମଡ୍ୟୁଲର ଧାରଣା ଦିଆଯାଇ ଥିଲା, ଯେପରି ଓଡ଼ିଶା ଶିକ୍ଷା ବ୍ୟବସ୍ଥା, ଶ୍ରେଣୀ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା, ଜାତୀୟ ଶିକ୍ଷାନୀତି -୨୦୨୦, ଭିଜନ -୨୦୨୧, ପଞ୍ଚସଖା ଶିକ୍ଷା ସେତୁର କାର୍ଯ୍ୟ, କ୍ୟାରିୟର କାଉନସିଲଙ୍ଗ ଆଦି ବିଷୟରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରା ଯାଇଥିଲା କ୍ଷ ବିଭିନ୍ନ କ୍ରିୟା କଳାପ ମାଧ୍ୟମରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପ୍ରଶିକ୍ଷଣ ନେଇଥିଲେ। ଶେଷ ଦିବସର ଅପରାହ୍ନରେ ଉକ୍ତ ପ୍ରଶିକ୍ଷଣ ଶିବିରର ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ଏବଂ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଉପସ୍ଥିତି ରହିଥିଲେ। ପ୍ରଶିକ୍ଷକ ଭାବେ ମନୋରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର କୁମାର ପତି, ଚିନ୍ମୟ କୁମାର ଧଳ, ଭଞ୍ଜନ କୁମାର ବିଶ୍ୱାଳ, ରୋଜାଲିନ ଆଇଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ପେଡାଗୋଜି ସଂଯୋଜକଙ୍କ ସହଯୋଗୀ ପ୍ରିୟମ୍ବଦା ବିଶ୍ୱାଳ ସମସ୍ତ କାର୍ଯ୍ୟକୁ ସୁଚାରୁ ରୁପେ ସମ୍ପାଦନା କରି ଥିଲେ।


CAD-1104

**Office of the District Manager** **Annexure-II**
**Odisha State Civil Supplies Corporation Ltd. (OSCSC)**
**Sundargarh (District)**
**Phone: 94382-00060**
**District Website: https://sundargarh.odisha.gov.in/**
**Tender No. 2179 Dt. 10.07.2025**

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through **ONLINE MODE ONLY** for the works below:-

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of Wheat from FSD/FCI depot to all RRCs of Sundargarh district for the biennial 2025-27. |
| 2 | Availability of bid document in the portal | From 11.07.2025 |
| 3 | Last Date / Time for receipt of bids in the portal | Dt. 25.07.2025 up-to 05:30 (PM) |
| 4 | Date/Time of Opening of Technical Bid | Level-I Transport Contractor – 29.07.2025 at 11:00 AM<br>Place: Office Chamber of ADM (General), Sundargarh |
| 5 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ Corrigendum/ Cancellation/ Re-tenders etc. if any shall be published only in above websites.

**District Manager,
OSCSC Ltd., Sundargarh**

OIPR-07017/11/0008/2526

**OFFICE OF THE MUNICIPAL COUNCIL: KHORDHA** C-649
H&UD Department, Govt. of Odisha
Khordha-752055
e-mail : khurda_municipality@yahoo.co.in
Phone No.06755-220674, Website : www.khordhamunicipality.in

No. 2276 **INVITATION FOR BID** Date : 09.07.2025

**Bid Reference No.: KMPLTY/02/2025-26**

The Executive Officer, Khordha Municipality, Khordha, Odisha invites Request for Proposal on behalf of Municipal Council Khordha for the work " Providing Consultancy services for Preparation of Comprehensive Drainage Master Plan & DPR for Storm Water Drainage System of Khordha Municipality, District Khordha, Odisha in Double Cover (Technical & Financial) from Registered & eligible firm/consultant for tendering their bids through online mode only. The bidders are advised to examine carefully all instruction in the RFP document.

| Sl No. | Name of the Work | Bid Security/EMD (Online Remitance) (Rs.) | Cost of RFP Documents (Online Remitance)(Rs.) | Assignment Period |
|---|---|---|---|---|
| 1 | Preparation of Comprehensive Drainage Master Plan & DPR for Storm Water Drainage System of Khordha Municipality, District Khordha | 1,00,000/- | 10,000/- | 6 months |

Intending bidders can participate through "Online" bidding only. The bid document can be viewed/downloaded from e-procurement portal of the state govt. https://tendersodisha.gov.in/nicgep/app from date 11.07.2025 at 11:00 AM to 30.07.2025 at 05:00 PM.

The Bid must be submitted online in the website https://tendersodisha.gov.in/nicgep/app by the eligible bidder. Bid submitted through any other modes shall not be entertained.

The Khordha Municipality reserves the sole right to accept or reject any or all proposals without assigning any reason whatsoever.

**Sd/- Executive Officer
Khordha Municipality**

OIPR-13082/11/0026/2526


## ପରିତ୍ୟକ୍ତ ପାଇଖାନାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଚାନ୍ଦୋଲ,୧୧।୭/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ମିନି ଷ୍ଟାଡିୟମ ପଛପାଖ ଏକ ପରିତ୍ୟକ୍ତ ପାଇଖାନାରୁ ଆଜି ଅପରାହ୍ନରେ ଜେଣ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ପ୍ରମୋଦ କୁମାର ସେଠୀ (୭୫) । ଏ ସମ୍ପର୍କରେ ମୃତକଙ୍କ ପରିବାର ବର୍ଗଙ୍କଠାରୁ ଖବରପାଇ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ସୁଭେନ୍ଦୁ କୁମାର ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ, ଏସ୍‌ଆଇ ସୁନିଲ କୁମାର ସେଠୀ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧାନ କରି ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ନିମନ୍ତେ ମୃତକଙ୍କ ବିଭିନ୍ନ ସାମଗ୍ରୀ ପଡ଼ିଥିବା ସ୍ଥାନକୁ ସିଲ କରିଛନ୍ତି । ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପରେ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଏଥିସହିତ ପୁଲିସ୍ ଏହାର ପାରିପାର୍ଶ୍ୱିକ ବିଭିନ୍ନ ସ୍ଥାନକୁ ଛାନ୍‌ଭିନ କରିବାରୁ ମୃତକଙ୍କ ଚପଲ, ମୋବାଇଲ, ସାର୍ଟ ଇତ୍ୟାଦି ବିଭିନ୍ନ ସ୍ଥାନରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ପରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ନିମନ୍ତେ ଘଟଣାସ୍ଥଳକୁ ସମ୍ପୂର୍ଣ୍ଣ ସିଲ୍ କରିଦେଇଥିଲେ ।


B-284

**GOVERNMENT OF ODISHA**
**"e" Procurement Notice**
**WORKS DEPARTMENT**
**Bid Identification No. CCEKC-05/2025-26**
e-mail : ccekeonjharpwdcircle@gmail.com /
sekcpwd_keonjhar@yahoo.com

Letter No. 3170 dt. 08.07.2025

| | | | |
|---|---|---|---|
| 1. | No. of the work | : | 5 number Building Works |
| 2. | Estimated cost | : | Rs. 120.46 lakh to Rs.346.90 lakhs |
| 3. | Class of contractor | : | "B" & "A" Class |
| 4. | Period of completion | : | 06 (Six) calendar months to 09 (Nine) Calendar Months |
| 5. | Date and time of availability of bid document in the portal | : | From 11.00 hours of 17.07.2025 to 16.00 hours of 31.07.2025 |
| 6. | Last date/time for receipt of bids in the portal | : | 16.00 hours of 31.07.2025 |
| 7. | Date of opening of bid from portal | : | 11.30 hours on 01.08.2025 |
| 8. | Name and address of the officer inviting bid | : | Chief Construction Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "http://tendersodisha.gov.in"

**Sd/- Chief Construction Engineer
Keonjhar (R&B) Circle, Keonjhar**

OIPR-34033/11/0082/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-1091
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୭, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୭, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା-୧୩୬ **ବିଜ୍ଞାପନ** ତା.୦୮.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ-ଇଏ.ସି-୧୩୦/୨୦, ଚନ୍ଦ୍ରଶେଖରପୁର, ୨ୟ ରୁ ୫ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତି ବାଣୀ ବନ୍ଦନା ରଥ, ସ୍ୱାମୀ-ଅନିରୁଦ୍ଧ ରଥ, ସା-ଅତଣ୍ଡା, ପୋ-ବାଲିଏରି, ଥାନା-କାନପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତି ବାଣୀ ବନ୍ଦନା ରଥ ଉକ୍ତ ଫ୍ଲାଟ ଟିକୁ ତୃତୀୟ ପକ୍ଷ ହସ୍ତାନ୍ତର ଆଧାରରେ ଶ୍ରୀ ଧ୍ରୁବେଶ୍ୱର ଦାଶ, ପିତା-ହରିହର ଦାଶ, ସା/ପୋ-ରକମା, ଥାନା-ଫତେଗଡ଼, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0731/2526

C-655

**OFFICE OF THE
MUNICIPAL COUNCIL, KEONJHARGARH**
At/P.O.-Keonjhargarh, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail:-keonjharm.hud@rediffmail.com

Letter No. 4968/KGM **QUOTATION CALL NOTICE** Date : 10.07.2025

Sealed quotations are invited from the reputed manufacturers / Suppliers/ Contractors (MV/HT Electrical License Holder) on behalf of the Executive officer, Keonjhargarh Municipality for **"Supply of Electrical items in respect of Keonjhargarh Municipality" on or before 28.07.2025 up to 05:00 P.M.**

**General Term & Condition:**

1. The quotation received after 28th July, 2025 up to 05:00 PM or unsealed shall not be entertained under any circumstances whatsoever.
2. Quotations must be in the enclosed prescribed format (**Price Bid Form**) duly signed by Vendors/ Suppliers/ Contractors or their Authorize representative having up to data dealership certificate/ License/ GST Certificate/ Pan card. In case of signing of quotation by the authorized representative, Letter of authorization must be attached with the quotation.
3. The quotationers are required to deposit paper cost **Rs.5000.00** (Rupees five thousand) only in shape of Demand Draft from any Nationalized Bank drawn in favour of Executive Officer, Keonjhargarh Municipality payable at Keonjhar along with quotation schedule.
4. The sealed main envelop duly superscribed with quotation No.__ only and containing the documents mentioned at Sl. 2 above should be dispatched through Regd. Post/ Speed Post addressed to the **Executive Officer, Keonjhargarh Municipality**, Keonjhar so as to reach his office on or before **5.30 P.M** of **Dt. 28.07.2025. Keonjhargarh Municipality** will not be held responsible for postal delay, if any, in the delivery of the documents and/or non-receipt of the same in time. **Keonjhargarh Municipality** shall also not be held responsible for any damage caused to the documents during transit & handling.
5. The quotations will be opened on dt.**29.07.2025** at 11.00 A.M in the presence of the quotationer or their authorized representatives at the chamber of Executive officer in respect of Keonjhargarh Municipality.
6. Rates must be quoted in **"Indian Rupees"** and as per the format Specified taxes extra if any must be written separately.
7. No over writing or cutting is permitted in the rate. If found, the quotation shall be summarily rejected.
8. The rates quoted **must be valid for 01 year minimum** from the date of opening of quotation.
9. L1 will be decided on the composite basis. Becoming L1 will not be the criteria for awarding of work unless the rates are reasonable & justified.
10. The selected quotationer shall be required to supply the materials in good condition within 10days, issue of purchase order, failing which the purchase order shall be liable to be cancelled.
11. The materials are to be delivered in good condition to the office of the Keonjhargarh Municipality or to the premises comes under KGM i.e. within Keonjhargarh Municipality.
12. Quotations qualified by such vouge and indefinite expressions such as "subject to prior confirmation", "subject to immediate acceptance" etc. will be treated as vague offers and rejected accordingly. Any conditional quotation shall be rejected summarily.
13. This office has the Right to increase or decrease the quantity and/or amount of work.
14. This office has reserved the Right to Reject any quotation or part or the whole of inviting quotation process without assigning any reason. Decision of the Keonjhargarh Municipality, Keonjhar will be final in this regard.
15. This quotation will be available in this office website i.e., https://www.keonjhargarhmc.in from **11.00 A.M** of **11.07.2025** for view and download.

**Special Terms & Conditions:**

1. Bidder must quote rate in Price Bid Form provided in **Annexure-A** only.

**Sd/- Executive Officer,
Keonjhargarh Municipality**

OIPR-13115/11/0042/2526

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ାପଡ଼ା
**OFFICE OF THE PANCHAYAT SAMITI, ODAPADA**
Letter No. 3451 / Dt. 07.07.2025

At/Po. Hindol Road
Dist.-Dhenkanal
State: Odisha
PIN-759019
Mail ID:ori-odapada@nic.in
Ph.No.06732-256035

**Tender Call Notice No-BDO ODAPADA/03/2025-26**

| Sl. No. | Name of the work. | Approximate value of work | Scheme | Class of contractor | Place of receipt of tender papers through Post only. | Cost of BID documents (Non-refundable(Rs.) | EMD 1 % | Period of completion in months |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Construction of Additional Classroom of Indipur Nodal UP School, GP- Indipur | Rs.13,11,943.38 | Const. of ACR of Elementary School (S&ME Deptt.) 2024-25 | D & C Class | Panchayat Samiti, Odapada | Rs.6,000 | Rs. 13,120 | 6(Six Calendar Month) |
| 2 | Construction of Additional Classroom of Sashibhusan Govt. UP School, GP- Ghatipiri | Rs.13,11,743.15 | | D & C Class | Panchayat Samiti, Odapada | Rs.6,000 | Rs. 13,120 | 6(Six Calendar Month) |

1. Total number of Work: **02 Nos**
2. Date & time of availability of the bid document in the Portal **14-07-2025 10.00 AM to 31-07-2025 5.30 PM**
3. Last date/Time of receipt of the original bid documents. **31-07-2025 5.30PM**
4. Date of seeking Clarification **02-08-2025 within office hours.**
5. Date of Opening **05-08-2025 11.00 AM**
6. Name & Address of the Office: Office of the **Block Development Officer, Odapada**

Further details can be seen from the Dhenkanal Portal https://dhenkanal.odisha.gov.in

**Sd/- Block Development Officer
Odapada**

OIPR-19419/11/0009/2526 i-204

C-648

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 296431, Email-eephangul@yahoo.in
**GOVERNMENT OF ODISHA**
**e-Procurement Notice for PH Works.**
***Bid Identification No. SE PH Division Angul- 09/ 2025-26 dt. 09.07.2025***

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 01 (one) no two bid system |
| 3. | Estimated Cost | : | **₹ 565.36 lakhs** |
| 4. | Period of completion | : | 2 (two) calendar months |
| 5. | Date & time of availability of bid document | : | From 11.00AM of 15.07.2025 to 5.00 PM of 25.07.2025 |
| 6. | Last date / time of receipt of bids in the portal | : | 5.00 PM of 25.07.2025 |
| 7. | Date & time of opening of bid | : | 11.00 AM of 28.07.2025 |
| 8. | Name & address of the Officer Inviting Bid. | : | **Superintending Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

**Superintending Engineer
P.H. Division, Angul.**

OIPR-13056/11/0021/2526

## ପ୍ରଥମ ପୃଷ୍ଠାରୁ

### ଯେତେବେଳେ ଡାକିବେ, ମୁଁ ...

ବିଜେପିର ଡବଲ୍ ଇଞ୍ଜିନ୍ ସରକାରଙ୍କ ଉପରେ ବର୍ଷିଥିଲେ। ସେ ତୀବ୍ର ସମାଲୋଚନା କରି କହିଥିଲେ, ବିଜେପି ସରକାରରେ କମ୍ପାନୀ ପ୍ରୀତି ଢେର ବଢ଼ିଛି। ଯେଉଁଠି ଆମେ ଦେଖୁଛୁ ସେଠି ଗୋଟିଏ ନାଁ ହିଁ ଦେଖିବାକୁ ମିଳୁଛି। ଓଡ଼ିଶା ହେଉ କି ଛତିଶଗଡ଼- ସବୁଠି ଗୋଟିଏ ନିର୍ଦ୍ଦିଷ୍ଟ ଗୁଜରାଟିର କମ୍ପାନୀର ନାଁ।

ଉକ୍ତ କମ୍ପାନୀ ମୋଦୀଙ୍କ ସହ ଓଡ଼ିଶାର ସରକାରଙ୍କୁ ଚଳାଉଛନ୍ତି। ଇଏ ଆପଣଙ୍କ ସରକାର ନୁହେଁ। ଇଏ କୋଟିପତି ଆଦାନୀର ସରକାର। ଯାହାଙ୍କ ଲକ୍ଷ୍ୟ କେବଳ ଆପଣଙ୍କ ଜମି, ଜଙ୍ଗଲ ଓ ଭବିଷ୍ୟତକୁ ଚୋରି କରିବା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗରେ ହେଉଛି। ସେଇ କମ୍ପାନୀ ପାଇଁ ପୁରୀରେ ରଥଯାତ୍ରା ଦିନ ଡ୍ରାମାକରି ମହାପ୍ରଭୁ ଜଗନ୍ନାଥଙ୍କ ରଥ ଅଟକାଗଲା ଓ ପରଦିନ ପୁଣି ଟଣାଗଲା। ଏହାଠାରୁ ଦୁଃଖ କ'ଣ ଥାଇପାରେ ବୋଲି ଶ୍ରୀ ଗାନ୍ଧୀ ପ୍ରକାଶ କରିଛନ୍ତି। ଚାଷୀ ଓ ଆଦିବାସୀଙ୍କ ପ୍ରସଙ୍ଗ ଉତ୍ଥାପନ କରି ରାହୁଲ କହିଛନ୍ତି ଯେ ଜଳ, ଜମି, ଜଙ୍ଗଲ ଅସୁରକ୍ଷିତ। ଆଶଙ୍କାରେ ଆଦାବିସୀ। ଆଦିବାସୀ, ଚାଷୀ, ଗରିବ ଯାହା ଉପରେ ସରକାର ଅତ୍ୟାଚାର କରୁଛନ୍ତି। ଆପଣଙ୍କ ଧନ, ଜନ, ଭୂମି ଲୁଟ୍ ହେବାରେ ଲାଗିଛି। କ୍ଷତିପୂରଣ ନଦେଇ ଡରାଉଛନ୍ତି, ଧମକ ଦେଉଛନ୍ତି ଏବଂ ମିଛ ପ୍ରତିଶ୍ରୁତି ଦେଇ ଭଣ୍ଡାଉଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତ ଯାଇ ମୁଁ ଚାଷୀ, ଗରିବ, ମହିଳାଙ୍କୁ ଭେଟିଛି ଏବଂ ସେମାନଙ୍କ ଦୁଃଖ ଶୁଣିଛି। ପେସା ଆକ୍ଟ ଲାଗୁ ହେଉନାହିଁ।

ଆଦିବାସୀଙ୍କୁ ନ ପଚାରି ଜମି ଛଡ଼ାଇ ନିଆଯାଉଛି। ସେମାନଙ୍କୁ ମିଳୁନାହିଁ ସ୍ଥାୟୀ ପଟ୍ଟା। କଂଗ୍ରେସ ଦଳ ପେସା ଆଇନ ଆଣିଛି, ଆଦିବାସୀ ବିଲ୍ ଆଣିଛି। କ୍ଷମତାକୁ ଆସିଲେ ସେଇ ଆଇନ ଆମେ ଲାଗୁକରି ଆଦିବାସୀଙ୍କୁ ସେମାନଙ୍କ ହକ୍ ଦେବୁ। ଆଉ ଆଦିବାସୀଙ୍କୁ ପଟ୍ଟା ଆପଣଙ୍କୁ କଂଗ୍ରେସ ହିଁ ଦେବ ବୋଲି ରାହୁଲ ପ୍ରକାଶ କରିଛନ୍ତି। ମହିଳା ଅସୁରକ୍ଷିତ କଥା କହି ସରକାରଙ୍କୁ ଘେରିଛନ୍ତି ରାହୁଲ। ସେ କହିଛନ୍ତି ଓଡ଼ିଶାରେ ୪୦ ହଜାରରୁ ଅଧିକ ମହିଳା ଗାଏବ ହୋଇ ଯାଇଛନ୍ତି। ଆଜି ଯାଏ କାହାକୁ ଜଣା ନାହିଁ ସେମାନେ କୁଆଡ଼େ ଗଲେ। ମହିଳାଙ୍କ ବିରୋଧରେ ଅତ୍ୟାଚାର ହେଉଛି, ଗଣଦୁଷ୍କର୍ମ ହେଉଛି। ପ୍ରତିଦିନ ୧୫ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ହେଲେ ଆପଣଙ୍କ ସରକାରକୁ ଏଥିରେ କିଛି ନେଣଦେଣ ନାହିଁ। ବିଜେପି ପୂରା ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି ବୋଲି ଅଭିଯୋଗ କରି ରାହୁଲ କହିଛନ୍ତି ଯେ ମହାରାଷ୍ଟ୍ର ଭଳି ବିହାରରେ ନିର୍ବାଚନ କେଲେଙ୍କାରୀ ହୋଇଛି। ଆଉ ଏଥିପାଇଁ ନିର୍ବାଚନ କମିସନ ନୂଆ ଷଡ଼ଯନ୍ତ୍ର ରଚିଛନ୍ତି। ନିଜ କାମ ଛାଡ଼ି ସେ ଦଳ କାମ କରୁଛନ୍ତି।

ମହାରାଷ୍ଟ୍ରରେ ବିଧାନସଭା ଓ ଲୋକସଭା ନିର୍ବାଚନ ଭିତରେ ଏକ କୋଟି ନୂଆ ଭୋଟର ଉପୁମାନରୁ ଆସିଗଲେ। ଆଜି ଯାଏ କେହି ଜାଣିନାହାନ୍ତି ସେ ଭୋଟର୍ କେଉଁଠୁ ଆସିଲେ। ଆମେ ନିର୍ବାଚନ କମିସନଙ୍କୁ ଭୋଟର୍ ଲିଷ୍ଟ ମାଗି ସାରିଛୁ। ଆଉ ଏହି କେଲେଙ୍କାରୀ ଏବେ ବାକି ରାଜ୍ୟରେ କରିବାକୁ ଯୋଜନା ଚାଲିଛି ବୋଲି ଅଭିଯୋଗ କରିଛନ୍ତି ରାହୁଲ। ଶେଷରେ ରାହୁଲ କହିଛନ୍ତି, ଡବଲ୍ ଇଞ୍ଜିନ୍ ସରକାର ଆପଣଙ୍କ ରକ୍ତ ପିଉଛନ୍ତି। ବିକାଶ ଆରବପତିଙ୍କ ପାଇଁ ନୁହେଁ, ବିକାଶ ଓଡ଼ିଶା ଜନତାଙ୍କ ପାଇଁ ହେବା ଜରୁରୀ। କଂଗ୍ରେସ ଲୋକଙ୍କ ସୁଖ ଦୁଃଖରେ ଛିଡ଼ା ହୋଇଛି, ଭବିଷ୍ୟତରେ ବି ଛିଡ଼ା ହେବ। ମୁଁ ନିଜେ ବି ଛିଡ଼ା ହେବି। ଏଥିପାଇଁ ଆମେ ଏଠାକୁ ଆସିଛୁ, ଆପଣଙ୍କ ସହ ଛିଡ଼ା ହୋଇଛି। ଯେତେବେଳେ ଡାକିବେ ମୁଁ ପୁଣି ଆସିବି ବୋଲି ପୁଣି ରାହୁଲ ନିଜ ପ୍ରତିଶ୍ରୁତିକୁ ଦୋହରାଇଛନ୍ତି। ଉକ୍ତ 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେହିପରି କଂଗ୍ରେସର ବହୁ ବରିଷ୍ଠ ନେତା ଯୋଗଦେଇ ନିଜ ନିଜର ମନ୍ତବ୍ୟ ଦେଇଥିଲେ।

ଉଲ୍ଲେଖନୀୟ ଯେ ଡ୍ରାଇଭର୍ ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁଁ କଂଗ୍ରେସ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଏଥିପାଇଁ ସମାବେଶ ଦିନ ଆନ୍ଦୋଳନ ସ୍ଥଗିତ ସହ ସହଯୋଗ ପାଇଁ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ଅପିଲ୍ କରିଥିଲେ। ଡ୍ରାଇଭର୍ ସଂଘର ସହଯୋଗ ଜରୁରୀ ବୋଲି ସେ କହିବା ପରେ ସେମାନେ ସହଯୋଗର ହାତ ବଢ଼ାଇ ଥିଲେ। ଫଳରେ ସାରା ରାଜ୍ୟରୁ ହଜାର ହଜାର କଂଗ୍ରେସ ନେତା ଓ କର୍ମୀ ଉକ୍ତ ସମାବେଶରେ ଯୋଗଦେଇ ପାରିଛନ୍ତି।

### ପ୍ରେମୀଯୁଗଳଙ୍କୁ ହଳ ...

ପରେ ପ୍ରେମୀଯୁଗଳଙ୍କ ପତ୍ତା ମିଳୁନାହିଁ। ଏ ନେଇ ଗାଁର କେହି ମୁହଁ ଖୋଲୁନାହାଁନ୍ତି। ଏହି ଘଟଣାଟି କିଛିଦିନ ପୂର୍ବରୁ ଘଟିଥିବା ଜଣାପଡ଼ିଛି। ପ୍ରକାଶ ଯେ, କଞ୍ଚାମଯୋଡ଼ି ଗ୍ରାମର ଯୁବକ କୋଡ଼ିୟା ସାରକା(୨୮) ଓ ତାଙ୍କ ଦୂର ସମ୍ପର୍କୀୟ ପିଉସୀ ଉଭୟ ପରସ୍ପରକୁ ଦୀର୍ଘଦିନରୁ ପ୍ରେମ କରୁଥିଲେ। ଉଭୟ ବିବାହ ପାଇଁ ଯୋଜନା କରି ଫେରାର୍ ହୋଇଯାଇଥିଲେ। ହେଲେ ଏହି ବିଷୟ ଜାଣିବା ପରେ ପରିବାରବର୍ଗ ଏଥିରେ ସମ୍ମତି ଦେଇନଥିଲେ। ପରେ ଗାଁର ଲୋକେ ପ୍ରେମୀଯୁଗଳଙ୍କୁ ଖୋଜିବାକୁ ଯାଇ ନିକଟସ୍ଥ ଏକ ଜଙ୍ଗଲରେ ପାଇ ଗାଁକୁ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗ୍ରାମରେ କଙ୍ଗାରୁକୋର୍ଟ ବସି ଏନେଇ ଦଣ୍ଡବିଧାନ ହୋଇଥିଲା। ଦଣ୍ଡ ପ୍ରଦାନ ପୂର୍ବରୁ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗ୍ରାମର ଲୋକଙ୍କ ଉପସ୍ଥିତିରେ ପ୍ରେମୀଯୁଗଳଙ୍କୁ ଗ୍ରାମ ସନ୍ନିକଟ ଏକ ଚାଷଜମିକୁ ନିଆଯାଇଥିଲା। ଦୁହିଁଙ୍କୁ ନୂଆ ଲଙ୍ଗଳ ଓ ଜୁଆଳିରେ ବଳଦ ବଦଳରେ ଯୋଚି ଜମିରେ ହଳ କରାଇ ଦଣ୍ଡ ଦିଆଯାଇଥିଲା। ଏହି ସମୟରେ ହଳ କରୁଥିବା ବ୍ୟକ୍ତି ଜଣକ ଏକ ଲମ୍ବା ପାଞ୍ଚଣ ଧରି ପ୍ରେମୀଯୁଗଳଙ୍କୁ ପିଟୁଥିବାର ଭିଡିଓ ମଧ୍ୟ ଉତ୍ତୋଳନ କରାଯାଇଥିଲା। ଏହି ଘଟଣା ସମ୍ପୂର୍ଣ୍ଣ ଭାବେ ମାନବାଧିକାର ଉଲ୍ଲଙ୍ଘନ କରୁଛି ଏବଂ ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ପରିବର୍ତ୍ତେ ଏଭଳି ଦଣ୍ଡବିଧାନ କେତେ ଦୂର ଗ୍ରହଣୀୟ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ କଲ୍ୟାଣସିଂହପୁର ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଘଟଣା ପରଠାରୁ ପ୍ରେମୀଯୁଗଳ ଗାଁରେ ନଥିବା ଜଣାପଡ଼ିଛି। ସେମାନେ କେଉଁଆଡ଼େ ଫେରାର୍ ହୋଇଯାଇଛନ୍ତି କି ସେମାନଙ୍କ ସହିତ ଅନ୍ୟ କିଛି ଘଟିଛି ତାହା ବର୍ତ୍ତମାନ ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ରାୟଗଡ଼ା ଉପଜିଲ୍ଲାପାଳ।

### ୧୪ରେ ଫେରିବେ ଶୁଭାଂଶୁ ...

ଅନ୍‌ଡକିଂ ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ରହିଛି, ଯାହାକି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଟେକ୍ସାସସ୍ଥିତ ମହାକାଶ କମ୍ପାନୀ ହ୍ୟୁଷ୍ଟନ୍ ସ୍ପେସ୍ ଦ୍ୱାରା ପରିଚାଳିତ ଏହି ଐତିହାସିକ ମହାକାଶ ଅଭିଯାନରେ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହ ଆମେରିକାର ବରିଷ୍ଠ ମହାକାଶଚାରୀ ପେଗି ହ୍ୱିଟସନ୍ (କମାଣ୍ଡର୍), ପୋଲାଣ୍ଡର ମିଶନ ବିଶେଷଜ୍ଞ ସାଓସ୍ ଉଜନାସ୍କି ଓ୍ୱିସନିଓ୍ୱସ୍କି ଓ ହଙ୍ଗେରୀର ଚତୁର୍ଥ ମିସନ ବିଶେଷଜ୍ଞ ଟିବୋର୍ କାପୁ ମଧ୍ୟ ରହିଛନ୍ତି। ଏହି ୪ଜଣିଆ ମହାକାଶଚାରୀଙ୍କ ଦଳ ଜୁନ୍ ୨୫ରେ ସ୍ପେସ୍ ଏକ୍ସର 'ଡ୍ରାଗନ ଗ୍ରେସ୍' କ୍ୟାପସୁଲ୍ ବା ଏକ ଫାଲକନ୍ ରକେଟ୍‌ରେ ଆଇଏସ୍ଏସ୍ ଅଭିମୁଖେ ଯାତ୍ରା କରିଥିଲେ। ୨୬ ତାରିଖରେ ଏହି ମହାକାଶଯାନ ଆଇଏସ୍ଏସ୍ ସହ ସଫଳ ଡକିଂ କରିଥିଲା। ମିଶନ୍ ପାଇଁ ୧୪ ଦିନିଆ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ଶୁଭାଂଶୁଙ୍କ ଟିମ୍ ୨୭ ଜୁନ୍‌ରୁ ବୈଜ୍ଞାନିକ ପରୀକ୍ଷଣ ଆରମ୍ଭ କରିଥିଲା। ଏମାନଙ୍କୁ ସେଠାରେ ପୂର୍ବରୁ ନିୟୋଜିତ ଥିବା ଏକ୍ସପେଡିସନ୍ ୭୩'ର ସଦସ୍ୟ ବୈଜ୍ଞାନିକମାନେ ସହଯୋଗ କରିଥିଲେ। ରିପୋର୍ଟ ଅନୁସାରେ ଶୁଭାଂଶୁ ଶୁକ୍ଲା ଆଇଏସ୍ଏସ୍‌ରେ ଭାରତ ପକ୍ଷରୁ ୭ଟି ମାଇକ୍ରୋଗ୍ରାଭିଟି ପରୀକ୍ଷଣ କରୁଛନ୍ତି। ଏହା ବ୍ୟତୀତ, ସେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ ନାସାର ମିଳିତ ସହଭାଗୀତାରେ ୫ଟି ପରୀକ୍ଷଣ ମଧ୍ୟ କରୁଛନ୍ତି। ଦଶମ ଦିନରେ, ସେ ସ୍ପ୍ରାଉଟ୍ସ ପ୍ରୋଜେକ୍ଟରେ କାମ କରିଥିଲେ।

### ଭାଗନେବେ ୧୫୦ରୁ ଉର୍ଦ୍ଧ୍ୱ ...

କ୍ରୀଡ଼ାବିତ୍‌ଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଓ୍ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ (ବ୍ରୋଞ୍ଜ ଲେଭଲ୍) ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯିବ ବୋଲି ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ୍ ସନ୍ଦୀପ ମେହତା ମତପ୍ରକାଶ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ଟ୍ରେଜେରର୍ ବି.ଇ ଷ୍ଟେନ୍‌ଲି ଜୋନ୍ସ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନର ଅଭାବୀ ବିକ୍ରି ନେଇ ଚାଷୀଙ୍କ ରାସ୍ତା ଅବରୋଧ



କଣାସ,୧୧।୭/ଏନ୍ଏନ୍ଏସ୍: ରାଜ୍ୟ ସରକାର ଚାଷୀମାନଙ୍କଠାରୁ ଉତ୍ତମ ଦରରେ ଧାନ କିଣି ନେବେ ବୋଲି ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବାବେଳେ ଚାଷୀମାନଙ୍କଠାରୁ ଧାନମଣ୍ଡିରେ ମିଲରମାନେ ନଉଠାଇବା ଯେଉଁ ଉଠାଉଛନ୍ତି ସେଥିରେ ଅଧିକ ପରିମାଣରେ କଟିନ ଛଟିନ କରୁଛନ୍ତି। କଣାସ ବ୍ଲକର ଚାଷୀମାନେ ଏ ନେଇ ଅସନ୍ତୋଷ ବ୍ୟକ୍ତ କରି ଆଜି ନୂଆ ଜଗନ୍ନାଥ ସଡ଼କର ବିଜିପୁର ବଜାର ନିକଟରେ ଚାରି ଚକିଆ ଗାଡ଼ି ଉପରେ ଧାନବସ୍ତା ରଖି ଗଣ ଆନ୍ଦୋଳନ କରିଛନ୍ତି। ସେମାନେ ରାସ୍ତାରେ ବସି ରହିଥିବାରୁ ଦୀର୍ଘ ସମୟ ଧରି ଜଗନ୍ନାଥ ସଡ଼କରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ବିଜେଡି ଯୁବ ସଭାପତି ବସନ୍ତ ଜେନା, ବଡାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ ବିଜୁ ଜନତା ଦଳର ସତ୍ୟବାଦୀ ଓ କଣାସ ବ୍ଲକର ଅନେକ ଲୋକପ୍ରତିନିଧି ଓ କର୍ମୀ ଉପସ୍ଥିତ ରହିଥିଲେ। କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଓ ଏଡିଏମ୍ ଶରତ ଚନ୍ଦ୍ର ବେହେରା କଣାସ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିବା ସହିତ ଖୁବ୍ ଶୀଘ୍ର ଏହାର ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

## ଯୁକ୍ତିତର୍କରୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

କଣ୍ଟିଲୋ,୧୧।୭/ଏନ୍ଏନ୍ଏସ୍: ଗତକାଲି ଖଣ୍ଡପଡ଼ା ବ୍ଲକ ବଡ଼ ବାଣପୁର ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡି ମୌଜା ଛକରେ କିଛି ସାଙ୍ଗସାଥୀ ଭୋଜି କରୁଥିବାବେଳେ ଯୁକ୍ତିତର୍କରୁ ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ କୁମୁଣ୍ଡି ଛକରେ ସାଙ୍ଗମାନେ ଭୋଜି କରୁଥିବା ବେଳେ ବଡ଼ ବାଣପୁର ମୌଜାର ମନୋଜ କୁମାର ପ୍ରଧାନ ଓରଫ୍ ମନ ଓ ସୁମନ୍ତ ପ୍ରଧାନ ଓରଫ୍ ସିପୁ ସେଠାକୁ ଯାଇ ନିରଞ୍ଜନ ନାୟକଙ୍କ କୌଣସି ଘଟଣାକୁ ନେଇ ଯୁକ୍ତିତର୍କ କରିଥିଲେ। ପରେ ବନ୍ଧୁକ ଦେଖେଇ ତାଙ୍କୁ ମାରିବା ପାଇଁ ଧମକ ଦେଇଥିଲେ। ଏ ନେଇ ଶ୍ରୀ ନାୟକ କଣ୍ଟିଲୋ ଫାଣ୍ଡିରେ ଏତଲା ଦାୟର କରିଥିଲେ। ଏତଲା ଅନୁଯାୟୀ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ସଦଳବଳେ ଘଟଣାସ୍ଥଳକୁ ଯାଇ ମନୋଜ ଓ ସୁମନ୍ତଙ୍କୁ ଗିରଫ କରିଥିଲେ। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନା ଅଧିକାରୀଙ୍କୁ ଅବଗତ କରିବା ପରେ ଖଣ୍ଡପଡ଼ା ଏସଡିପିଓ ତଦନ୍ତ କରି ଗୋଟିଏ ଦେଶୀ ପିସ୍ତଲ ଜବତ କରି କେସ୍ ନଂ ୧୮୪/୨୫ ରେ ଉଭୟଙ୍କୁ ଖଣ୍ଡପଡ଼ା ଚାଲାଣ କରିଥିବା ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କଠାରୁ ସୂଚନା ମିଳିଛି।

## ଖଣ୍ଡପଡ଼ା ଉପକାରାଗାର ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ




ଖଣ୍ଡପଡ଼ା,୧୧।୭/ଏନ୍ଏନ୍ଏସ୍: ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଖଣ୍ଡପଡ଼ା ଉପକାରାଗାରଟି ନୟାଗଡ ଜିଲ୍ଲା କାରାଗାର ସହ ମିଶ୍ରଣ ହେବ। ସରକାରଙ୍କ ଏ ସମ୍ପର୍କିତ ନିଷ୍ପତ୍ତିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଖଣ୍ଡପଡ଼ା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ରାଜ୍ୟ ସରକାର ତୁରନ୍ତ ଏଭଳି ନିଷ୍ପତ୍ତିରୁ ଓହରିଯିବାକୁ ଦାବି କରିଛନ୍ତି। ଖଣ୍ଡପଡ଼ା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଦାବି କରିଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଭବାନୀଶଙ୍କର ସିଂହସାମନ୍ତ, ସତ୍ୟ ନାରାୟଣ ସୁରଜଗଦେବ, କାଉନସିଲର ସରୋଜ ପ୍ରଧାନ ଓ ନାରୀନେତ୍ରୀ ସୁପ୍ରିୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖଣ୍ଡପଡ଼ା ଉପକାରାଗାର ସ୍ଥାନାନ୍ତର ପ୍ରକ୍ରିୟା ତୁରନ୍ତ ବନ୍ଦ ନହେଲେ ଆଗାମୀ ଦିନରେ କ୍ରିୟାନୁଷ୍ଠାନ କମିଟି ରାଜ ରାସ୍ତାକୁ ଓହ୍ଲାଇ ହରତାଳ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ କମିଟିର ସଦସ୍ୟମାନେ ମତ ଦେଇଥିଲେ। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା।

## ବାଚସ୍ପତିଙ୍କ ନିର୍ଦ୍ଦେଶ ପରେ ଖୋଲିଲା କୃଷି ଅଫିସ୍




ଓଡ଼ଗାଁ,୧୧।୭/ଏନ୍ଏନ୍ଏସ୍: ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳରେ ବନ୍ଦଥିବା କୃଷି କାର୍ଯ୍ୟାଳୟ ଖୋଲିବାକୁ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ।ଏହା ପରେ କୃଷି ଅଫିସ ଶରଣକୁଳ କାର୍ଯ୍ୟାଳୟ ଖୋଲିଥିବା ଜଣାପଡ଼ିଛି। ଶରଣକୁଳ କୃଷି କାର୍ଯ୍ୟାଳୟ ଦୀର୍ଘ ବର୍ଷ ଧରି ଜଙ୍ଗଲ ପାଲଟି ଯାଇଥିବାବେଳେ ଏବେ ସପ୍ତାହର ମଙ୍ଗଳବାର ଦିନ କୃଷି କର୍ମଚାରୀମାନେ ବସି ଚାଷୀଙ୍କ ସୁବିଧା ବୁଝିବେ ଓ ଆଉ ଗୋଟିଏ ଦିନ ଖୋଲିବାର ବ୍ୟବସ୍ଥା କରିବାକୁ ବ୍ଲକ୍ କୃଷି ଅଧିକାରୀ ପ୍ରତିଭା ପ୍ରଧାନ ସୂଚନା ଦେଇଛନ୍ତି। ଯେ ପର୍ଯ୍ୟନ୍ତ ପୁରୁଣା କୃଷି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇନି ସେ ପର୍ଯ୍ୟନ୍ତ ଶରଣକୁଳ ପଞ୍ଚାୟତ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଚାଲିବ ବୋଲି ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ, ଓଡ଼ଗାଁ ବ୍ଲକ୍ ରଣପୁର ନିର୍ବାଚନ ମଣ୍ଡଳୀର ୧୮ଟି ପଞ୍ଚାୟତର ଚାଷୀ ଓଡ଼ଗାଁ କୃଷି କାର୍ଯ୍ୟାଳୟକୁ ଆସି ହଇରାଣ ହେଉଥିଲେ। ଚାଷୀ ଅଫିସ ଆସି କାହାକୁ ଭେଟି ପାରୁନଥିବା ବେଳେ ବାରମ୍ବାର ଫେରି ଯାଉଥିଲେ। ଏବେ ସେ ସମସ୍ୟା ଦୂର ହୋଇଛି। କୃଷି ବିଭାଗ ପକ୍ଷରୁ ଶରଣକୁଳରେ ଥିବା କୃଷି କାର୍ଯ୍ୟାଳୟକୁ ପୁନରୁଦ୍ଧାର କରି ସେବା ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ଉଠିଛି।

## ଯନ୍ତ୍ରୀଙ୍କୁ ପଦୋନ୍ନତି ଓ ଜିଲ୍ଲାସ୍ତରୀୟ ବଦଳି

ନୟାଗଡ଼,୧୧।୭/ଏନ୍ଏନ୍ଏସ୍: ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କୁ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇ ସେମାନଙ୍କୁ ବଦଳି କରାଯାଇଛି। ରଣପୁର ବ୍ଲକରେ ବନ୍ଦିତା ବଳିୟାରସିଂ, ବିଶ୍ୱରଞ୍ଜନ ପଟ୍ଟନାୟକ, ରଶ୍ମିକାନ୍ତ ପଟ୍ଟନାୟକଙ୍କୁ ବଦଳି କରାଯାଇଛି। ସେହିଭଳି ଓଡ଼ଗାଁ ବ୍ଲକରେ ସୁମିତ୍ରା ନାୟକ, ଚନ୍ଦନ ତରାଇ ଓ ସରୋଜିନୀ ବେହେରାଙ୍କୁ ଅବସ୍ଥାପିତ କରାଯାଇଥିବା ବେଳେ ନୟାଗଡ଼ ବ୍ଲକରେ ଜ୍ୟୋତିଶ୍ରୀ ସୁବୁଦ୍ଧି, ମୋନାଲିସା ଶତପଥୀ ଓ ସୁଦୀପ ଲେଙ୍କାକୁ ଅବସ୍ଥାପିତ କରାଯାଇଛି। ମନୋଜ ବେହେରାଙ୍କୁ ଖଣ୍ଡପଡ଼ା ବ୍ଲକକୁ ବଦଳି କରାଯାଇଥିବା ବେଳେ ପୁଷ୍ପାଞ୍ଜଳି ମୁର୍ମୁଙ୍କୁ ଗଣିଆ ବ୍ଲକ ବଦଳି କରାଯାଇଛି।

## କାଉଡ଼ିଆ ସେବା ପାଇଁ ପ୍ରସ୍ତୁତି



ଫୁଲନଖରା,୧୧।୭/ଏନ୍ଏନ୍ଏସ୍: କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ କୁଶକଣ୍ଠାଠାରେ କାଉଡ଼ିଆ ସେବା କେନ୍ଦ୍ର ଆରମ୍ଭ ହେବ। ଆରାଧ୍ୟା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଏହି କେନ୍ଦ୍ରରେ ସମସ୍ତ କାଉଡ଼ିଆ ଭକ୍ତଙ୍କୁ ଜଳପାନ ଓ ପ୍ରସାଦ ସେବନ ସହିତ ଅନ୍ୟାନ୍ୟ ସେବା ଯୋଗାଇଦିଆଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟି ଅଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ବିଜୟରାମ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ତଥା ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ସୁନ୍ଦର ପ୍ରଭାତ ଦାସ, ଚନ୍ଦ୍ରମଣି ପ୍ରଧାନ, ଅଶ୍ୱିନୀ ମହାପାତ୍ର, ପ୍ରତାପକେଶରୀ ପାତ୍ର, ଅଜୟ କୁମାର ଦାଶ, ଇଂ. ସେବକ ଶ୍ରୀକାନ୍ତ ଓ ପରିଚାଳନା ଟ୍ରଷ୍ଟି ନିର୍ମଳା ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସୁପରିଚାଳନା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ରାକେଶ କୁମାର ହୋତା, ମହେଶ୍ୱର ପାତ୍ର, ଆଦିତ୍ୟ ଛୋଟରାୟ ଏବଂ ସସ୍ମିତା ସାହୁ ଉପସ୍ଥିତ ଥିଲେ।

## ଫୁଟିଲା ବ୍ରହ୍ମକମଳ



ଚାରିଛକ,୧୧।୭/ଏନ୍ଏନ୍ଏସ୍: ନିମାପଡ଼ା ବ୍ଲକ ତୁଳସୀପୁର ବ୍ରାହ୍ମଣ ଶାସନ ଗ୍ରାମର ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ଅଗଣାରେ ଗତକାଲି ରାତିରେ ୪ଟି ବିରଳ ବ୍ରହ୍ମକମଳ ଫୁଲ ଫୁଟିଥିଲା। ସେହି ଫୁଲକୁ ପରିବାରର ଲୋକେ ଗ୍ରାମରେ ପୂଜା ପାଉଥିବା ଜଗନ୍ନାଥଙ୍କ ମନ୍ଦିରରେ ଅର୍ପଣ କରିଥିଲେ। ସେହିପରି ତୁଳସୀପୁର ମହାଜନ ସାହିର ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ବାରିରେ ୨ଟି ବ୍ରହ୍ମ କମଳ ଫୁଲ ଫୁଟିଥିଲା। ସେହି ଫୁଲକୁ ପରିବାରର ଲୋକେ ଗ୍ରାମରେ ପୂଜା ପାଉଥିବା ବାସୁଦେବ ଓ ରାଧାକୃଷ୍ଣଙ୍କୁ ଲାଗି କରିଥିଲେ।

## ଓଡ଼ଗାଁ ସାମ୍ବାଦିକ ସଂଘର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ



ଓଡ଼ଗାଁ,୧୧।୭/ଏନ୍ଏନ୍ଏସ୍: ଓଡ଼ଗାଁ ସାମ୍ବାଦିକ ସଂଘର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ୧୧ ଜୁଲାଇ ୨୦୨୧ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ଗାଁ ସାମ୍ବାଦିକ ସଂଘକୁ ଆଜକୁ ୪ବର୍ଷ ପୂରଣ ହେଲା। ଓଡ଼ଗାଁ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପସ୍ଥିତିରେ ସ୍ଥାୟୀ ସଭାପତି ଅଶୋକ କୁମାର ମହାପାତ୍ର, ସମ୍ପାଦକ ଗଣେଶ୍ୱର ସାହୁ ଓ କୋଷାଧକ୍ଷ ସାରସ କୁମାର ମିଶ୍ର ମିଳିତ ଭାବରେ କେକ୍ କାଟିଥିବାବେଳେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ପରିଡ଼ା, ଫକୀର ମୋହନ ମହାରଣା, ସୁନୀଲ କୁମାର ପଟ୍ଟନାୟକ, ଦୀନବନ୍ଧୁ ମହାପାତ୍ର, ରିପନ କୁମାର ପଣ୍ଡା, ଜୟକୃଷ୍ଣ ସାହୁ, ସୁରେନ୍ଦ୍ର କୁମାର ତ୍ରିପାଠୀ, ମଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସଂଗଠନ ସମୟର ସ୍ମୃତିକୁ ରୋମନ୍ଥନକରି ବରିଷ୍ଠ ସାମ୍ବାଦିକମାନେ ନିଜନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରକାଶ ଥାଉ କି ଓଡ଼ଗାଁ ସାମ୍ବାଦିକମାନଙ୍କ ଆଲୋଚନା ଓ ବୈଠକପାଇଁ ଏକ ସୁନ୍ଦର କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ ହୋଇଛି। ସେଥିପାଇଁ ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଓ ତତ୍କାଳୀନ ବିଡିଓ ସନ୍ତୋଷ କୁମାର ଜେନାଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରାଯାଇଥିଲା।

## ସର୍ପାଘାତରେ ଛାତ୍ର ମୃତ

ମାହାଙ୍ଗା,୧୧।୭/ଏନ୍ଏନ୍ଏସ୍: ମାହାଙ୍ଗା ଥାନା ଓଷଙ୍ଗ ପଞ୍ଚାୟତ ସ୍ଥିତ କଉଡୁକୋଲା ଗ୍ରାମ ତଥା ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ଅଷ୍ଟମ ଶ୍ରେଣୀ ଛାତ୍ର ତଥା ମହେନ୍ଦ୍ର ମଲିକଙ୍କ ପୁତ୍ର ରାଜକୁମାର ମଲିକ (୧୩)ଙ୍କ ସର୍ପ ଦଂଶନରେ ମୃତ୍ୟୁ ହୋଇଛି। ପ୍ରକାଶ ଯେ ଗତ ଗୁରୁବାର ରାତିରେ ରାଜକିଶୋର ଶୋଇଥିବା ସମୟରେ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ଜାଣିବା ପରେ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ଏବଂ ବିଦ୍ୟାଳୟରେ ଗଭୀର ଶୋକ ପ୍ରକାଶ ପାଇଛି।

# ପୌର ପ୍ରଶାସନର ଭୁଲ୍ ପାଇଁ ଗ୍ରାଚ୍ୟୁଇଟି ଟଙ୍କା ହରାଇବେ ସଫେଇ କର୍ମଚାରୀ

ଜଟଣୀ,୧୧।୭/ଏନ୍ଏନ୍ଏସ୍: ଅଜବ ନିୟମରେ ବନ୍ଧା ଜଟଣୀ ପୌର ପରିଷଦ। ଦୋଷ କରିବ ପୌରପ୍ରଶାସନ, ଦଣ୍ଡ ଭୋଗିବ ଜଣେ ନିରୀହ ସ୍ଥାୟୀ ନିଯୁକ୍ତି ସଫେଇ କର୍ମଚାରୀ। ଏପରି ଏକ ଅଜବ ଘଟଣା ଘଟିଛି ଜଟଣୀ ପୌର ପ୍ରଶାସନ କାର୍ଯ୍ୟାଳୟରେ। ସୂଚନା ମୁତାବକ କେଦାର ନାୟକ ନାମକ ଜଣେ ସ୍ଥାୟୀ ନିଯୁକ୍ତି ସଫେଇ କର୍ମଚାରୀ ବିଗତ ୧୯୬୪ ଜୁଲାଇ ୭ ତାରିଖରୁ ଆଜି ପର୍ଯ୍ୟନ୍ତ ଅର୍ଥାତ ଗତ ୭ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଥିଲେ। ହଠାତ ଗତ ୮ ତାରିଖ ଦିନ ପୌରପରିଷଦ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ସଫେଇ କର୍ମଚାରୀ କେଦାର ନାୟକଙ୍କ ହସ୍ତଗତ ହୋଇଛି। ଏହି ଚିଠିରେ ଉଲ୍ଲେଖ ଅଛି ଯେ ସେ ୧୯୬୪ ଜୁଲାଇ ୭ ତାରିଖର କାର୍ଯ୍ୟ କରି ୨୦୨୪ ଜୁଲାଇ ୩୧ ତାରିଖରେ ଅବସର ଗ୍ରହଣ କରିସାରିଛନ୍ତି। ସେ ଅବସର ଗ୍ରହଣ ପରେ ଆଜି ପର୍ଯ୍ୟନ୍ତ ୧୧ ମାସ କାର୍ଯ୍ୟ କରି ପାଇଥିବା ଦରମାର ଅର୍ଥକୁ ତାଙ୍କ ଗ୍ରାଚ୍ୟୁଇଟିରୁ କାଟିଦିଆଯିବ ବୋଲି ଉଲ୍ଲେଖ ରହିଛି। ଏହା ଜାଣି ହତବାକ ହୋଇଛନ୍ତି ନିରୀହ ଦିବ୍ୟାଙ୍ଗ ଅସହାୟ କେଦାର ନାୟକ। ଏଠି ପ୍ରଶ୍ନ ଉଠେ ଜଣେ ସ୍ଥାୟୀ କର୍ମଚାରୀଙ୍କ ଅବସର କାଳୀନ ସମୟ କେବେ ତାହା କାର୍ଯ୍ୟାଳୟର ସ୍ଥାୟୀ ନିଯୁକ୍ତି ବିଭାଗ ଜାଣିପାରିଲା ନାହିଁ କିପରି। ଅବସର ଗ୍ରହଣର ୧୧ ମାସ ପରେ ନୋଟିସ୍ ଜାରି କରୁଛି ପୌରପ୍ରଶାସନ। ଏଠି ଭୁଲ କାହାର ପୌର ପ୍ରଶାସନର ନା କର୍ମଚାରୀର। ଭୁଲ କରିବ ଜଣେ ଦଣ୍ଡ ଭୋଗିବ ଜଣେ। ଯଦି ସେ ଅବସର ଗ୍ରହଣ କରିଛନ୍ତି ତାହା ହେଲେ ସେ କିପରି ଉପସ୍ଥାନ ଖାତାରେ ଦସ୍ତଖତ କରି ୧୧ ମାସ ଚାକିରୀ କରିଛନ୍ତି ଏବଂ ଟଙ୍କା ଦରମା ବ୍ୟାଙ୍କ ଖାତାକୁ ଆସୁଥିଲା କିପରି। ପୌର ପରିଷଦର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ ମଣି



ପଟ୍ଟଯୋଶୀ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୨୦୨୫ ମାର୍ଚ୍ଚ ୨୪ ତାରିଖରେ ଭିଜିଲାନ୍ସ ଜାଲରେ ପଡି ଜେଲ୍ ଯିବା ପରେ ସେହି ସ୍ଥାନରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରିଣୀ ରୂପେ ଜଟଣୀ ବ୍ଲକର ବିଡ଼ିଓ ରଶ୍ମିତା ନାଥ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଜଣେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରିଣୀ ନୋଟିସ ନ ପଢ଼ି କିପରି ଦସ୍ତଖତ କରିଦେଲେ। ବର୍ତ୍ତମାନର ଏହି କାର୍ଯ୍ୟ ପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୌର ପରିଷଦର ଉଚ୍ଚ ପଦସ୍ଥ ଅଧିକାରୀମାନେ ଯଦି ଏହାର କୌଣସି ନିରପକ୍ଷ ତଦନ୍ତ ନ କରି ନିରୀହ ସଫେଇ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ନ କରନ୍ତି ତେବେ ଜଟଣୀ ଜନସାଧାରଣ ଏହାର ପ୍ରତିବାଦ ସ୍ୱରୂପ ଆଇନର ଆଶ୍ରୟ ନେବା ସଙ୍ଗେ ସଙ୍ଗେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାଇଛନ୍ତି।



ଏକ କୃତ୍ୟ ଦ୍ୱାରା କୌଣସି ହୃଦୟକୁ ଖୁସି ଦେବା, ପ୍ରାର୍ଥନାରେ ନତମସ୍ତକ ହୋଇଥିବା ହଜାର ହଜାର ଶିର ଅପେକ୍ଷା ଉତ୍କୃଷ୍ଟ ବୋଲି ମୁଁ ଭାବେ। - ଗାନ୍ଧୀ ବାଣୀ



## ଜଣା ଅଜଣା



### ଆମ ରାଷ୍ଟ୍ରପତି

୧. ୨୦୨୨ ଜୁନ ୨୫ ତାରିଖରେ ଦ୍ରୌପଦୀ ମୁର୍ମୁ ଦେଶର ପଞ୍ଚଦଶ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିଥିଲେ।
୨. ଶ୍ରୀମତୀ ମୁର୍ମୁ ହେଉଛନ୍ତି ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି।
୩. ସେ ମଧ୍ୟ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି।
୪. ସେ ହେଉଛନ୍ତି ଦେଶର ସର୍ବ କନିଷ୍ଠ ରାଷ୍ଟ୍ରପତି, ୨୦୨୨ ଜୁନରେ ଶପଥ ଗ୍ରହଣ କରିବାବେଳେ ତାଙ୍କର ବୟସ ହୋଇଥିଲା ୬୪ ବର୍ଷ।
୫. ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜନ୍ମ ହୋଇଥିବା ଦେଶର ପ୍ରଥମ ରାଷ୍ଟ୍ରପତି ହେଉଛନ୍ତି ଦ୍ରୌପଦୀ ମୁର୍ମୁ। ୧୯୫୮ ମସିହା ଜୁନ୍ ୨୦ ତାରିଖରେ ସେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳର ଉପରବେଡ଼ା ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ।
୬. ସେ ରାମନାଥ କୋବିନ୍ଦଙ୍କ ସ୍ଥାନରେ ରାଷ୍ଟ୍ରପତି ପଦବୀ ଗ୍ରହଣ କରିଛନ୍ତି।
୭. ଦ୍ରୌପଦୀ ମୁର୍ମୁ ୨୦୧୫ ରୁ ୨୦୨୧ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ରୂପେ ଦାୟିତ୍ୱ ତୁଲାଇ ଥିଲେ। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶାର ମନ୍ତ୍ରୀ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ।

## କ'ଣ, କେମିତି, କାହିଁକି ?

# ଠିଆ ଠିଆ ନିଦ ଯାଏ ଘୋଡ଼ା





ରାଧାଶ୍ୟାମ ମହାନ୍ତି

ଘୋଡ଼ା ଆଣ୍ଠୁ ଭାଙ୍ଗି ପେଟ ମାଡ଼ି ଶୋଇବା କମ୍ ଦେଖାଯାଏ। କିନ୍ତୁ ସେ ଅଧିକାଂଶ ସମୟରେ ଠିଆ ଠିଆ ନିଦ ଯାଏ। ଏହା କିପରି ସମ୍ଭବ ହୁଏ ?
ଏ ସଂପର୍କରେ ଆମେରିକାର ଜଣେ ବରିଷ୍ଠ ପଶୁବିଶେଷଜ୍ଞ ଡକ୍ଟର କ୍ୟାଥେରାଇନ୍ ଏ. ହୋଉଷ୍ଟ କୁହନ୍ତି ଯେ, ଘୋଡ଼ା ଠିଆ ହୋଇଥିବା ଅବସ୍ଥାରେ ମଧ ଢୁଲାଇପାରେ। ଏମିତିରେ ତା'ର ତନ୍ଦ୍ରା ଅନେକାଂଶରେ ଦୂର ହୋଇଯାଏ। ମାତ୍ର ଆଣ୍ଠୁଭାଙ୍ଗି ଭୂଇଁରେ ଗଡ଼ି ପଡ଼ିଲେ ତାକୁ ଗାଢ଼ ନିଦ ହୋଇଥାଏ, ଯାହାକୁ 'ର୍ୟାପିଡ୍ ଆଇ ମୁଭମେଣ୍ଟ' (REM) ଅବସ୍ଥା ବୋଲି ବୈଜ୍ଞାନିକମାନେ କୁହନ୍ତି।
ଘୋଡ଼ା ଆଣ୍ଠୁଭାଙ୍ଗି ଶୋଇଗଲେ ତା'ର ପେଶୀ ସମୂହ ଓ ଅସ୍ଥି ସମୂହର ସଂଯୋଗକାରୀ ସ୍ନାୟୁ ରଜ୍ଜୁ ସଠିକ୍ କାର୍ଯ୍ୟ କରେ ନାହିଁ। କିନ୍ତୁ ଠିଆ ଠିଆ ନିଦ ଗଲେ ତା'ର ଆଣ୍ଠୁ ଉପରେ ହିଁ ଏସବୁର ଚାପ ରହିଯାଏ। ହୋଉଷ୍ଟ ବିଜ୍ଞାନାଗାରରେ ଗବେଷଣା କରି ସେ ଏହା ଜାଣିପାରିଛନ୍ତି। ଜଙ୍ଗଲୀ ଘୋଡ଼ା ଆଣ୍ଠୁ ମାଡ଼ି ଶୋଇବା ବେଶୀ ଦେଖାଯାଏ ନାହିଁ। ଏପରିକି କେତେକ ଶୋଇବା ସମୟରେ ଆଉ କେତୋଟି ଘୋଡ଼ା ସେମାନଙ୍କ ପାଖରେ ଜଗିବା ଭଳି ଛିଡ଼ା ହୋଇ ରହିବା ଦେଖାଯାଏ।

## ପଶୁପକ୍ଷୀ କାହାଣୀ

# ମା ଗାଳି ଅମୃତ ସମାନ



ପ୍ରଭାତ କୁମାର ମହାପାତ୍ର

ଢୋଲକପୁର ଜଙ୍ଗଲରେ ସିଂହ ରାଜା ରୁସ୍ତମ୍ ନିଜ ପତ୍ନୀ ରୂପା, ଦୁଇ ପିଲା ଚିକା ଆଉ ମିକା ସହ ଖୁବ୍ ଖୁସିରେ ରହୁଥିଲେ। ଚିକା ଆଉ ମିକା ଦୁଇ ଭାଇଙ୍କର କିନ୍ତୁ ଗୋଟିଏ ଖରାପ ଅଭ୍ୟାସ ଥିଲା। ସେମାନେ ନିଜ ମା'ଙ୍କ କଥା କେବେ ବି ଶୁଣୁ ନ ଥିଲେ। ମାଆ ଆକଟ କଲେ ଦୁହେଁ ରାଗି ଯାଇ ଘରର ସବୁ ଜିନିଷ ଭଙ୍ଗାଭଙ୍ଗି କରି ଦେଉଥିଲେ। ଏକଥା ଯେତେବେଳେ ବାପା ରୁସ୍ତମ ସିଂହ ଜାଣି ପାରିଲା ସେ ଦୁଇ ପିଲାଙ୍କୁ ପାଖକୁ ଡାକି ବୁଝାଇବାକୁ ଚେଷ୍ଟା କଲା, ଆରେ ପିଲା ମାନେ, ମାଆର କଥାକୁ କେବେ ବି ଖରାପ ଭାବିବା ଉଚିତ୍ ନୁହେଁ। ମା' ଯାହା ବି କୁହେ, ତୁମମାନଙ୍କ ଭଲ ପାଇଁ ହିଁ କହିଥାଏ।
ଚିକା ବାପା କଥା ଶୁଣି ପ୍ରଥମେ କହିବା ଆରମ୍ଭ କଲା, ବାପା! ମୁଁ ସେସବୁ କଥା ମାନିବି ନାହିଁ, ଯେତେବେଳେ ଦେଖିବ ମା' ଆମ ମାନଙ୍କୁ କ'ଣ ନା କ'ଣ କହି ଗାଳି କରୁଛି! ଚିକା କଥା ନ ସରୁଣୁ ମିକା ଝଟ କରି କହିବାକୁ ଆରମ୍ଭ କଲା, ହଁ ହଁ ବାପା! ଭାଇ ଠିକ୍ କଥା କହୁଛି। ମା' ପାଖରେ ଆମକୁ ଗାଳି କରିବା ଛଡ଼ା ଆଉ କିଛି କାମ ହିଁ ନାହିଁ! ଖାଦ୍ୟ ଡେରିରେ ଖାଇଲେ ଗାଳି, ଟିଭି ବେଶୀ ସମୟ ଦେଖିଲେ ଗାଳି, ପାଠ ଟିକିଏ ନ ପଢ଼ିଲେ ଗାଳି, ଖେଳନା ଭାଙ୍ଗି ଗଲେ ଗାଳି, ସକାଳୁ ଡେରିରେ ଉଠିଲେ ଗାଳି...!
ଆଚ୍ଛା! କହିଲ ଦେଖି ପିଲାମାନେ! ତୁମମାନଙ୍କୁ ସିଲା ହାତୀ କେମିତି ଲାଗେ! ଚିକା ଚଟ କରି କହିଲା, କିଏ ଆମ ସୀଲା ଦାଦା! ସେ ତ ଖୁବ୍ ଭଲ ତଥା ବୁଦ୍ଧିମାନ ବି! ତାଙ୍କ ସାଙ୍ଗରେ କଥା ହେବା, ଖେଳିବାକୁ ଆମକୁ ଖୁବ୍ ଭଲ ଲାଗେ ଆଉ ହଁ...ସେ ଭଲ ପଢାନ୍ତି ମଧ୍ୟ। ସେତେବେଳେ ରୁସ୍ତମ୍ ସିଂହ ପୁଣି କହିବାକୁ ଲାଗିଲା, ମୋଟୀ ମାଙ୍କଡ଼ କେମିତି ଲାଗେ? ମୋଟୀ ମାଙ୍କଡ଼ ସେ ତ ଗୋଟେ ରାକ୍ଷସ। ଯେତେବେଳେ ଦେଖିଲେ ସମସ୍ତଙ୍କୁ ହଇରାଣ କରିବା ତାର ନିତିଦିନିଆ କାମ। ଦିନେ ମୁଁ ବସି ଜୁସ୍ ପିଉଥିବା ବେଳେ ପଛ ପଟୁ ଧୀରେ ଲୁଚି ଆସି ମୋ ଜୁସ ନେଇ ଚାଲିଗଲା। ହଁ ବାପା! ମୋଟି ମାଙ୍କଡ଼ ମୋ ସାଙ୍ଗରେ ବି ଏମିତି କେତେ ଥର କରିଛି! ତୁମେ ନୂଆ ଜଙ୍ଗଲରୁ ମୋ ପାଇଁ ଯେଉଁ ବଢ଼ିଆ ଚଷମା ଗୋଟିଏ ଆଣି ଦେଇଥିଲ ସେଇଟା ବି ସେ ନେଇ ଯାଇଛି। କଥା ଶୁଣି ରୁସ୍ତମ୍ ସିଂହ ପିଲାମାନଙ୍କୁ କହିବାକୁ ଲାଗିଲେ, ତୁମ ମା' ତୁମକୁ ଏଇଥି ପାଇଁ ହିଁ ଗାଳି କରନ୍ତି ଯେମିତି ତୁମେ ଦୁଇ ଜଣ ବଡ଼ ହେଲେ ସିଲା ହାତୀ ଭଳି ବୁଦ୍ଧିମାନ ହେବ କିନ୍ତୁ ମୋଟି ମାଙ୍କଡ଼ ଭଳି ନୁହେଁ।
ବାପାଙ୍କ କଥା ଦୁଇ ପିଲାଙ୍କୁ ଖୁବ୍ ମନକୁ ପାଇଲା। ଦୁଇ ପିଲା ଚିକା ଆଉ ମିକା ଧଡ଼ କରି ଉଠି ଯାଇ ମା' ପାଖରେ ଯାଇ ଗେଲ ହେବାକୁ ଲାଗିଲେ ଏବଂ ଦୁଇ ଜଣ ଯାକ କହିଲେ, ମା! ଆମକୁ କ୍ଷମା କରି ଦେବ। ଆମେ ମୋଟି ମାଙ୍କଡ଼ ଭଳି ହେବାକୁ ଚାହୁଁନାହୁଁ। ଆଜିଠାରୁ ଆମେ ଦୁହେଁ ତୁମ କଥା ସବୁ ଶୁଣିବୁ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ**
**ମୋ: ୭୮୯୪୦୦୫୪୫୫**



# କରିବୁ ଭଲ କାମ



ଅଶୋକ କୁମାର ପ୍ରଧାନ

ଏଇ ମରତେ ଜନମି ଅଛୁ
ଆମେରେ ଯେତେ ଶିଶୁ
ରଙ୍ଗରେ କିଏ କଳା ବା ଗୋରା
ଶ୍ୟାମଳ କିଏ ଦିଶୁ।
ଦେହର ରଙ୍ଗ ହେଉ ଯେପରି
ମନ ଆମରି ଏକ
ଭଲ କରମ କରିକି ଆମେବ
ରଖିବୁ ଦେଶ ଟେକ।
ଆମରି ପାଖେ ଜାତି ଧରମ
ବାଛ ବିଚାର ନାହିଁ
ଦେହର ରଙ୍ଗ ପାଇଁ କି ଆମେ
ଦୁଃଖ କରିବୁ କାହିଁ ?
ଆମରି ପାଖେ ଭରି ରହିଛି
କେତେ ଯେ ଭଲ ଗୁଣ
ରାଗ ରୋଷଠୁ ଆମେ ତ ଦୂରେ
ନାହିଁ ଆମଠି ଖୁଣ।
ଜଗତ ଜନେ ଆମକୁ ଦେଖି
କହନ୍ତି ଛୋଟ ବୋଲି
ରଖିଥା ଜାଣି ଆମରି ଖ୍ୟାତି
ଦିନେ ତ ଦେବୁ ଖୋଲି।
କରିଛୁ ପଣ ସଭିଏଁ ଆମେ
ପଢ଼ିବୁ ଭଲ ପାଠ
ଜଗତ ସାରା ଲୋକଙ୍କୁ ଆମେ
ଦେବୁରେ ନୂଆ ବାଟ।
ଫୁଲ ପରିକା ଆମରି ଯଶ
ଚହଟି ଯିବ ମହୀ
ମନ ଲଗାଇ କାମ କରିବୁ
ଯିବୁନି ତିଳେ ରହି।
ଗାନ୍ଧୀ ଗୋପଙ୍କ ସନ୍ତାନ ଆମେ
ସୁଭାଷ ନୀତି ଆମ
ଜଗତ ହିତେ ଆମରେ ସଦା
କରିବୁ ଭଲ କାମ।

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ,
**ରୋହିଗା, ଗଞ୍ଜାମ**
**ମୋ: ୮୨୪୯୧୧୯୧୩୦**

# କଳା ଠାକୁର



ଦୀନବନ୍ଧୁ କର

କଳା ଠାକୁର କଳା ଠାକୁର
ତୋ' ପରି କେହି ନାହିଁ,
ଶିରୀକ୍ଷେତରେ ତୋହର ଘର
ତୁହି ଜଗତ ସାଇଁ।
ଭକତ ଦୁଃଖେ ଝରାଉ ଲୁହ
ଭକତ ପ୍ରାଣ ଧନ,
ଭକତ ସୁଖେ ହସୁରେ ତୁହି
ଭକତ ପାଶେ ମନ।
ବାଡ଼ି ନଡ଼ିଆ ଦାସିଆ ଦେଲା
ନେଲୁତୁ ହାତ ପାତି
ଭକତି ଡୋରେ ବନ୍ଧାରେ ତୁହି
ଆରେ କାଳିଆ ହାତୀ।
ବଳରାମଙ୍କ ବାଲି ରଥରେ
ବିଜେ କରିଲୁ ଯାଇ
ବଡ଼ ଦାଣ୍ଡରେ ରଥ ତୋହର
ଟିପେ ଗଡ଼ିଲା ନାହିଁ।
ସାଲବେଗକୁ ଅପେକ୍ଷା କଲୁ
ନନ୍ଦିଘୋଷରେ ରହି
ରଥ ଉପରେ ଦର୍ଶନ ଦେଲୁ
ତୁହିରେ ଦୟା ବହି।
'ଜୟ ଦେବ'ର 'ଗୀତ ଗୋବିନ୍ଦ'
ପୂରଣ କଲୁ ତୁହି
ନିଇତି ସଞ୍ଜେ ତୋ' ପାଖେ ବସି
ପଢ଼େ ସରାଗେ ମୁହିଁ।
ପିନ୍ଧାଏ ତୋତେ ତୁଳସୀ ମାଳା
ଭକତି ଭରେ ଆଣି
ଦୋଷ ମୋ' କେବେ ଧରିବୁ ନାହିଁ
ମୋ ମନ କଥା ଜାଣି।

**ନୀଳାଦେଇ ପୁର, ଧର୍ମଶାଳା, ଯାଜପୁର**
**ମୋ: ୯୧୭୮୧୩୫୬୨୮**

# ବଗିଚା ସଜାଅ



ପ୍ରଦୀପ୍ତ ଭାନୁ ମହାନ୍ତି

ଆସିଲା ବରଷା ମାସ
ଲଗାଇବା ଆମେ ଗଛ
କୁନା, କୁନି, ଝୁନି
ଆସ ହୋଇ ଆଗପଛ।
କୋଡ଼ି କୋଦାଳ ଧରି
ହାଣିବା ବଗିଚା ମାଟି
ଦେବା ଫଳଗଛ ପୋତି
ପାଣି ଦେବା ପୁଣି ଛାଟି।
ଆସିଲା ବରଷା ମାସ
ଲଗାଅରେ ସବୁ ଚାରା
ଫୁଲ ଫୁଟି ଯିବ ଯେବେ
ମନ ହେବ ଖୁସି ଭରା।
ପରିବେଶ ସଫା ରଖି
ଗଛରତ ଯତ୍ନ ନିଅ
ଫଳ ଧୀରେ ଧୀରେ ତୋଳି
ନିଜେ ଖାଇ, ବାଣ୍ଟି ଦିଅ।

**ପତଙ୍ଗ କାର୍ଯ୍ୟାଳୟ ପାଖ, ବରଗଡ଼**
**ମୋ: ୭୩୭୭୫୬୭୮୯୭**

## ଗପ

# ବୁଦ୍ଧିମାନ ଶିକ୍ଷକ



ଲଳିତ ମୋହନ ମିଶ୍ର

ଥରେ ଗୋଟିଏ ଜାହାଜରେ ଜଣେ ଶିକ୍ଷକ, ପୋଲିସ ଅଧିକାରୀ ଓ ଜଣେ ବ୍ୟାଙ୍କ କର୍ମଚାରୀ ଯାତ୍ରା କରୁଥିଲେ। ଜାହାଜଟି ସମୁଦ୍ରର ମଧ୍ୟଭାଗରେ ପହଞ୍ଚିବା ପରେ ସେମାନଙ୍କ ସମ୍ମୁଖରେ ଏକ ସମୁଦ୍ର ରାକ୍ଷସ ଉପସ୍ଥିତ ହୋଇଗଲା ଏବଂ ତିନି ଜଣଙ୍କୁ ଖାଇବାକୁ ଅଟ୍ଟ ହାସ୍ୟ କଲା। ସମସ୍ତେ ଡରିଗଲେ କିନ୍ତୁ ସେମାନେ ରାକ୍ଷସ ସମ୍ମୁଖରେ ଏକ ସର୍ତ୍ତ ରଖିଲେ। କହିଲେ ଯଦି ତୁମେ ଆମର ସର୍ତ୍ତ ପୂରଣ କରି ଦେବ, ତେବେ ତୁମେ ଆମକୁ ଖାଇପାରିବ। ଯଦି ତୁମେ ଆମର ସର୍ତ୍ତ ପୂରଣ କରି ପାରିବ ନାହିଁ, ତେବେ ଆମର ଦାସତ୍ୱ ଗ୍ରହଣ କରିବ।
ରାକ୍ଷସ ତିନି ଜଣଙ୍କ ସର୍ତ୍ତ ପୂରଣ କରିବାକୁ ସମ୍ମତି ପ୍ରଦାନ କଲା। ତୁମର ସର୍ତ୍ତ କ'ଣ ? ପ୍ରଥମେ ବ୍ୟାଙ୍କ କର୍ମଚାରୀ ତାଙ୍କର ସୁନା ମୁଦିଟିକୁ ବାହାର କରି ସମୁଦ୍ରରେ ଫିଙ୍ଗି ଦେଲେ ଏବଂ କହିଲେ ଏହାକୁ ଧରି ଆଣ। କିଛି ସମୟ ପରେ ମୁଦିଟି ସମୁଦ୍ରରେ ବୁଡ଼ିଗଲା। ରାକ୍ଷସ ତାହାକୁ ଫେରାଇ ଆଣି ସର୍ତ୍ତ ଅନୁଯାୟୀ ବ୍ୟାଙ୍କ କର୍ମଚାରୀଙ୍କୁ ଦେଲା ଏବଂ ତାଙ୍କୁ ଧରି ନେଲା। ଏହା ପରେ ପୋଲିସ ଅଧିକାରୀ ତାଙ୍କର ମହଙ୍ଗା ଘଣ୍ଟାକୁ ପାଣିରେ ଫିଙ୍ଗି ଦେଲେ। ରାକ୍ଷସ ମଧ୍ୟ ସମୁଦ୍ରକୁ ଡେଇଁ ପଡି ତାହାକୁ ଫେରାଇ ଆଣିଲା। ତା'ପରେ ପୋଲିସ ଅଧିକାରୀଙ୍କୁ ଧରିନେଲା। ଏବେ ଶିକ୍ଷକଙ୍କ ପାଳି। ଶିକ୍ଷକ କିଛି ସମୟ ଭାବିବା ପରେ, ସେ ଏକ ପାଣି ବୋତଲ ଧରିଥିଲେ ତାହାର ଠିପି ଖୋଲି ସମୁଦ୍ରକୁ ଫିଙ୍ଗି ଦେଲେ। ରାକ୍ଷସକୁ କହିଲେ ଏବେ ତୁମେ ମୋର ସେହି ପାଣି ଆଣିଦିଅ। ସମୁଦ୍ରରେ ତ ମଧୁର ପାଣି ମିଶିଗଲା। ରାକ୍ଷସ ମଧୁର ପାଣି ଆଣିବାରେ ବିଫଳ ହେଲା। ନିଜର ପରାଜୟ ମଣି ତାଙ୍କର ଦାସତ୍ୱ ହେବାକୁ ରାଜି ହେଲା।



ଶିକ୍ଷକ ଦୁଇ ବନ୍ଧୁଙ୍କୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଲେ। ରାକ୍ଷସ ମଧ୍ୟ ତାଙ୍କର ଦୁଇ ବନ୍ଧୁଙ୍କ ଫେରାଇ ଦେଲା। ଶିକ୍ଷକ ରାକ୍ଷସକୁ କହିଲେ, ଯଦି ତୁମେ ଭବିଷ୍ୟତରେ ଏହିପରି ଅନ୍ୟର କ୍ଷତି ନ କର, ତେବେ ମୁଁ ତୁମକୁ ଦାସତ୍ୱରୁ ମୁକ୍ତ କରିଦେବି। ରାକ୍ଷସ ଏପରି ନ କରିବାକୁ ପ୍ରତିଜ୍ଞା କଲା ଏବଂ ସମୁଦ୍ରକୁ ଡେଇଁ ପଡ଼ିଲା। ଯଥାର୍ଥରେ ଜଣେ ଶିକ୍ଷକ ହେଉଛନ୍ତି ସିଏ, ଯିଏ ଭଲ ଭାବରେ ଚିନ୍ତା କରନ୍ତି ଏବଂ ସମସ୍ୟାର ସମାଧାନର ବାଟ ଖୋଜନ୍ତି।

**ଅରବିନ୍ଦ ନଗର, ନୟାଗଡ଼**
**ମୋ: ୯୪୩୭୯୮୫୮୬୬**

## ମିଛ ଲାଗିଲେ ବି ସତ

# ପୁୟା ରେମଣ୍ଡି



ଫୁଲଟିର ନାମ ପୁୟା ରେମଣ୍ଡି। ପେରୁ ଓ ବଲିଭିଆର ଆଣ୍ଡେସ ପର୍ବତମାଳାରେ ଏହ ଫୁଲଟିକୁ ଦେଖିବାକୁ ମିଳିଥାଏ। ଫୁଲଗଛଟି ୮୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହେ ଏବଂ ଜୀବନ କାଳ ମଧ୍ୟରେ ସେଥିରେ ଥରେ ମାତ୍ର ଫୁଲ ଫୁଟେ। ଏହି ଗଛର ଉଚ୍ଚତା ପାଖାପାଖି ୪୦ ଫୁଟ। କିନ୍ତୁ ବେଳେବେଳେ କେତେକ ଗଛ ୫୦ ଫୁଟ ପର୍ଯ୍ୟନ୍ତ ଡେଙ୍ଗା ହୋଇଥାଏ। ଗଛଟିର ମୂଳରୁ ୩ ଫୁଟରୁ ପ୍ରାୟ ୬ଫୁଟ ୬ଇଞ୍ଚ ଉଚ୍ଚ ପର୍ଯ୍ୟନ୍ତ ଗହଳିଆ ଲମ୍ବା ଲମ୍ବା ପତ୍ରରେ ଭର୍ତ୍ତି। ଏହା ଗୋଲାକାର ଭାବେ ଚାରିପଟକୁ ବେଢ଼ି ରହିଥାଏ। ତା ଉପର ଅଂଶ ନଡ଼ିଆ ବା ତାଳ ଗଛର ଗଣ୍ଡି ଭଳି। କିନ୍ତୁ ଅଗ୍ରଭାଗ ସରୁ ହୋଇଥାଏ। ଏହି ଗଣ୍ଡି ବା କାଣ୍ଡରେ ହିଁ ଖୁନ୍ଦି ହୋଇ ଫୁଟିଥାଏ ଅନେକ ଫୁଲ। ଏହା କୁଇନ ଅଫ ଆଣ୍ଡେସ ବା ଆଣ୍ଡେସ ପର୍ବତମାଳାର ରାଣୀ ରୂପେ ପରିଚିତ। ଗଣ୍ଡିର ଉଚ୍ଚତା ୧୬ ଫୁଟରୁ ୨୬ ଫୁଟ ମଧ୍ୟରେ। ଗଣ୍ଡିରେ ୧୦ ହଜାରରୁ ୨୦ ହଜାର ଫୁଲ ରହିଥାଏ। ଆଣ୍ଡେସ ପର୍ବତମାଳାର ଅତି କମ୍‌ରେ ୨୪୦୦୦ ମିଟର ଉପରେ ହିଁ ଏହି ଫୁଲ ଦେଖିବାକୁ ମିଳେ।

## ତୁମ ପାଇଁ ବହି





### ସରଗଶଶୀ

ମୁଖ୍ୟ ସଂପାଦକ: ଦେବରାଜ ସାମନ୍ତରାୟ
ସଂପାଦକ: ପ୍ରଶାନ୍ତ କୁମାର ଦାଶ
ଠିକଣା: କୁଂଜର, ପିପିଲି, ଜି: ପୁରୀ
ମୂଲ୍ୟ: ୫୦ ଟଙ୍କା

ଏହା ଏକ ଶିଶୁକିଶୋର ପତ୍ରିକା। ସବୁଥର ଭଳି ଏସଂଖ୍ୟାର ଅଂଗସଜା ବେଶ୍ ସୁନ୍ଦର ଓ ଆକର୍ଷଣୀୟ। ରାଜ୍ୟର ପ୍ରତିଷ୍ଠିତ ଲେଖକମାନଙ୍କ ସୁନିର୍ବାଚିତ ଲେଖାରେ ପତ୍ରିକାଟି ସମୃଦ୍ଧ ଓ ମନଛୁଆଁ ହୋଇପାରିଛି। ଏହାକୁ ସବୁଦିଗରୁ ଆକର୍ଷଣୀୟ କରିବା ଲାଗି ସଂପାଦକଙ୍କ ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ପତ୍ରିକାଟି ପାଠକପାଠିକାଙ୍କ ମନକୁ ନିଶ୍ଚୟ ଛୁଇଁବ।


## କୁନାକୁନିଙ୍କ ଚିତ୍ର







ଭାଗ୍ୟଶ୍ରୀ ମାନବି ମିଶ୍ର
କ୍ଲାସ୍-୬,
ସିଦ୍ଧାର୍ଥ ପବ୍ଲିକ ସ୍କୁଲ,
ବରଗଡ଼



ସ୍ୱଦିତା ଦିବ୍ୟରାଣୀ
କ୍ଲାସ-୪,
ଡିଏଭି ପବ୍ଲିକ୍ ସ୍କୁଲ,
ପୋଖରୀପୁଟ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ଚିକିତ୍ସା ଅଭାବରୁ ଆବାସିକ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ମାମଲା

# ରାଜ୍ୟ ସରକାରଙ୍କୁ ନୋଟିସ୍

**କଟକ,୧୧।୭/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ଏକ ସରକାରୀ ଆବାସିକ ବିଦ୍ୟାଳୟରେ ଚିକିତ୍ସା ଅଭାବରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ମାମଲାରେ ରାଜ୍ୟ ମାନବାଧିକାର ଆୟୁକ୍ତ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆବେଦନକାରୀ ଆଇନଜୀବୀ ପ୍ରବୀର୍ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି କମିଶନ ରାଜ୍ୟ ସରକାରଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କମିଶନ ଆଦେଶ ଦେଇଛନ୍ତି। କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ଏକ ସରକାରୀ ଆବାସିକ ବିଦ୍ୟାଳୟରେ ୭ ବର୍ଷୀୟା ଛାତ୍ରୀ ମିତା ମଲ୍ଲିକ ଗତ ୨୦୨୪ ମସିହା ଜୁନ୍ ୨୫ ତାରିଖରେ ସେହି ବିଦ୍ୟାଳୟରେ ଅନୁଷ୍ଠିତ ଏକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବାର ଜଣାପଡ଼ିଥିଲା। କିନ୍ତୁ ଅସୁସ୍ଥ ମିତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇନଥିଲା। ପରଦିନ ତାଙ୍କ ଶରୀରର ଉତ୍ତାପ ଅହେତୁକ ବୃଦ୍ଧି ପାଇବା ହେତୁ ତାଙ୍କୁ ବାଲିଗଡ଼ା ହସ୍ପିଟାଲ୍‌କୁ ନିଆଯାଇଥିଲା ଏବଂ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ତରଫରୁ ପିଏ, ଆଇଟିଡିଏ , ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଯୁଗ୍ମ ତଦନ୍ତ ହୋଇଥିଲା। ତଦନ୍ତ ପରେ ସଂପୃକ୍ତ ବିଦ୍ୟାଳୟର ଛାତ୍ରାବାସର ସହାୟକ ତତ୍ତ୍ୱାବଧାରକ ଅସୁସ୍ଥ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌କୁ ପଠାଇନଥିବାରୁ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଛାତ୍ରୀଜଣକ ମ୍ୟାଲେରିଆରେ ପୀଡ଼ିତ ବୋଲି ଜାଣି ସୁଦ୍ଧା ହସ୍ପିଟାଲ୍ ନେବାକୁ ସୁପାରିସ କରିନଥିବାରୁ ସେମାନେ ଅବହେଳା କରିଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ଆବେଦନକାରୀ ରାଜ୍ୟ ମାନବାଧିକାର ଆୟୁକ୍ତରେ ମାମଲା ରୁଜୁ କରିଥିଲେ।

## ସମ୍ବିଧାନ ବଞ୍ଚାଅ ସମାବେଶରେ କଟକ ସଦରରୁ ଯୋଗ ଦେଲେ ହଜାରରୁ ଊର୍ଦ୍ଧ୍ୱ କର୍ମୀ



**କଟକ,୧୧।୭/ଏନ୍ଏନ୍ଏସ୍:** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ବରମୁଣ୍ଡାଠାରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲ ଗାନ୍ଧୀ ଓ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକା ର୍ଜୁନ ଖାର୍ଗେଙ୍କ ଆଗମନ ଯୋଗୁ ଉତ୍ସାହିତ ହୋଇ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀରୁ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିବା ଜଣାପଡ଼ିଛି। କଟକ ସଦର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ କଟକ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ଶିଶିର ରଥ, ରାଜେଶ ସ୍ୱାଇଁ, ମନୋଜ କୁମାର ବିଶ୍ୱାଳ, ମୁଖ୍ୟ ମୁଖପାତ୍ର ମାନସ କୁମାର ପରିଡ଼ା, କଟକ ସଦର ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରି ସଭାପତି ସୀତାକାନ୍ତ ପଣ୍ଡା, ଜିଲ୍ଲା କଂଗ୍ରେସ ସମ୍ପାଦକ ନିହାର ରଞ୍ଜନ ନନ୍ଦ, ନିର୍ମଳ ଚନ୍ଦ୍ର ସ୍ୱାଇଁ, ରଜନୀକାନ୍ତ ବସ୍ତିଆ, ଶରତ ଚନ୍ଦ୍ର ଦାସ, ଆଲମାସ୍ ରାଗିବ, ରଷି କାଣ୍ଡି, ଖମାନିଧି ପୂଜାରୀ, ବିଭୂତି ଦ୍ୱିବେଦୀ, ରମେଶ ଚନ୍ଦ୍ର ବେହେରା, ମହମ୍ମଦ କାସିମ, ଇଲୁ ସିଂହ, ବିପିନ ପଶାୟତ, ବାବାଜୀ ସାମନ୍ତରାୟ, କାର୍ତ୍ତିକ ମହାନ୍ତି, ଦିଲୀପ କୁମାର ସାମଲ, ଜୟନାରାୟଣ ତ୍ରିପାଠୀ,ତାହିର ବେଗ,କୃଷ୍ଣ ଚନ୍ଦ୍ର ଭୋଇ,ପୁନାନନ୍ଦ ଭୋଇ ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ।

## ବଜ୍ରପାତ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ

**କଟକ,୧୧।୭/ଏନ୍ଏନ୍ଏସ୍:** ବଜ୍ରପାତରୁ ଜନସାଧାରଣଙ୍କୁ ସୁରକ୍ଷା ତଥା ଏଥି ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ସମସ୍ତ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଶୁକ୍ରବାର ଅପରାହ୍ଣରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଅଧ୍ୟକ୍ଷ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା



କର୍ତ୍ତୃପକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥ ଜିଲ୍ଲାର ସହରାଞ୍ଚଳ ଏବଂ ସମସ୍ତ ବ୍ଲକ ଅଞ୍ଚଳ ପରିକ୍ରମା କରି ଜନସାଧାରଣ ବଜ୍ରପାତ ସମୟରେ ପଦକ୍ଷେପ ସ୍ୱରୂପ କିପରି ସୁରକ୍ଷିତ ରହିପାରିବେ ସେ ସମ୍ବନ୍ଧୀୟ ସଚେତନତା ବାର୍ତ୍ତାମାନ ପ୍ରଦାନ କରିବ । ପ୍ରକାଶ ଥାଉକି ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା କମ୍ କରିବା ଉପରେ ସୂଚନା ପ୍ରଦର୍ଶନୀ, ଅଡିଓ-ଭିଜୁଆଲ୍ ବାର୍ତ୍ତା ଏବଂ ସୂଚନା ପୁସ୍ତିକା ସହିତ ସଚେତନତା ରଥ ଜିଲ୍ଲାର ସମସ୍ତ ଆଞ୍ଚଳ ବୁଲି ପ୍ରଚାର ପ୍ରସାର କରିବ। ବିଭିନ୍ନ ଅନୁଷ୍ଠାନ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରି ଏ ସମ୍ବନ୍ଧୀୟ ଜନ ସଚେତନତା କରାଇବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଚେତନତା ରଥର ଶୁଭାରମ୍ଭ ଅବସରରେ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଡ. ଦିବ୍ୟଲୋଚନ ମହାନ୍ତ, ଡେପୁଟୀ କଲେକ୍ଟର(ଜରୁରୀ), ସୁଜୟ ପତି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ (ଜରୁରୀ) ବାପି ବିଶ୍ୱଜିତ ସାହୁ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଚତୁର୍ଥ ଦିନରେ ଡ୍ରାଇଭର୍‌ଙ୍କ ଆନ୍ଦୋଳନ

# ଗୁଡ୍‌ସେଡ୍‌ରେ ଖରାବର୍ଷା ଖାଉଛି ଲକ୍ଷାଧିକ ଟଙ୍କାର ଅତ୍ୟାବଶ୍ୟକ ସାମଗ୍ରୀ

**କଟକ,୧୧।୭/ଏନ୍ଏନ୍ଏସ୍:** ଚତୁର୍ଥ ଦିନରେ ପହଞ୍ଚିଲା ଡ୍ରାଇଭର୍‌ଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ। ଡ୍ରାଇଭରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଶିଖରପୁରସ୍ଥିତ ଗୁଡ୍‌ସେଡ୍‌ରେ ଗଚ୍ଛିତ ହୋଇ ରହିଥିବା ଲକ୍ଷାଧିକ ଟଙ୍କାର ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ ଅଭାବରୁ ଏବେ ନଷ୍ଟହେବାକୁ ବସିଲାଣି। ଯାହାଫଳରେ ଟ୍ରେଡର୍ସ, ଗାଡ଼ିମାଲିକ, ଶ୍ରମିକ ଓ ଖାଉଟିମାନେ ହଇରାଣ ହରକତ ହେଉଥିବାର ଅଭିଯୋଗ ହେଉଛି। ତେଣୁ ତୁରନ୍ତ ସରକାର ଆନ୍ଦୋଳନରତ ଗାଡି ଡ୍ରାଇଭର୍‌ଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହାରର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ସରକାରଙ୍କ ନିକଟରେ ଗାଡି ଡ୍ରାଇଭର୍‌ମାନେ ୭ଦଫା ଦାବି ଉପସ୍ଥାପନ କରି ଆଜିକି ୪ଦିନ ହେବ ଗାଡ଼ି ନ ଚଳାଇ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର ପ୍ରଭାବ ସିଧାସଳଖ ଟ୍ରେଡର୍ସ, ଗାଡ଼ିମାଲିକ, ଲେବର୍ ଓ ସାଧାରଣ ଜନତାଙ୍କ ଉପରେ ପଡ଼ିଛି। ଲକ୍ଷାଧିକ ଟଙ୍କାର ଅତ୍ୟାବଶ୍ୟକୀୟ ସାମଗ୍ରୀ



ଲୁଣ ଓ ସିମେଣ୍ଟ କ୍ରୟକରି ଟ୍ରେଡର୍ସମାନେ ଟ୍ରେନ୍‌ରେ ଆଣି ଶିଖରପୁରସ୍ଥିତ ଗୁଡ୍‌ସେଡ୍‌ରେ ରଖିଛନ୍ତି। ମାତ୍ର ଗାଡ଼ି ନ ଚାଲିବା ଯୋଗୁଁ ଏହି ମାଲ୍ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ସମ୍ଭବ ହୋଇ ପାରୁନାହିଁ। ଫଳରେ ଗୁଡ୍‌ସେଡ୍‌ରେ ଥିବା ମାଲ୍ ଖରାବର୍ଷା ଖାଉଛି। ଟ୍ରେନ୍‌ରେ ମାଲ୍ ଆସିବା ପରେ ୱାଗନ୍ ଭିତରୁ ମାଲ୍ ବାହାରି ମାଲ୍ ଗୁଡ୍‌ସେଡ୍‌ରେ ଗଚ୍ଛିତ ହେବାକୁଥିବା ସ୍ଥାନରୁ ୯ଘଣ୍ଟା ମଧ୍ୟରେ ଖାଲି କରିବାକୁ ପଡ଼ିଥାଏ। ନଚେତ୍ ଘଣ୍ଟା ପ୍ରତି ୬ହଜାର ୩ଶହ ଟଙ୍କା ଫାଇନ୍ ଦେବାକୁ ପଡ଼ିଥାଏ। ତେଣୁ ଜୟଲକ୍ଷ୍ମୀ ଭଣ୍ଡାର, ଗୋପୀନାଥ ଭଣ୍ଡାର, ଶକ୍ତି ସଲ୍ଟ ସପ୍ଲାୟର୍ସ, ଲକ୍ଷ୍ମୀ ଟ୍ରେଡିଂ କଂପାନୀ, ଟାଟା କେମିକାଲ୍‌ସ, ଚନ୍ଦନ ଫୁଡ୍‌ସ ଓ ଏସ୍‌କେ ଜେନ୍ ପ୍ରଭୃତି ଟ୍ରେଡର୍ସମାନେ ଏବେ ହଜାର ହଜାର ଟଙ୍କା ଗୁଡ୍‌ସେଡ୍‌ରେ ମାଲ୍ ଗଚ୍ଛିତ ରଖିଥିବା କାରଣରୁ ରେଲୱେ ବିଭାଗକୁ ଜୋରିମାନା ଦେବେ ବୋଲି ଅଭିଯୋଗ କରିଛନ୍ତି। ଏଥିସହିତ ଗୁଡ୍‌ସେଡ୍‌ର ଉପର ଆଜବେଷ୍ଟସ୍ ଭାଙ୍ଗି ଯାଇଥିବା କାରଣରୁ ମାଲ୍ ଖରାବର୍ଷା ଖାଉଛି। ଗାଡ଼ି ନ ଚାଲିବା କାରଣରୁ ଗାଡ଼ିମାଲିକମାନେ ଗାଡ଼ିର ଋଣ କିସ୍ତି ଶୁଝି ନ ପାରି ହଇରାଣ ହରକତ ହେଉଛନ୍ତି ବୋଲି ବିକାଶ କୁମାର ପରିଡ଼ା, ତପନ କୁମାର ସ୍ୱାଇଁ, ମିଳନ କୁମାର ମୁଦୁଲି, ସନ୍ତୋଷ ଜେନା, ଅଶୋକ କୁମାର ପ୍ରଧାନ, ସନ୍ତୋଷ ଗୋଚ୍ଛାୟତ, ସନ୍ତୋଷ କୁମାର ନାୟକ, ସଂଜୟ କୁମାର ମଲ୍ଲ, ପ୍ରିୟବ୍ରତ ଗୋଚ୍ଛାୟତ, ଅଶୋକ କୁମାର ସାହୁ, ଶୁକଦେବ ମହାନ୍ତି, ପ୍ରିୟରଂଜନ ପ୍ରଧାନ, ଦିଲ୍ଲୀପ କୁମାର ଦଳାଇ, ପ୍ରତାପ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଗାଡ଼ିମାଲିକ ଅଭିଯୋଗ କରିଛନ୍ତି। ସେହିପରି ଏହି ଗୁଡ୍‌ସେଡ୍‌ରେ କାମ କରୁଥିବା ଦିନମଜୁରିଆ ଶ୍ରମିକମାନେ ମଧ୍ୟ କାମ ନ ପାଇବାରୁ ରୋଜଗାରହୀନ ହୋଇପଡ଼ିଛନ୍ତି ଫଳରେ ସେମାନଙ୍କ ପରିବାର ଉପରେ ସିଧାସଳଖ ଏହି ଆନ୍ଦୋଳନର ପ୍ରଭାବ ପଡ଼ିଛି। ତେଣୁ ଯଥାଶୀଘ୍ର ଏହି ଆନ୍ଦୋଳନର ସମାଧାନ ହୋଇ ପରିସ୍ଥିତି ସ୍ୱାଭାବିକ ହେବାକୁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ

# ରାଜ୍ୟର ବିକାଶରେ ମତ୍ସ୍ୟଚାଷୀଙ୍କ ଅବଦାନ ସ୍ମରଣୀୟ

**କଟକ,୧୧।୭/ଏନ୍ଏନ୍ଏସ୍:** ସମ୍ପ୍ରତି ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ ଅବସରରେ ଜିଲ୍ଲା ମତ୍ସ୍ୟ ଅଧିକାରୀ କଟକଙ୍କ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ ସ୍ୱାଗତ ଅଭିଭାଷଣ ରଖିବା ସହ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ନାୟକ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାଜଶ୍ରୀ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷି ତଥା ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ଐତିହାସିକ





ସଫଳତାକୁ ମନେ ରଖିବା ପାଇଁ ଜୁଲାଇ ୧୦ ତାରିଖକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇ ଆସୁଛି। ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍‌ଯୋଗୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବ ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଟେ। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ୧୦୦ ମତ୍ସ୍ୟଚାଷୀ ଯୋଗଦେଇଥିଲେ।

# ବିରୂପା ନଦୀରେ କୁମ୍ଭୀର: ଫଟୋ ଭାଇରାଲ, ଲୋକେ ଭୟଭୀତ

**ଟାଙ୍ଗୀ,୧୧।୭/ଏନ୍ଏନ୍ଏସ୍:** ହୀରାକୁଦ ଜଳଭଣ୍ଡାର ଫାଟକ ଖୋଲିବା ପରେ ମହାନଦୀରେ ଜଳସ୍ତର ଫୁଲିବା ସହ ବିଭିନ୍ନ ଶାଖା ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟିହୋଇଛି। ତେବେ ମହାନଦୀର ଶାଖା ନଦୀ ବିରୂପା ନଦୀର ମଧ୍ୟ ଜଳସ୍ତର ବଢ଼ିବାରେ ଲାଗିଛି। ଯେଉଁ ନଦୀ କଟକ ମହାନଦୀରୁ ବାହାରି ଯାଜପୁର ଜିଲ୍ଲାକୁ ସଂଯୋଗ କରିଛି । ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଏକ କୁମ୍ଭୀର ଦେଖାଯିବା ସହିତ ସୋସିଆଲ ମିଡିଆରେ ଏକ ଫଟୋ ଘରିବୁଲୁଛି। ଯାହାକୁ ନେଇ ନଦୀ କୂଳିଆ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ ଟାଙ୍ଗୀ ଚୌଦ୍ୱାର ବ୍ଲକ ନପଙ୍ଗ ପଞ୍ଚାୟତ ଇଟୁଆ ବାସୁଲାଇ ତୁଠାରେ ଶୁକ୍ରବାର ସକାଳୁ ନଦୀରେ ଏକ ୫ରୁ୬ଫୁଟ ଲମ୍ବର କୁମ୍ଭୀର ଦେଖିବାକୁ ପାଇବା ସହ ଫଟୋ ଉଠାଇଥିବା ପ୍ରକାଶ କରିଛନ୍ତି। ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କେହି କେହି ଏହାକୁ ଏଆଇ ଦ୍ୱାରା ଏଡିଟ୍ କରାଯାଇଥିବା ଫଟୋ କହି ଗୁଜବ ବୋଲି ଭାବୁଥିବା ବେଳେ ଆଉ କିଛି କୁମ୍ଭୀର ଦେଖିଥିବା ପ୍ରକାଶ କରିଛନ୍ତି। ଗତ ବର୍ଷ ଯାଜପୁର ଜିଲ୍ଲା ଏହି ବିରୂପା ନଦୀର ବରୀ ନିକଟରେ ଏକ କୁମ୍ଭୀର ଜଣେ ମହିଳାକୁ ଟାଣି ନେଇ ମାରିଦେଇଥିଲା। ଅନ୍ୟପକ୍ଷରେ ଘଟଣାର ସତ୍ୟତା ଜାଣିବା ପାଇଁ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ବିଭିନ୍ନ ସ୍ଥାନରେ ଗୁରୁପୂର୍ଣ୍ଣିମା



**କଟକ,୧୧।୭/ଏନ୍ଏନ୍ଏସ୍:** ସିଡିଏ ସେକ୍ଟର-୧୦ସ୍ଥିତ ମିଶନ ପରିସରରେ ସୁବୋଧ କୃଷ୍ଣ ମିଶନ ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମା'ଶୁଭଦ୍ରାଙ୍କ ବଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଓ ମିଶନ ପ୍ରମୁଖ ସ୍ୱାମୀ ଡ.କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଗୁରୁ ପୂଜାର ପଦ୍ଧତି, ପରମ୍ପରା ସମ୍ପର୍କରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ନ୍ୟାୟମୂର୍ତ୍ତି ତଥା ମିଶନ କଟକ ଶାଖାର ସଭାପତି ମନୋରଞ୍ଜନ ମହାନ୍ତି, ରାଜ୍ୟ ମିଶନର ଲୋକସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ, ଉପସଭାପତି ଶଶୀ ଭୂଷଣ ତ୍ରିପାଠୀ, ମହାସଚିବ ବିନୟ କୁମାର ନାୟକ, ନିତ୍ୟାନନ୍ଦ ମିଶ୍ର, ନକୁଳ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ମହାନ୍ତି, ବିଭୁତି ଭୂଷଣ ସାହୁ, ବିଭୁଦତ୍ତ ବେହୁରା, ସଂଗୀତା ନାୟକ, ସଂଜୀବ କୁମାର ଶତପଥି, ଅଜିତ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ପୂଜକ ନୟନ କିଶୋର ପଣ୍ଡା ପୁରୋଧା ଭାବେ ଯୋଗଦେଇ ଛପନ ଭୋଗ ଶ୍ରଦ୍ଧାଳୁମାନଙ୍କୁ ବିତରଣ କରିଥିଲେ।

## ଉତ୍କଳ ବିଦ୍ୟା ଗୌରବ ପରିଷଦ

ଉତ୍କଳ ବିଦ୍ୟା ଗୌରବ ପରିଷଦ ପକ୍ଷରୁ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଅତିଥିମାନେ ଯୋଗଦେଇ ମହାଭାରତର ରଚୟିତା ମହର୍ଷି ବ୍ୟାସଦେବଙ୍କ ସମ୍ପର୍କରେ ଏହି ପବିତ୍ର ତିଥିର ଗୁରୁ - ଶିଷ୍ୟ ସମ୍ପର୍କ କିପରି ଭାରତୀୟ ସଂସ୍କୃତିକୁ ଉନ୍ନତ କରିପାରିଛି ସେ ସମ୍ପର୍କରେ କହିଥିଲେ। ସନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା, ଅଧ୍ୟାପକ ଅଶୋକ କୁମାର ପଣ୍ଡା, ଡ. କ୍ଷୀରୋଦ କୁମାର ସାହୁ, ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ପ୍ରମୁଖ ମତାମତ ରଖିଥିଲେ। ସୁଜାତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମା ସରସ୍ୱତୀ ଶିଶୁମନ୍ଦିର



ଭଗତପୁର ସ୍ଥିତ ଶ୍ରୀମା ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଛି। ଉଦ୍ଘାଟିକା ଭାବେ ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା, ମୁଖ୍ୟ ଅତିଥି ଭାବେ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. କ୍ଷୀରୋଦ କୁମାର ସାହୁ ଯୋଗଦେଇ ଗୁରୁ ପୂର୍ଣ୍ଣିମା ପର୍ବର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିବା ସହ ମହର୍ଷି ବ୍ୟାସଦେବ ମହାଭାରତ ରଚନା ଆରମ୍ଭ କରିଥିଲେ ଏବଂ ଗୌତମ ବୁଦ୍ଧ ଉକ୍ତଦିନ ସାରନାଥ ଠାରେ ତାଙ୍କ ଦିବ୍ୟଜ୍ଞାନ ପ୍ରକାଶ କରିଥିଲେ ବୋଲି କହିଥିଲେ। ବିଦ୍ୟାଳୟର ସମ୍ପାଦକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଦେୟମୁକ୍ତ ସାଂସ୍କୃତିକ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

**ଚୌଦ୍ୱାର,୧୧।୭/ଏନ୍ଏନ୍ଏସ୍:** ସଂପ୍ରତି କୌଣସି କାରଣରୁ ଯୁବପିଢ଼ି ନିଜ ନିଜର କୌଳିକ କର୍ମରୁ ଦୁରେଇ ଯାଉଛନ୍ତି। ଫଳତଃ ସମାଜକୁ ଦରକାର ସମୟରେ କୌଳିକ କର୍ମ କରିବା ପାଇଁ ସହଯୋଗର

### କର୍ମକାଣ୍ଡ ବ୍ରାହ୍ମଣ ଦେବତା ସୃଷ୍ଟି କରିବା ଲକ୍ଷ୍ୟ

ହାତ ମିଳିବା କଷ୍ଟ ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ କର୍ମକାଣ୍ଡ ବ୍ରାହ୍ମଣ ଦେବତା ଅଭାବରୁ ଏକ ଦେୟମୁକ୍ତ ସାଂସ୍କୃତିକ ଶିକ୍ଷାକେନ୍ଦ୍ର ଆରମ୍ଭ କରାଯାଇଛି। ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ଓ ଆଗ୍ରାହାଟ ଗ୍ରାମସ୍ଥିତ ମାଧବ ମନ୍ଦିରର ମୁଖ୍ୟ ବାବାଜୀ ମନମୋହନ ଦାସଙ୍କ ମିଳିତ ସହଯୋଗରେ ମନ୍ଦିର ପରିସରରେ ସମ୍ପୂର୍ଣ୍ଣ ଦେୟମୁକ୍ତ କର୍ମକାଣ୍ଡ ସାଂସ୍କୃତିକ ଶିକ୍ଷାକେନ୍ଦ୍ରର ଶୁଭ ଉଦ୍‌ଘାଟନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପଣ୍ଡିତ ବିଭୂଦେନ୍ଦୁ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ବହୁ କର୍ମକାଣ୍ଡ ବେଦନିଷ୍ଠ ବ୍ରାହ୍ମଣମାନେ ଯୋଗଦେଇଥିବା ବେଳେ ଶିକ୍ଷାକେନ୍ଦ୍ରର



ଲକ୍ଷ୍ୟ ଏବଂ ବୈଶିଷ୍ଟ୍ୟତା ସମ୍ପର୍କରେ ସଭାପତି ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ (କବିନନ୍ଦା) କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ, ଶିକ୍ଷାକେନ୍ଦ୍ରର ଆଭିମୁଖ୍ୟ ଏବଂ କର୍ମକାଣ୍ଡ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ବ୍ରାହ୍ମଣମାନେ ଦେଶ ତଥା ଜାତି ପାଇଁ ଉତ୍ସର୍ଗୀକୃତ ହେବା ଆବାୟକ ବୋଲି ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା ପରାମର୍ଶ ଦେଇଥିଲେ। କେବଳ ମନ୍ଦିର ଓ ଯଜ୍ଞାନୁଷ୍ଠାନ ଆଦି ଗଢ଼ି ଦେଲେ ହେବ ନାହିଁ ବରଂ ସେଥିପାଇଁ ନୈଷ୍ଠିକ ବ୍ରାହ୍ମଣ ଦେବତାଙ୍କ ଆବଶ୍ୟକକୁ ଏଡ଼ାଇ ଦିଆଯାଇ ହେବନି ବୋଲି ହେବା ସହସମ୍ପାଦକ ପଣ୍ଡିତ ପବିତ୍ର ମୋହନ ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଗୁରୁପ୍ରତିମ ଭାବେ ପଣ୍ଡିତ ରମାନାଥ ଆଚାର୍ଯ୍ୟଙ୍କୁ ବରଣୀ କରାଯିବା ପରେ ନୂତନ ଭାବେ ଶିକ୍ଷାକେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଛାତ୍ରମାନଙ୍କୁ ସେ ଶିକ୍ଷାପ୍ରଦାନ ଆରମ୍ଭ କରିଥିଲେ। ପ୍ରତ୍ୟେକ ମାସର ରବିବାର ଦିନ ଦେୟମୁକ୍ତ ଶିକ୍ଷାଦାନ କରାଯିବା ସହ ଏହାର ଅବଧି ଏକବର୍ଷ ପର୍ଯ୍ୟନ୍ତ ରହିବ ବୋଲି ପଣ୍ଡିତ ସୁନୀଲ କୁମାର ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି। ଏଥି ସହିତ ଯେଉଁ ବ୍ରାହ୍ମଣ ଦେବତାମାନେ ଏହି ଶିକ୍ଷାକେନ୍ଦ୍ରରେ ବିଦ୍ୟାଗ୍ରହଣ ପାଇଁ ଇଚ୍ଛୁକ ସେମାନେ ୯୪୩୭୪୪୧୬୨୨ ନମ୍ବରରେ ଯୋଗାଯୋଗ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଦ୍ୟାର୍ଥୀ ଭାବେ ଓମ୍‌ପ୍ରକାଶ ପଣ୍ଡା, ସୌମ୍ୟରଞ୍ଜନ ଦାଶ, ମଳୟ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରୁଦ୍ରନାରାୟଣ ପଣ୍ଡା, ପ୍ରୀତିରଞ୍ଜନ ପଣ୍ଡା, ଓମ୍‌ପ୍ରକାଶ ପଣ୍ଡା, ଶୁଭମ୍ ପଣ୍ଡା, ଚତୁର୍ଭୂଜ ପଣ୍ଡା, ଦେବଦର୍ଶୀ ପଣ୍ଡା ଓ ଅଭିଷେକ ପଣ୍ଡା ଶିକ୍ଷାକେନ୍ଦ୍ରରେ ନିଜର ନାମ ପଞ୍ଜିକରଣ କରିଥିବା ଜଣାପଡ଼ିଛି। ଏହି ଅବସରରେ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ପ୍ରଥମ ସରକାରୀ ପଞ୍ଜିକୃତ ସାମ୍ବାଦିକ ସଂଗଠନ ପ୍ରେସ୍ ଟ୍ରଷ୍ଟ ଅଫ୍ ଟାଙ୍ଗୀ-ଚୌଦ୍ୱାରର ସଦସ୍ୟମାନଙ୍କୁ ସମିତିର ସଭାପତି ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯାମୀ ଦାଶ, ସନ୍ତୋଷ ଷଡ଼ଙ୍ଗୀ, ବୈଦ୍ୟନାଥ ମିଶ୍ର, ମାନସ ରଞ୍ଜନ ପଣ୍ଡା, ରଞ୍ଜନ ପଣ୍ଡା, ତପନ ତ୍ରିପାଠୀ, ସୁଧାଂଶୁ ଷଡ଼ଙ୍ଗୀ, ପ୍ରମୋଦ ପଣ୍ଡା, ପାର୍ଥସାରଥୀ କର, ରମେଶ କୁମାର ମିଶ୍ର, ଅଜୟ ପଣ୍ଡା, ବିନୟ ପଣ୍ଡା, ରଞ୍ଜିତ କର ପ୍ରମୁଖ ଉପସ୍ଥିତ ଥିବାବେଳେ ଶେଷରେ ପାର୍ଥସାରଥୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଆସାମୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୧୧।୭/ଏନ୍ଏନ୍ଏସ୍:** ଜଣେ ନାବାଳିକାକୁ ଅପହରଣ କରିବା ଓ ତାକୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ମାମଲାରେ କଟକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଆସାମୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। କୋର୍ଟ ଏହି ମାମଲାରେ କଟକ ଜିଲ୍ଲାର ବଡ଼ମ୍ବା ମଝିପଡ଼ାର ଆସାମୀ ବିଜୟ ପ୍ରଧାନ (୨୭)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜୋରିମାନା ଦାଖଲ କରିନପାରିଲେ ଆସାମୀଙ୍କୁ ଆଉ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ କହିଛନ୍ତି। ୨୦୨୩ ମସିହା ଜାନୁୟାରୀ ୫ ତାରିଖରେ ଆସାମୀ ଜଣେ ୧୫ ବର୍ଷୀୟା ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ନେଇଥିଲା। ପରେ ଦୁଷ୍କର୍ମ କରିବା ସହ ଏକୁଟିଆ ଛାଡ଼ି ଫେରାର୍ ହୋଇଯାଇଥିଲା। ଏ ନେଇ ପୀଡ଼ିତାର ପରିବାର ପକ୍ଷରୁ ୨୦୨୩ ମସିହା ଜାନୁୟାରୀ ୧୨ ତାରିଖରେ ଗୁରର୍ଡିଝାଟିଆ ଥାନାରେ ଏତଲା ରୁଜୁ କରାଯାଇଥିଲା। ୨୦୨୩ ଏପ୍ରିଲ୍ ୧୭ ତାରିଖରେ ପୁଲିସ୍ ଆସାମୀ ବିରୋଧରେ ଅଭିଯୋଗପର୍ଦ୍ଦ ଦାଖଲ କରିଥିଲାବେଳେ କୋର୍ଟ ଆସାମୀ ବିରୋଧରେ ୨୦୨୪ ଫେବୃୟାରୀ ୨୩ ତାରିଖରେ ଚାର୍ଜଫ୍ରେମ୍ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ଚାଷଜମିକୁ ବର୍ଜ୍ୟଜଳ ଛାଡ଼ିବା ଘଟଣା

# ଉଚ୍ଚସ୍ତରୀୟ ତଦନ୍ତ କଲେ ଉପଜିଲ୍ଲାପାଳ

**ଟାଙ୍ଗୀ,୧୧।୭/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତ ବରପଦାସ୍ଥିତ ଏକ ବିୟର କମ୍ପାନୀ ଚାଷଜମିକୁ ନିଶାଯୁକ୍ତ ବର୍ଜ୍ୟଜଳ ଛାଡ଼ିବା, ଭୂତଳ ଜଳ ବ୍ୟବହାର ସହ ବନ୍ୟଜନ୍ତୁଙ୍କୁ ବିପଦରେ ପକାଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପ୍ରଥମେ ସ୍ଥାନୀୟ ଚାଷୀ ଅମିତ କୁମାର ସିଙ୍କୁ ଅତିରିକ୍ତ ତହସିଲଦାର୍‌ଙ୍କୁ ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମେ' ୪ରେ ଅତିରିକ୍ତ ତହସିଲଦାରଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗରେ ଅଧୀକ୍ଷଣ ଯନ୍ତ୍ରୀ, ଜିଲ୍ଲ ଶିଳ୍ପ ଅଧିକାରୀ, କାରଖାନା ଏବଂ ବଏଲ୍‌ଲର୍ସ ନିର୍ଦ୍ଦେଶାଳୟ ଓଡ଼ିଶା, ଅବକାରୀ ଅଧୀକ୍ଷକ ପ୍ରମୁଖ ତଦନ୍ତ କରିଥିଲେ। ତଦନ୍ତର କିଛି ଦିନ ବ୍ୟବଧାନରେ ଅନ୍ୟ ଦୁଇଜଣ ଚାଷୀ ମଳୟ କୁମାର ସାହୁ ଓ ଗଣେଶ୍ୱର ବେହେରା ସମାନ ଅଭିଯୋଗ ଆଣିଥିଲେ। ପୁଣି ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଜ୍ୟୋତି ଦେଓ, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କେନ୍ଦ୍ରୀୟ ଭୂତଳ ଜଳ ବିଭାଗୀୟ ଅଧିକାରୀବୃନ୍ଦ ତଦନ୍ତ କରିବା ସହ ପରୀକ୍ଷା ନିରୀକ୍ଷା ଚାଷ ଜମିରୁ ମୃତ୍ତିକା ଓ ବର୍ଜ୍ୟଜଳ ସଂଗ୍ରହ କରି ଫେରିଯାଇଛନ୍ତି। ଆମକୁ ନ୍ୟାୟ ମିଳିବ ବୋଲି ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି କହିଛନ୍ତି ଚାଷୀ।

## ଲର୍ଡ୍ସ ଟେଷ୍ଟ: ରୁଟ୍‌ଙ୍କ ଶତକ, ବୁମ୍‌ରାଙ୍କୁ ୫ ୱିକେଟ୍

# ଇଂଲଣ୍ଡ ପ୍ରଥମ ଇନିଂସ୍ ୩୮୭ ରନ୍‌ରେ ଶେଷ

## ଭାରତ ପ୍ରଥମ ଇନିଂସ୍ ୧୪୫/୩

**ଲଣ୍ଡନ,୧୧।୭/ଏଜେନ୍ସି:** ଐତିହାସିକ ଲର୍ଡ୍ସରେ ଖେଳାଯାଉଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଇଂଲଣ୍ଡ ପ୍ରଥମ ଇନିଂସ୍‌ରେ ୩୮୭ ରନ୍ କରି ଅଲ୍‌ଆଉଟ୍ ହୋଇଛି। ଜବାବରେ ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଭାରତ ପ୍ରଥମ ଇନିଂସ୍‌ରେ ୩ ୱିକେଟ୍ ହରାଇ ୧୪୫ ରନ୍ କରି ୨୪୨ ରନ୍ ପଛରେ ରହିଛି। ଷ୍ଟମ୍ପ ବେଳକୁ କେଏଲ୍ ରାହୁଲ ୫୩ ରନ୍ ଏବଂ ଋଷଭ ପନ୍ତ୍ ୧୯ ରନ୍‌ରେ ଅପରାଜିତ ଥିଲେ।

ଜବାବରେ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ଓଭର୍‌ରେ ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ (୧୩)ଙ୍କ ୱିକେଟ୍ ହରାଇଥିଲା। ଦୀର୍ଘ ଚାରିବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଜୋଫ୍ରା ଆର୍ଚର୍ ତାଙ୍କୁ ସ୍ଲିପ୍‌ରେ ହ୍ୟାରୀ ବ୍ରୁକ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ କରୁଣ ନାୟର୍ (୪୦)ଙ୍କୁ ଜୋ ରୁଟ୍‌ଙ୍କ ହାତରେ କ୍ୟାଚ୍ କରାଇ ବେନ୍ ଷ୍ଟୋକ୍ସ ଭାରତକୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ। ଆଉଟ୍ ପୂର୍ବରୁ ନାୟର ଦ୍ୱିତୀୟ ୱିକେଟ୍ ପାଇଁ କେଏଲ୍ ରାହୁଲଙ୍କ ସହ ୬୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହାପରେ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ୧୬ ରନ୍ କରି କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ୱିକେଟ୍ ପଛରେ ଜେମି ସ୍ମିଥ୍‌ଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ କେଏଲ୍ ରାହୁଲ କ୍ୟାରିୟର୍‌ର ୧୯ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଖେଳ ଶେଷ ବେଳକୁ ସେ ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ପନ୍ତ୍‌ଙ୍କ ସହ ୩୮ ରନ୍‌ର ପାର୍ଟନରଶିପ୍ କରିଥିଲେ।



ଶୁକ୍ରବାର ଦ୍ୱିତୀୟ ଦିନ ଇଂଲଣ୍ଡ ୨୫୪/୨ ସ୍କୋର୍‌ରୁ ଆଗକୁ ଖେଳିଥିଲା। ସ୍କୋର୍‌ରେ ଆଉ ମାତ୍ର ୬ ରନ୍ ଯୋଗହେବା ପରେ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ (୪୪) ବୁମ୍‌ରାଙ୍କ ବଲ୍‌ରେ ବୋଲ୍ଡ ଆଉଟ୍ ହୋଇଥିଲେ। ୯୯ ରନ୍‌ରେ ଅପରାଜିତ ଥିବା ଜୋ ରୁଟ୍ ୧୦୪ ରନ୍ କରି ବୁମ୍‌ରାଙ୍କ ଶିକାର ହୋଇଥିଲେ। ଏହାପରେ ଜେମି ସ୍ମିଥ୍ (୫୧ ରନ୍) ଓ ବ୍ରାୟଡନ୍ କାର୍ସ (୫୬ ରନ୍) ୮ମ ୱିକେଟ୍ ପାଇଁ ୮୪ ରନ୍‌ର ପାର୍ଟନରଶିପ୍ କରି ସ୍କୋର୍ ୩୫୦ ରନ୍ ପାର କରାଇଥିଲେ। ସ୍ମିଥ୍‌ଙ୍କୁ ୱିକେଟ୍ ପଛରେ କ୍ୟାଚ୍ କରାଇ ଏହି ଯୋଡ଼ି ଭାଙ୍ଗିଥିଲେ। ବୁମ୍‌ରା ଇନିଂସ୍‌ରେ ୫ ୱିକେଟ୍ ଅକ୍ତିଆର କରିଥିଲେ। ଏହା ଚଳିତ ସିରିଜ୍‌ରେ ତାଙ୍କର ଦ୍ୱିତୀୟ ଏବଂ କ୍ୟାରିୟର୍‌ର ପଞ୍ଚଦଶ ୫ ୱିକେଟ୍ ସଫଳତା ଥିଲା। ଏହା ବ୍ୟତୀତ ସିରାଜ୍ ଓ ନୀତୀଶ ରେଡ୍ଡୀ ୨-୨ ଏବଂ ରବୀନ୍ଦ୍ର ଜାଡ଼େଜା ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ।

## ୱିମ୍ବଲଡନ୍: ସେମିରେ ହାରିଲେ ଫ୍ରିଟ୍‌ଜ

# ଲଗାତାର ତୃତୀୟ ଫାଇନାଲ୍‌ରେ ଅଲ୍‌କାରାଜ୍

**ଲଣ୍ଡନ,୧୧।୭/ଏଜେନ୍ସି:** ବିଶ୍ୱର ଦୁଇ ନମ୍ବର ଖେଳାଳି ସ୍ପେନ୍‌ର କାର୍ଲୋସ୍ ଅଲ୍‌କାରାଜ୍ ଲଗାତାର ତୃତୀୟ ଥର ପାଇଁ ୱିମ୍ବଲଡନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେଣ୍ଟର୍ କୋର୍ଟରେ ଖେଳାଯାଇଥିବା ୨ ଘଣ୍ଟା ୫୦ ମିନିଟ୍‌ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲ୍ ମ୍ୟାଚ୍‌ରେ ସେ ପଞ୍ଚମ ସିଡ୍ ଆମେରିକାର ଟେଲର୍ ଫ୍ରିଟ୍‌ଜଙ୍କୁ ୬-୪, ୫-୭, ୬-୩, ୭-୬(୬) ସେଟ୍‌ରେ ହରାଇ ଦେଇଛନ୍ତି। ଏହା ପୂର୍ବରୁ ଅଲ୍ ଇଂଲଣ୍ଡ କ୍ଲବ୍‌ରେ ୨୦୨୩ ଓ ୨୦୨୪ରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ହରାଇଥିବା ଅଲ୍‌କାରାଜ୍‌ଙ୍କ ଗ୍ରାଣ୍ଡସ୍ଲାମ୍ ଫାଇନାଲ୍ ରେକର୍ଡ ୫-୦ ରହିଛି। ଏବେ ୨୨ ବର୍ଷୀୟ ସ୍ପେନ୍ ଖେଳାଳି ଲଗାତାର ତୃତୀୟ ୱିମ୍ବଲଡନ୍ ଚାମ୍ପିଅନ୍‌ଶିପ୍ ଏବଂ ଷଷ୍ଠ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍‌ଠାରୁ ଗୋଟିଏ ବିଜୟ ଦୂରରେ ରହିଛନ୍ତି। ରବିବାର ବିଜୟୀ ହେଲେ ଅଲ୍‌କାରାଜ୍ ଲଗାତାର ତୃତୀୟ ୱିମ୍ବଲଡନ୍ ଟାଇଟଲ୍ ଜିତିବାରେ ଜର୍ନ ବର୍ଗ, ପିଟ୍ ସାମ୍ପ୍ରାସ୍, ରୋଜର ଫେଡେରର୍ ଏବଂ ନୋଭାକ୍ ଜୋକୋଭିଚ୍‌ଙ୍କ ପରେ ପଞ୍ଚମ ଖେଳାଳି ହେବେ।



ଗତବର୍ଷର ୟୁଏସ୍ ଓପନ୍ ରନରଅପ୍ ଫ୍ରିଟ୍‌ଜ ୨୦୦୯ରେ ରୋଜର୍ ଫେଡେରର୍‌ଙ୍କଠାରୁ ପରାଜିତ ହୋଇଥିବା ଆଣ୍ଡି ରଡିକ୍‌ଙ୍କ ପରେ ପ୍ରଥମ ଆମେରିକୀୟ ପୁରୁଷ ଭାବେ ୱିମ୍ବଲଡନ୍ ଫାଇନାଲ୍‌ରେ ପ୍ରବେଶ କରିବା ଲକ୍ଷ୍ୟରେ ଅଲ୍‌କାରାଜ୍‌ଙ୍କୁ କଡ଼ା ଟକ୍କର୍ ଦେଇଥିଲେ। ଚତୁର୍ଥ ସେଟ୍ ଟାଇବ୍ରେକର୍‌ରେ ସେ ୬-୪ରେ ଆଗୁଆ ରହି ପଞ୍ଚମ ସେଟ୍ ଜିତିବା ପାଇଁ ଦୁଇଟି ସୁଯୋଗ ପାଇଥିଲେ। କିନ୍ତୁ ପରବର୍ତ୍ତୀ ଚାରି ପଏଣ୍ଟ ଜିତି ଅଲ୍‌କାରାଜ୍ ବିଜୟ ହାସଲ କରିଥିଲେ। ଏହା ଅଲ୍‌କାରାଜ୍‌ଙ୍କ ଲଗାତାର ୨୪ତମ ବିଜୟ। ରବିବାରର ଫାଇନାଲ୍‌ରେ ଅଲ୍‌କାରାଜ୍ ନମ୍ବର ଏକ ଜାନିକ୍ ସିନର୍ କିମ୍ବା ୨୪ ଥରର ଗ୍ରାଣ୍ଡସ୍ଲାମ୍ ବିଜେତା ନୋଭାକ୍ ଜୋକୋଭିଚ୍‌ଙ୍କୁ ଭେଟିବେ।

### ସିନିଆକୋଭା-ବରବିକ୍ ମିକ୍ସଡ୍ ଡବଲ୍ସ ଚାମ୍ପିଅନ୍

ମହିଳା ଡବଲ୍ସର ମହାନ୍ ଖେଳାଳି କାଟରିନା ସିନିଆକୋଭା ନେଦରଲାଣ୍ଡ୍‌ର ସାମ୍ ବରବିକ୍‌ଙ୍କ ଯୋଡ଼ି ବ୍ରାଜିଲ୍‌ର ଲୁଇସା ଷ୍ଟେଫାନୀ ଓ ବ୍ରିଟେନ୍‌ର ଜୋ ସାଲିସ୍‌ବରୀଙ୍କୁ ୭-୬ (୩), ୭-୬(୩)ରେ ହରାଇ ୱିମ୍ବଲଡନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ୍‌ର ମିକ୍ସଡ୍ ଡବଲ୍ସ ଟାଇଟଲ୍ ଜିତିଛନ୍ତି। ୧୦ ଥରର ମହିଳା ଡବଲ୍ସ ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ୍ ଚେକ୍ ଗଣରାଜ୍ୟର ସିନିଆକୋଭା ଗୁରୁବାର ସେଣ୍ଟର୍ କୋର୍ଟରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ପ୍ରଥମ ମ୍ୟାଚ୍ ପଏଣ୍ଟ୍‌ରେ ଜୋର୍‌ଦାର ଶଟ୍ ଲଗାଇ ଟାଇଟଲ୍ ନିଜ ନାମରେ କରିଥିଲେ। ବାରବିକ୍‌ଙ୍କ ଏହା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ।

## ଇଣ୍ଡିଆନ୍ ଓପନ୍ ପାରା ଆଥ୍‌ଲେଟିକ୍ସ

# ଓଡ଼ିଶାକୁ ପ୍ରଥମ ପଦକ ଦେଲେ ଜାନକୀ ଓରାମ୍

**ବେଙ୍ଗାଲୁରୁ,୧୧।୭/ଏଜେନ୍ସି:** ସ୍ଥାନୀୟ କାନ୍ତିରାଭା ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସପ୍ତମ ଇଣ୍ଡିଆନ୍ ଓପନ୍ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ପ୍ରଥମ ଦିନ ଓଡ଼ିଶାକୁ ପ୍ରଥମ ପଦକ ଦେଇଛନ୍ତି ସ୍ପ୍ରିଣ୍ଟର୍ ଜାନକୀ ଓରାମ୍। ମହିଳା ୧୦୦ ମିଟର୍ (ଟି୧୨ ଓ ଟି୧୩) ବର୍ଗରେ ସେ ୧୪.୨୦ ସେକେଣ୍ଡ୍ ସମୟ ସହ ରୌପ୍ୟ ପଦକ ଜିତିଛନ୍ତି। ଏହି ବର୍ଗରେ ଉତ୍ତର ପ୍ରଦେଶର ସିମ୍‌ରନ୍ (୧୨.୩୦ ସେ.) ସ୍ୱର୍ଣ୍ଣ ଓ ଗୋଆର ଶଶୀ କାଲେ (୧୪.୯୦ ସେ.) ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ମହିଳା ୧୦୦ ମିଟର (ଟି୩୫, ଟି୩୭ ଓ ଟି୪୨)ରେ ଉତ୍ତର ପ୍ରଦେଶର ପ୍ରୀତି ପାଲ୍ ୧୫ ସେକେଣ୍ଡ୍ ସମୟ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।




ଦୁଇ ଥରର ପାରାଲିମ୍ପିକ୍ ଚାମ୍ପିଅନ୍ ସୁମିତ୍ ଆଣ୍ଟିଲ୍ ନିଜ ପ୍ରାଧାନ୍ୟ ବଜାୟ ରଖି ପୁରୁଷ ଜାଭେଲିନ୍ ଥ୍ରୋ (ଏଫ୍୧୨ ଓ ଏଫ୬୪)ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# କାର୍ଟିସ୍ କାମ୍ଫର୍‌ଙ୍କ ବିଶ୍ୱ କୀର୍ତ୍ତିମାନ

## ଲଗାତାର ପାଞ୍ଚ ବଲ୍‌ରେ ୫ ୱିକେଟ୍

**ନୂଆଦିଲ୍ଲୀ,୧୧।୭/ଏଜେନ୍ସି:** ଆୟର୍ଲାଣ୍ଡ ଅଲ୍‌ରାଉଣ୍ଡର୍ କାର୍ଟିସ୍ କାମ୍ଫର୍ ଏକ ବିଶ୍ୱ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ପେସାଦାର କ୍ରିକେଟ୍‌ରେ ଲଗାତାର ପାଞ୍ଚ ବଲ୍‌ରେ ୫ ୱିକେଟ୍ ଅକ୍ତିଆର କରିଛନ୍ତି। ଏହି ଉପଲବ୍ଧି ହାସଲ କରିବାରେ ସେ ପ୍ରଥମ ଖେଳାଳି ହୋଇଛନ୍ତି। କାମ୍ଫର୍ ଇଣ୍ଟର୍-ପ୍ରୋଭିନ୍‌ସିଆଲ୍ ଟି-୨୦ ଟ୍ରଫିରେ ମନ୍‌ଷ୍ଟର୍ ରେଡ୍ ପକ୍ଷରୁ ଖେଳି ନର୍ଥ-ୱେଷ୍ଟ ୱାରିୟର୍ସ ବିପକ୍ଷରେ ଏହି କାରନାମା କରିଛନ୍ତି। କାମ୍ଫର୍ ଏହି ପାଞ୍ଚ ୱିକେଟ୍ ନିଜ ସ୍ପେଲ୍‌ର ଦ୍ୱିତୀୟ ଏବଂ ତୃତୀୟ ଓଭର୍‌ରେ ନେଇଛନ୍ତି। ଦ୍ୱାଦଶ ଓଭର୍‌ର ପଞ୍ଚମ ବଲ୍‌ରେ ସେ ଜାରେଡ୍ ୱିଲ୍‌ସନ୍‌ଙ୍କୁ ବୋଲ୍ଡ କରିବା ପରେ ଅନ୍ତିମ ବଲ୍‌ରେ ଗ୍ରାହାମ୍ ଲ୍ୟୁମ୍‌ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଏହାପରେ ଚତୁର୍ଦ୍ଦଶ ଓଭର୍‌ର ପ୍ରଥମ ବଲ୍‌ରେ ଆଣ୍ଡି ମ୍ୟାକ୍‌ବ୍ରାଇନ୍ କ୍ୟାଚ୍ ଆଉଟ୍ ହୋଇଥିଲେ। ପରବର୍ତ୍ତୀ ବଲ୍‌ରେ ରାବି ମିଲର୍ ୱିକେଟ୍ ପଛରେ ଧରାପଡ଼ିଥିଲେ। ଏହାପରେ ଓଭର୍‌ର ତୃତୀୟ ବଲ୍‌ରେ ଜୋଶ୍ ୱିଲ୍ସନ୍ ବୋଲ୍ଡ ଆଉଟ୍ ହୋଇଥିଲେ। ମ୍ୟାଚ୍ ପରେ କାମ୍ଫର୍ କହିଛନ୍ତି, ମୁଁ ବୁଝିପାରୁ ନଥିଲି କ'ଣ ଘଟୁଥିଲା। ମୁଁ କେବଳ ମୋ ବୋଲିଂ ଉପରେ ଭରସା ରଖିଥିଲି ଏବଂ ସବୁ କିଛି ସାଧାରଣ ଭାବେ ଘଟିଯାଇଥିଲା। ଏହି ମ୍ୟାଚ୍‌ରେ ସେ ୨.୩ ଓଭର୍‌ରେ ମାତ୍ର ୧୬ ରନ୍ ଦେଇ ୫ ୱିକେଟ୍ ନେଇଥିଲେ। ୧୮୯ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନର୍ଥ-ୱାରିୟର୍ସ ଟିମ୍ ୮୭/୫ ସ୍କୋର୍‌ରୁ ୮୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା।








Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra